# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 2/2026 | Page 14 | ₹ 7.00 | RAYAGADA

୫୨ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 40 | ମୂଲ୍ୟ ₹୭/-






## Kia Seltos Badass. Forever.

Bigger in stance, longer in profile, and stronger in presence, the all-new Kia Seltos has arrived with a reinvigorated sense of authority. The new design strikes harder, the Trinity Panoramic Display amplifies the cabin, Ventilated Seats bring comfort, and ADAS Level 2 equips you with unmatched confidence. A complete transformation that carries forward the one thing that never changed: its unmistakable badass attitude. Experience the all-new Kia Seltos today!

**Commanding Presence** Advanced, with attitude


Command-Centric Trinity Panoramic Display


Over-the-Air (OTA) Software Updates with Kia Remote Diagnostics#


Dual Pane Panoramic Sunroof


Iconic R18 - 46.20 cm (18") Sporty Crystal Cut Alloy Wheels with Neon Brake Calipers


ADAS Level 2 with 21 Autonomous Features##


Front, Rear and Side Parking Sensors

**Robust 24 Hi-Safety Package** STANDARD ACROSS ALL VARIANTS

Front Dual Airbags | Front Seat Side Airbags | Side Curtain Airbags | Highline Tyre Pressure Monitor | ABS (Anti-lock Brake System) | BAS (Brake Assist System) | ESC (Electronic Stability Control) | VSM (Vehicle Stability Management) | HAC (Hill-start Assist Control) | ESS (Emergency Stop Signal) | Child Lock | All Wheel Disc Brakes | Rear Parking Sensors x4 | Speed Sensing Auto Door Lock | Impact Sensing Auto Door Unlock | Front & Rear All-Seat 3-Point Seat Belts with Reminder | ISOFIX (Rear Anchors) | Front Passenger Airbag On/ Off Switch | Front Passenger Airbag On/ Off Indicator | Rear Occupant Alert | DBC (Downhill Brake Control) | Rollover Sensor | Auto Light Control & Headlamp Escort Function | Rear View Camera with Dynamic Guidelines

**Kia Service** Connected • Adaptive • Responsive • Engage

3 Years Unlimited km Warranty | Extended Warranty* Up to 7 Years | My Convenience Plus* Best-in-class Cost of Ownership | Scratch Care Program* | IoT Based Smart Services* | 24x7 | 3 Years Nationwide RSA*

**Book now** | **Call** 1800 108 5000 | 093195 91407 | **Visit** www.kia.com | Kia Seltos | Look for "Kia India" @

FOR INFORMATION CONTACT: BHUBANESHWAR: CENTRAL KIA, PAHAL, PH: 7440004288, 7440002919, TRUPTI KIA, PATRAPADA, PH: 7064414001/ 7064414004/ 7064414005, PURI BYPASS ROAD, PH: 7064414001, EMPREO KIA, PATIA, PH: 9777064777, 9124401571, BHAWANIPATNA: MAJESTY KIA, PH: 9124572956, BOLANGIR: MAJESTY KIA, PH: 9124672378/ 9124572963, CUTTACK: CENTRAL KIA, PH: 9237304769, ROURKELA: KRISHNA KIA, PH: 7852941723, BALASORE: BASANTI KIA, PH: 7077732182, BERHAMPUR: CENTRAL KIA, PH: 9124563157, SAMBALPUR: CENTRAL KIA, PH: 7440004263, 7440003022, ANGUL: CENTRAL KIA, PH: 7440004255, 9124563136, JAJPUR: SANJIB KIA, PH: 9937689001, JEYPORE: MAJESTY KIA, PH: 9124572378, KEONJHAR: TRUPTI KIA, PH: 7064414005

*Terms & Conditions Apply. Ex-showroom price all India. The product & feature images shown in this ad is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this ad. The specifications and features may vary depending on models/ variants. Segment is defined as Mid SUV whose length lies between 4 220 - 4 460 mm and width between 1 760 - 1 830 mm. #Kia Connect 2.0 comes with 3 years free subscription. Kia Connect 2.0 functionality is dependent on mobile network strength. ##Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect 2.0 features and other details of any model as mentioned in this ad to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

INNOCEAN-001/26

# ନୂଆବର୍ଷର ଉତ୍ସାହ



ଇଂଲିଶ୍ ନବବର୍ଷ ୨୦୨୬ର ପ୍ରଥମ ଦିନରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।



ବର୍ଷର ପ୍ରଥମ ଦିନରେ ଘଟଗାଁ ମା' ତାରିଣୀଙ୍କ ସୁନା ବେଶ।

ଆସିଛି ଇଂଲିଶ୍ ନବବର୍ଷ ୨୦୨୬। ସମସ୍ତଙ୍କ ମନରେ ନୂଆ ଭାବନା, ଉତ୍ସାହ ଏବଂ ଖୁସି ଭରି ଦେଇଛି। ନୂଆବର୍ଷର ପ୍ରଥମ ଦିନକୁ ରାଜ୍ୟବାସୀ ବେଶ୍ ଧୁମ୍‌ଧାମରେ କାଟିଛନ୍ତି। ଠାକୁରଙ୍କ ପାଖରେ ନିଜ ସହ ପରିବାର, ସମ୍ପର୍କୀୟ, ସାଙ୍ଗସାଥୀଙ୍କ ପାଇଁ ଶୁଭ ମନାସିଛନ୍ତି। ବୁଲାବୁଲି ସହ ଭୋଜିଭାତ ଏବଂ ହସଖୁସିରେ ସମୟ ବିତାଇଛନ୍ତି। ଏଥିପାଇଁ ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ମନ୍ଦିର ଏବଂ ପର୍ଯ୍ୟଟନସ୍ଥଳଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏପରି କି ଅନେକ ଫୁଲ, ମିଠା ଏବଂ ଅଭିନନ୍ଦନ ଜଣାଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।



ଭୁବନେଶ୍ୱର ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଭୁବନେଶ୍ୱର ଉପକଣ୍ଠ ଧଉଳିଠାରେ ପର୍ଯ୍ୟଟକମାନେ ସେଲ୍‌ଫି ଉଠାଇ ମଜା ନେଉଛନ୍ତି।





ନନ୍ଦନକାନନରେ ପର୍ଯ୍ୟଟକଙ୍କ ଭିଡ଼।



ଖଣ୍ଡଗିରି ଏବଂ ଉଦୟଗିରିରେ ପର୍ଯ୍ୟଟକମାନେ ବୁଲି ମଜା ନେଉଛନ୍ତି।



କଟକଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ୱା ଧାଡ଼ି।



ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

ଧରିତ୍ରୀ
DHARITRI
52 Years






## ଅଷ୍ଟ୍ରେଲିଆ ଦଳରେ କୁପର କନୋଲି

ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଦଳରେ ଆଶ୍ଚର୍ଯ୍ୟଜନକ ଭାବେ ସ୍ଥାନ ପାଇଛନ୍ତି ଅଲ୍‌ରାଉଣ୍ଡର କୁପର କନୋଲି।

୧୨ ୦୯

## ଅନୁପମଙ୍କ ପ୍ରତିଜ୍ଞା

ବଲିଉଡ ଅଭିନେତା ଅନୁପମ ଖେର ନୂଆବର୍ଷରେ ଗରିବଙ୍କୁ ସାହାଯ୍ୟ କରିବାକୁ ଓ ନିଜ କାନ୍ଧରେ ଦୁନିଆର ବୋଝ ବୋହିବାକୁ ପ୍ରତିଜ୍ଞା କରିଛନ୍ତି।





ନୂଆବର୍ଷ ପାଳନ ଅବସରରେ କଟକ ବୋଟ୍ କ୍ଲବରେ ଗୁରୁବାର ଲୋକମାନେ ବୋଟିଂର ମଜା ନେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୧୧ ଟଙ୍କା ବୃଦ୍ଧି

### ଏଟିଏଫ୍ ମୂଲ୍ୟ ୭.୩% ହ୍ରାସ

ନୂଆଦିଲ୍ଲୀ,୧।୧



ଗୁରୁବାରଠାରୁ ୧୯ କେଜି କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୧୧୧ ଟଙ୍କା ବୃଦ୍ଧି କରାଯାଇଛି, ଯାହା ଜୁନ୍ ୨୦୨୫ ପରଠାରୁ ସର୍ବାଧିକ ବୃଦ୍ଧି। ତେବେ ଘରୋଇ ଏଲ୍‌ପିଜି ସିଲିଣ୍ଡର (୧୪.୨ କେଜି) ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଦରବୃଦ୍ଧି ପରେ ୧୯ କେଜି କମର୍ସିଆଲ ସିଲିଣ୍ଡର ମୂଲ୍ୟ ଭୁବନେଶ୍ୱରରେ ୧,୮୩୫.୫୦ ଟଙ୍କା ହୋଇଥିବାବେଳେ ଦିଲ୍ଲୀରେ ୧,୬୯୧.୫୦ ଟଙ୍କା, ମୁମ୍ବାଇରେ ୧,୬୪୨.୫୦ ଟଙ୍କା, କୋଲକାତାରେ ୧,୭୯୫ ଟଙ୍କା, ଚେନ୍ନାଇରେ ୧,୮୪୯.୫୦ ଟଙ୍କା ହୋଇଛି। ଘରୋଇ ସିଲିଣ୍ଡର (୧୪.୨ କେଜି) ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭୁବନେଶ୍ୱରରେ ଏହା ପୂର୍ବଭଳି ୮୭୯ ଟଙ୍କା ରହିଛି। କମର୍ସିଆଲ ଏଲ୍‌ପିଜି ଦରବୃଦ୍ଧି ଫଳରେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ କ୍ୟାଟରିଂ ବ୍ୟବସାୟର ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇବ, ଯାହା ଗ୍ରାହକଙ୍କୁ ଭରଣା କରିବାକୁ ପଡ଼ିବ। ଅନ୍ୟପକ୍ଷରେ ବିମାନ ଇନ୍ଧନ ବା ଆଭିଏଶନ ଟର୍ବାଇନ ଫୁଏଲ (ଏଟିଏଫ୍) ମୂଲ୍ୟରେ ୭.୩% (୭,୩୫୩.୭୫ ଟଙ୍କା/କିଲୋଲିଟର) ହ୍ରାସ କରାଯାଇଛି।

**ଆଜିର ସମ୍ପାଦକୀୟ** ଅଭିନବତ୍ୱ ଲାଭଦାୟକ

# ସୁଇସ୍ ବାର୍‌ରେ ବିସ୍ଫୋରଣ: ୪୦ ଦଗ୍ଧ

### ଶତାଧିକ ପର୍ଯ୍ୟଟକ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା

ନବବର୍ଷକୁ ସ୍ୱାଗତ କରିବା ପାଇଁ ଜିରୋ ନାଇଟ୍‌କୁ ସେଲିବ୍ରେଟ୍ କରୁଥିଲେ। ସମସ୍ତେ ନାଚଗୀତ ମଉଜମସ୍ତିରେ ମସ୍‌ଗୁଲ ଥିବାବେଳେ ହଠାତ୍ ଶୁଭିଥିଲା ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ, ହୁତୁ ହୁତୁ ହୋଇ ମାଡ଼ିଆସିଥିଲା ନିଆଁ। କେହି କିଛି ବୁଝିବା ପୂର୍ବରୁ ଜୀବନ୍ତ ଦଗ୍ଧ ହୋଇଗଲେ ଅନ୍ୟୁନ ୪୦ ଜଣ ପର୍ଯ୍ୟଟକ, ଯାହାଙ୍କ ମଧ୍ୟରେ ଅନେକ ବିଦେଶୀ ରହିଛନ୍ତି। ଏହି ଭୟାବହ ଅଗ୍ନିକାଣ୍ଡରେ ଶତାଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସୁଇଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସହରସ୍ଥିତ 'ଲେ କନ୍‌ଷ୍ଟେଲେଶନ୍ ବାର୍ ଆଣ୍ଡ ଲାଉଞ୍ଜ' ଲକ୍ସୁରି ରେଷ୍ଟୁରାଣ୍ଟରେ ଘଟିଛି ଏହି ଅଘଟଣ। ତେବେ ଏଥିରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା ନେଇ କୌଣସି ସୂଚନା ମିଳି ନ ଥିବା ଜଣେ ଅଧିକାରୀ କହିଛନ୍ତି।



କ୍ରାନ୍ସ ମୋଣ୍ଟାନା,୧।୧(ରଏଟର୍ସ/ଏ.ପି.)

ନୂଆବର୍ଷ ୨୦୨୬ର ଆଗମନ ପୃଥିବୀବାସୀଙ୍କ ପାଇଁ ହସଖୁସି, ଆନନ୍ଦ ଉଲ୍ଲାସର ସମ୍ଭାର ନେଇ ଆସିଥିବାବେଳେ ସୁଇଜରଲାଣ୍ଡର ଏକ ବାର୍‌ରେ ସ୍ଥାନୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ବିପର୍ଯ୍ୟୟ ଆଣିଛି। ପର୍ଯ୍ୟଟକମାନେ ବୁଧବାର ସ୍ଥାନୀୟ ସମୟ ରାତି ୧ଟା ୩୦ରେ ନ୍ୟୁ ଇୟର ପାଇଁ ସେଲିବ୍ରେଟ୍ କରୁଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗୁରୁବାର ସ୍ଥାନୀୟ ପୋଲିସ ଏନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଭାଲାଇସ୍ କ୍ୟାଣ୍ଟୋନ୍ ପୋଲିସ କମାଣ୍ଡର ଫ୍ରେଡେରିକ୍ ଗିସ୍‌ଲେର୍ କହିଛନ୍ତି, ଲେ କନ୍‌ଷ୍ଟେଲେଶନ୍ ବାର୍‌ରେ ଅଗ୍ନିକାଣ୍ଡ ଯୋଗୁ ବହୁ ଲୋକଙ୍କ ପ୍ରାଣହାନୀ ଘଟିଛି। ମୃତକମାନଙ୍କ ପରିଚୟ ଚିହ୍ନଟ ପାଇଁ ଉଦ୍ୟମ ଜାରି ରହିଛି। କିନ୍ତୁ ସମସ୍ତଙ୍କ ପରିଚୟ ସ୍ପଷ୍ଟ କରିବାକୁ ସମୟ ଲାଗିବ। ଏବେଠୁ ମୃତ୍ୟୁସଂଖ୍ୟା ସ୍ପଷ୍ଟ କରିହେବ ନାହିଁ। ଭାଲାଇସ୍ କ୍ୟାଣ୍ଟୋନ୍ ଆଟର୍ନି ଜେନେରାଲ ବିଟ୍ରାଇସ୍ ପିଲ୍ଲୋଉଡ୍ କହିଛନ୍ତି, ନିଆଁ ଲାଗିବା ପଛର କାରଣ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ। ବାର୍ ଭଗ୍ନାବଶେଷ ଭିତରକୁ ବିଶେଷଜ୍ଞମାନେ ଯାଇପାରି ନାହାନ୍ତି। ତେବେ ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ପିଲ୍ଲୋଉଡ୍ କହିଛନ୍ତି।

ନିଆଁକୁ ଆୟତ୍ତ କରି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ କହିଛନ୍ତି, ଏହି ରାତିରେ ସମସ୍ତେ ଏକତ୍ରିତ ହୋଇ ସେଲିବ୍ରେଶନ୍ ନାଇଟ୍ ☞ପୃଷ୍ଠା-୨

# ଉତ୍ତମ ଶାସନ: ମୁଖ୍ୟମନ୍ତ୍ରୀଙ୍କ ୧୫ ଟାସ୍କ

ଭୁବନେଶ୍ୱର,୧।୧(ସୁନିତ୍ ମିଶ୍ର)

ନୂଆ ବର୍ଷରେ ଶାସନ-ପ୍ରଶାସନକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଯୋଜନା କରିଛନ୍ତି। ଶାସନ ଓ ପ୍ରଶାସନକୁ ଚଳଚଞ୍ଚଳ ଏବଂ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଏକ ୧୫ ଦଫା ନିର୍ଦ୍ଦେଶାବଳୀ(ଟାସ୍କ) ଦେଇଛନ୍ତି। ଏହି ଦିଶା ନିର୍ଦ୍ଦେଶରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟରେ ଆସନ୍ତା ୨ ବର୍ଷ ପାଇଁ ସରକାର ରେଖାଙ୍କିତ ଲକ୍ଷ୍ୟ ହାସଲକରିବା ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ଓ ରାଜ୍ୟକୁ ଦେଶର ଶ୍ରେଷ୍ଠ ୫ଟି ବିକଶିତ ରାଜ୍ୟ ମଧ୍ୟରେ ଆଣିବାକୁ ଏକ 'ମିଶ୍ରିତ ଅର୍ଥନୀତି' ଆଡ଼କୁ ନେବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ବିଷୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ଜ୍ଞାନ-ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଏହାର ଦ୍ରୁତ ବିକାଶ ପାଇଁ କାର୍ଯ୍ୟ କରିବା ଜରୁରୀ। ରାଜ୍ୟରେ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ସବୁ ଜିଲାପାଳଙ୍କୁ ବିଭିନ୍ନ ପ୍ରକ୍ରିୟାକୁ ଫାଷ୍ଟଟ୍ରାକ୍ କରିବାକୁ ଏହି ନିର୍ଦ୍ଦେଶାବଳୀରେ ସେ ଗୁରୁତ୍ୱାରୋପ କରିଛନ୍ତି। ☞ପୃଷ୍ଠା-୨

- ଓଡ଼ିଶାକୁ ଦେଶର ଶ୍ରେଷ୍ଠ ୫ ବିକଶିତ ରାଜ୍ୟ ଭିତରେ ଆଣ
- ୨ ବର୍ଷରେ ଖାଲିଥିବା ସରକାରୀ ପଦବୀ ପୂରଣ କର
- ସବୁ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟକୁ କେବଳ ଓଡ଼ିଆରେ କର
- ଆସୁଥିବା ଅଭିଯୋଗର ସମାଧାନ ତୁରନ୍ତ ଦରକାର



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଶାସନ-ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଫେବୃଆରୀ ୧ରୁ ସିଗାରେଟ୍, ବିଡ଼ି, ପାନମସଲା ମହଙ୍ଗା

ନୂଆଦିଲ୍ଲୀ,୧।୧

ଫେବୃଆରୀ ୧ରୁ ତମାଖୁ ସାମଗ୍ରୀ ଉପରେ ଅତିରିକ୍ତ ଅବକାରୀ ଶୁଳ୍କ ଏବଂ ପାନ ସମଲା ଉପରେ ନୂଆ ସେସ୍ ଲାଗୁ କରାଯିବା ନେଇ କେନ୍ଦ୍ର ସରକାର ବୁଧବାର ବିଜ୍ଞପ୍ତି ଜାରି କରିଛନ୍ତି। ଜିଏସ୍‌ଟି ବାହାରେ ଏହିସବୁ ଶୁଳ୍କ ଲାଗୁ ହେବାକୁ ଥିବାରୁ ସିଗାରେଟ୍, ବିଡ଼ି ଓ ପାନମସଲା ମହଙ୍ଗା ହେବ। ବର୍ତ୍ତମାନର କ୍ଷତିପୂରଣ ସେସ୍ ସ୍ଥାନରେ ନୂଆ ଶୁଳ୍କ ଓ ସେସ୍ ଲାଗିବା ଫଳରେ ଫେବୃଆରୀ ୧ରୁ ପାନ ମସଲା, ସିଗାରେଟ୍, ତମାଖୁ ଓ ଅନୁରୂପ ସାମଗ୍ରୀଗୁଡ଼ିକ ଉପରେ ଜିଏସ୍‌ଟି ପରିମାଣ ୪୦ ପ୍ରତିଶତ ଏବଂ ବିଡ଼ି ଉପରେ ୧୮ ପ୍ରତିଶତ ହେବ ବୋଲି ସରକାରୀ ବିଜ୍ଞପ୍ତିରୁ ଜଣାପଡ଼ିଛି। ପାନ ମସଲା ଉପରେ ସ୍ୱାସ୍ଥ୍ୟ ଓ ସୁରକ୍ଷା ସେସ୍ ଲାଗୁହେବାକୁ ଥିବାବେଳେ ତମାଖୁ ଓ ଏହାର ଉତ୍ପାଦଗୁଡ଼ିକ ଉପରେ ଅତିରିକ୍ତ ଅବକାରୀ ଶୁଳ୍କ ଲାଗିବ। ତମାଖୁ ସାମଗ୍ରୀ ଉପରେ ନୂଆ ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆର୍‌ପି) ଆଧାରିତ ମୂଲ୍ୟାୟନ ବ୍ୟବସ୍ଥା ଲାଗୁ ହୋଇଛି, ଯାହାଦ୍ୱାରା ଜିଏସ୍‌ଟି ମୂଲ୍ୟ ତମାଖୁ ପ୍ୟାକେଟରେ ଘୋଷିତ ଖୁଚୁରା ବିକ୍ରୟ ମୂଲ୍ୟ ଆଧାରରେ ନିର୍ଦ୍ଧାରଣ କରାଯିବ। ଗୁଟ୍‌ଖା ଉପରେ ଅତିରିକ୍ତ ୯୧ ପ୍ରତିଶତ ଅବକାରୀ ଶୁଳ୍କ ଲାଗୁ ହେବାକୁ ଥିବାବେଳେ ଚୋବାଇବା ତମାଖୁ ଏବଂ ଜର୍ଦ୍ଦା ସେଣ୍ଟେଡ୍ ଟବାକୋ ଉପରେ ୮୨ ପ୍ରତିଶତ ଶୁଳ୍କ ଲାଗୁ ହେବ। ସେହିପରି ସିଗାରେଟ୍‌ର ଲମ୍ବ ଏବଂ ଫିଲ୍ଟର ଆଧାରରେ ପ୍ରତି ୧,୦୦୦ ସିଗାରେଟ୍ ପାଇଁ ଟିକସ ପରିମାଣ ୨,୦୫୦ରୁ ୮,୫୦୦ ଟଙ୍କା ଧାର୍ଯ୍ୟ ହେବ। ଏହା ବ୍ୟତୀତ ପାନ ମସଲା କାରଖାନାର ଉତ୍ପାଦନ ସାମର୍ଥ୍ୟ ଉପରେ ସ୍ୱାସ୍ଥ୍ୟ ସେସ୍ ଲାଗୁ ହେବ। ସେସ୍‌ରୁ ମିଳିବାକୁ ଥିବା ରାଜସ୍ୱକୁ ସ୍ୱାସ୍ଥ୍ୟ ସଚେତନତା କିମ୍ବା ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟଗୁଡ଼ିକ ମଧ୍ୟରେ ଆବଣ୍ଟନ କରାଯିବ। ଏହି ସ୍ୱାସ୍ଥ୍ୟ ସେସ୍ ଜାତୀୟ ଗୁରୁତ୍ୱ, ସ୍ୱାସ୍ଥ୍ୟ ଓ ଜାତୀୟ ସୁରକ୍ଷା ପାଇଁ ଏକ ଉତ୍ସର୍ଗୀକୃତ ଓ ପୂର୍ବାନୁମେୟ ସମ୍ବଳ ଉତ୍ସ ସୃଷ୍ଟି କରିବ ବୋଲି ଗତ ମାସରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ କହିଥିଲେ।

# ଦେଓରଞ୍ଜନ ନୂଆ ଉନ୍ନୟନ କମିଶନର

ଭୁବନେଶ୍ୱର,୧।୧(ସୁନିତ୍ ମିଶ୍ର)

- ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗ ଦାୟିତ୍ୱ
- ସତ୍ୟବ୍ରତ ସାହୁ ରାଜସ୍ୱ ପର୍ଷଦ ସଦସ୍ୟ
- ବଦଳିଲେ ନୟାଗଡ଼, ଗଜପତି ଜିଲାପାଳ



ଦେଓରଞ୍ଜନ କୁମାର ସିଂ

ନୂଆବର୍ଷରେ ଓଡ଼ିଶାର ନୂଆ ଉନ୍ନୟନ କମିଶନର(ଡିସି) ଭାବେ ୧୯୯୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ଦେଓ ରଞ୍ଜନ କୁମାର ସିଂଙ୍କୁ ରାଜ୍ୟ ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି। ୧୯୯୧ ବ୍ୟାଚ୍‌ର ଆଇଏଏସ୍ ସତ୍ୟବ୍ରତ ସାହୁ ତାଙ୍କଠାରୁ ବରିଷ୍ଠ ହୋଇଥିଲେ ମଧ୍ୟ ଦେଓ ରଞ୍ଜନଙ୍କୁ ଡିସି ପଦରେ ବସାଯାଇଛି। ଅନୁ ଗର୍ଗ ମୁଖ୍ୟ ଶାସନ ସଚିବ ହେବା ପରଠାରୁ ନୂଆ ଡିସି କିଏ ହେବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ସବୁ ଚର୍ଚ୍ଚାର ଅନ୍ତ ଘଟି ଦେଓ ରଞ୍ଜନ ଏହି ପଦ ହାତେଇଛନ୍ତି। ୨ ଜାନୁଆରୀ ୧୯୬୮ରେ ଦେଓ ରଞ୍ଜନ ଜନ୍ମଗ୍ରହଣ କରିଥିଲେ। ସେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦୀର୍ଘଦିନ ଧରି ☞ପୃଷ୍ଠା-୨

# ୨୦୨୫ରେ ଭାରତ ହରାଇଛି ୧୬୬ ବାଘ

### ପୂର୍ବବର୍ଷ ତୁଳନାରେ ୪୦ ଅଧିକ

ଭୋପାଳ,୧।୧

ବିଶ୍ୱର ସର୍ବାଧିକ ବାଘ ସଂଖ୍ୟା ପାଇଁ ଜଣାଶୁଣା ଭାରତ ୨୦୨୫ ବର୍ଷରେ ୧୬୬ ବାଘଙ୍କୁ ହରାଇଛି, ଯାହାକି ପୂର୍ବବର୍ଷ ତୁଳନାରେ ୪୦ ଅଧିକ। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ର ସଦ୍ୟ ତଥ୍ୟରୁ ଏହା ଜଣାପଡ଼ିଛି। ଦେଶର 'ବ୍ୟାଘ୍ର ରାଜ୍ୟ' ଭାବେ ପରିଚିତ ମଧ୍ୟପ୍ରଦେଶରେ ୨୦୨୫ରେ ସର୍ବାଧିକ ୫୫ ବାଘଙ୍କ ମୃତ୍ୟୁ ଘଟିଥିବାବେଳେ ମହାରାଷ୍ଟ୍ରରେ ୩୮, କେରଳରେ ୧୩ ଏବଂ ଆସାମରେ ୧୨ ବାଘ ପ୍ରାଣ ହରାଇଛନ୍ତି। ମୃତ ୧୬୬ ବାଘ ମଧ୍ୟରୁ ୩୧ଟି ଛୁଆ। ବାଘ ମୃତ୍ୟୁର ବଡ଼ କାରଣ ସ୍ଥାନାଭାବ କାରଣରୁ ପରସ୍ପର ମଧ୍ୟରେ ସଂଘର୍ଷ ବୋଲି ବିଶେଷଜ୍ଞମାନେ ଅନୁଭବ କରୁଛନ୍ତି। ୨୦୨୪ରେ ମୋଟ ୧୨୬ଟି ବାଘଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୫ରେ ୪୦ଟି ଅଧିକ ବାଘଙ୍କ ଜୀବନ ଯାଇଛି। ବିଦାୟୀ ବର୍ଷରେ ପ୍ରଥମ ବାଘ ମୃତ୍ୟୁ ଜାନୁଆରୀ ୨ରେ ମହାରାଷ୍ଟ୍ରର ବ୍ରହ୍ମପୁରୀ ବନ ଖଣ୍ଡରେ ଘଟିଥିଲା। ତାହା ଏକ ପ୍ରାପ୍ତବୟସ୍କ ପୁରୁଷ ବାଘ ଥିଲା। ଏହାର ୩ ଦିନ ପରେ ମଧ୍ୟପ୍ରଦେଶର ପେଞ୍ଚ ଟାଇଗର ରିଜର୍ଭରେ ☞ପୃଷ୍ଠା-୨



# ଭୁବନେଶ୍ୱର: ୭ ଦିନରେ ପିଇଗଲେ ୩୨.୫୫ କୋଟିର ମଦ

ଭୁବନେଶ୍ୱର,୧।୧(ତ୍ରିନାଥ ମହାନ୍ତି)

୨୦୨୫କୁ ବିଦାୟ ଏବଂ ୨୦୨୬କୁ ସ୍ୱାଗତ କରିବା ଅବସରରେ ମଦ ପିଇବାରେ ରେକର୍ଡ କରିଛନ୍ତି ରାଜଧାନୀ ଭୁବନେଶ୍ୱରର ଲୋକେ। ବର୍ଷର ଶେଷ ସପ୍ତାହରେ ଅର୍ଥାତ୍ ବଡ଼ଦିନରୁ ଜିରୋନାଇଟ୍ ସେଲିବ୍ରେଶନ ଯାଏ ଦେଶୀ ଓ ବିଦେଶୀକୁ ମିଶାଇ ଲୋକେ ପିଇଛନ୍ତି ୪ ଲକ୍ଷ ଲିଟର ମଦ। ମୋଟ ୩୨.୫୫ କୋଟି ଟଙ୍କାର ମଦ ବିକ୍ରି ହୋଇଥିବା ଅବକାରୀ ବିଭାଗ ସୂଚନା ଦେଇଥିବାବେଳେ ବିଭାଗୀୟ ହିସାବ ବାହାରେ ଓ ଚୋରା କାରବାରକୁ ମିଶାଇଲେ ଏହି ପରିମାଣ ଆହୁରି ବଢ଼ିଯିବ ବୋଲି ଅନୁମାନ କରାଯାଉଛି।

ବିଭାଗୀୟ ସୂଚନାନୁସାରେ, ୨୦୨୫ ଶେଷ ସପ୍ତାହରେ ଭୁବନେଶ୍ୱରରେ ବିକ୍ରି ହୋଇଛି ଅଢ଼େଇ ଲକ୍ଷ ଲିଟର ବିଦେଶୀ ଓ ଦେଢ଼ ଲକ୍ଷ ଲିଟର ଦେଶୀ ମଦ। ୧ ଲକ୍ଷ ୭୮ ହଜାର ଲିଟର ବିୟର ବିକ୍ରି ହୋଇଛି। ବଡ଼ଦିନଠାରୁ ଜିରୋନାଇଟ୍ ମଧ୍ୟରେ ବିଭିନ୍ନ କ୍ଲବ୍, ପବ୍, ଅଫ୍ ସପ୍‌ରେ ୩୨ କୋଟି ୫୫ ଲକ୍ଷରୁ ଅଧିକ ଟଙ୍କାର ମଦ ବିକ୍ରି ହୋଇଛି। ଏଥିମଧ୍ୟରେ ୨୮ କୋଟି ୪ ଲକ୍ଷ ୮୧ ହଜାର ଟଙ୍କାର ବିଦେଶୀ ଓ ୩ କୋଟି ୫୬ ଲକ୍ଷ ୧୧ ହଜାର ଟଙ୍କାର ବିୟର କିଣିଛନ୍ତି ଲୋକେ। ସେହିଭଳି ୯୪ ଲକ୍ଷ ୨୦ ହଜାର ଟଙ୍କାର ଦେଶୀ ମଦ ବିକ୍ରି ହୋଇଛି। ବଡ଼ କଥା ଚୋରା ମଦ ବିକ୍ରି ଉପରେ ଅବକାରୀ ବିଭାଗ ଓ ପୋଲିସ ରୋକ୍ ଲଗାଇଛି। ଚୋରା ମଦ କାରବାର ନେଇ ଧରପଗଡ଼ ଜୋର୍‌ଦାର ହେବାରୁ ସରକାରୀ କାଉଣ୍ଟରରୁ ମଦ ବିକ୍ରି ବଢ଼ିଥିବା ଜଣାପଡ଼ିଛି। ସେହିପରି ଅଧିକ ମଦ କାଉଣ୍ଟର ଖୋଲାଯିବାରୁ ଏଭଳି ମଦ କାରବାର ବଢ଼ିଥିବା କୁହାଯାଉଛି।



### ବଡଦିନଠାରୁ ଜିରୋନାଇଟ୍

**୪ ଲକ୍ଷ ଲିଟର ମଦ, ୧ଲକ୍ଷ ୭୮ ହଜାର ବିୟର ପିଇଥିବା ସୂଚନା**

# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ,ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱରସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍),ସ୍ଥାନ: ଦରଖୋଲି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା ସ୍ଥାନ: ସିଂଲା, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଜିଲା ସଦର କାର୍ଯ୍ୟାଳୟ,ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- ଭୋଗରାଇ ଉତ୍ସବର ୨ୟ ସନ୍ଧ୍ୟା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଥାନାଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ଗୋପାଳପୁର ମହୋତ୍ସବ 'କିସ' ଉଦ୍‌ଘାଟନ ଉତ୍ସବ,ସ୍ଥାନ:ଗୋପାଳପୁର ଇଣ୍ଡିଆନ ପେଟ୍ରୋଲ ଟାଙ୍କି ସାମ୍ନା ମହୋତ୍ସବ ପଡ଼ିଆ, ବାହାନଗା,ସମୟ:ଅପରାହ୍ନ ୪ଟା୩୦।
- ଉତ୍ସବ ଉତ୍ତର ଓଡ଼ିଶାର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରେସ କ୍ଲବର ବାର୍ଷିକୋତ୍ସବ, ସ୍ଥାନ:ପ୍ରେସ କ୍ଲବ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ଜିଲା ପ୍ରଶାସନ ପକ୍ଷରୁ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ମହତାବ ଛକ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ସକାଳ ୯ଟା ୧୫।
- ସୁବର୍ଣ୍ଣ ଜୟନ୍ତୀ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଚିଙ୍ଗୁଡ଼ିପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।
- ବନ୍ଧୁମିଳନ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ସୁନାମୁଖୀ ଠାକୁରାଣୀ ଓଷା ଓ କାଳିସୀ ନୃତ୍ୟ, ସ୍ଥାନ : ପାଟଣା ବ୍ଲକ୍ ସ୍ୱାମ ନାଏକ ସାହି, ସମୟ: ପୂର୍ବାହ୍ନ ୧୦ଟା ୩୦।

**ମୟୂରଭଞ୍ଜ**
- ପୁରୁଣା ବାରିପଦା ପ୍ରିମିୟର ଲିଗ୍ ସିଜିନ-୫ର ଉଦ୍‌ଯାପନ ଦିବସ, ସ୍ଥାନ: ପୁରୁଣା ବାରିପଦା ଖେଳ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ୍ କଳଚୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

**କେନ୍ଦ୍ରାପଡ଼ା**
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜକିଶୋର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଧନିଆପଡ଼ା, ମର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସଙ୍କଟ ମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମଣିକୁଣ୍ଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ବାଦିପାଳା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଧର୍ମଶାଳା ମହୋତ୍ସବର ୯ମ ସନ୍ଧ୍ୟାରେ ନକାସ ଅଜିଦ୍ ବଲିଉଡ୍ ନାଇଟ୍, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଆର୍ଯ୍ୟଲେକ୍ସ ଫାଉଣ୍ଡେସନ ଫର ସୋସିଆଲ ଆକ୍ଟିଭିଟିଜର ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସନଗର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା ଉତ୍ସବ ଉଦ୍‌ଯାପନ, ସ୍ଥାନ:ଭାପୁର ବ୍ଲକ ପିଠାଖାଇ, ଫତେଗଡ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର, ସମୟ:ସକାଳ ୬ରୁ ସନ୍ଧ୍ୟା ୬ଟା।
- ଘୋଡ଼ଲାଗି ପର୍ବର ୩୭ ତମ ଦିବସ, ସ୍ଥାନ: କର୍ଣ୍ଣିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡ଼ଲାଗି ପର୍ବର ୩୭ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର : ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ରାମଚରିତ ମାନସର ଅଷ୍ଟମ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା।

**ରାୟଗଡ଼ା**
- ଗୁଣପୁର ଟେନିସ୍ ବଲ ଲିଗ୍ ସିଜନ୍-୨ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆଦର୍ଶ ଲ୍ୟାମ୍ପ ପରିସର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଲମତାପୁଟ ବ୍ଲକ୍ ପରିଦର୍ଶନ, ସ୍ଥାନ: ଲମତାପୁଟ ବ୍ଲକ ଅଞ୍ଚଳ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଧାନମଣ୍ଡି ଶୁଭାରମ୍ଭ, ସ୍ଥାନ: ଚମ୍ପିଗ୍ରାମ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ଦମୟନ୍ତୀ ମହୋତ୍ସବ ପୁଷ୍ପପୁନି ଭେଟଘାଟ ଉଦ୍‌ଘାଟନ, ସ୍ଥାନ: ପୁରୁଣା ତହସିଲ ପଡ଼ିଆ, କୋଟପାଡ଼, ସମୟ: ଅପରାହ୍ନ ୨ଟା।
- ପୁଷ ପୁନେଇ ଶୋଭାଯାତ୍ରା, ସ୍ଥାନ: ମା' ଭଗବତୀ ମନ୍ଦିର, ଜୟପୁର, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ସମ୍ବଲପୁର ଲୋକ ମହୋତ୍ସବ-୨୦୨୬ ମଞ୍ଚ ଓ ପ୍ରେକ୍ଷାଳୟ କମିଟି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସମ୍ବଲପୁର ଲୋକ ମହୋତ୍ସବ ସଂଯୋଜନା କମିଟି ବୈଠକ, ସ୍ଥାନ: ଅଇଠାପାଲିସ୍ଥିତ ବୀର୍ସା ମଇଦାନସ୍ଥିତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର ବଳରାମ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- କୃଷିରଥ ଶୁଭାରମ୍ଭ, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ୩୮ତମ ଲୋକନାଟକ ମହୋତ୍ସବ--୨୦୨୬ର ଖବରଦାତା ସମ୍ମିଳନୀ, ସ୍ଥାନ: କଲଚରାଲ ଏକାଡେମୀ, ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ଜିଲା ପ୍ରତିଷ୍ଠା ଦିବସର ଦ୍ୱିତୀୟ ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର, ସମୟ: ସନ୍ଧ୍ୟା ୫ଟା।

**ବୌଦ୍ଧ**
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

**ସୁବର୍ଣ୍ଣପୁର**
- ତୁଳସୀ ରାମାୟଣ ପାରାୟଣ, ସ୍ଥାନ: ମୁର୍ଛୁଣ୍ଡି, ମେଟାକାନି ପୀଠ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭାଲୁଡୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ପର୍ୟ୍ୟାଣ ତିହାର-୨୦୨୬ର ଦ୍ୱିତୀୟ ଦିବସ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ବିକଳପୁର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

# ଆହୁରି ଥରାଇବ

ଭୁବନେଶ୍ୱର,୧।୧ (ବନ୍ଦନା ସେଠୀ)

ନୂଆବର୍ଷରେ ଥରିଲା ସାରା ଓଡ଼ିଶା। ପ୍ରବଳ ଥଣ୍ଡା ସାଙ୍ଗକୁ ରାଜ୍ୟର ଏକାଧିକ ଅଞ୍ଚଳ ଘନ କୁହୁଡ଼ି ଆସ୍ତରଣରେ ଭରି ରହିଥିଲା। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପ୍ରବଳ କୁହୁଡ଼ି ଦେଖାଦେଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ପର୍ଯ୍ୟନ୍ତ ସୂର୍ଯ୍ୟ କିରଣ ଦେଖିବାକୁ ମିଳି ନ ଥିଲା। ରାସ୍ତାରେ ଯାତାୟାତ ସମୟରେ ମୁହଁକୁ ମୁହଁ ଦିଶୁ ନ ଥିଲା। ଆଗାମୀ ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଆହୁରି ଥରାଇବ ଶୀତ ଲହରି। ଆସନ୍ତା ୩ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବଢ଼ିବା ସମ୍ଭାବନା ରହିଥିଲେ ମଧ୍ୟ ପରେ ପୁଣି ପାରଦ ୨ରୁ ୪ଡିଗ୍ରୀ କମିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଶୁକ୍ରବାର ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ଅତି ଘନ କୁହୁଡ଼ି ଦେଖାଦେବ। ଏଥିପାଇଁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି ପୁରୀ, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ନୟାଗଡ଼, ଖୋର୍ଦ୍ଧା, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଶନିବାର ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାକୁ ଅରେଞ୍ଜ ୱାର୍ନିଂ, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

ଅପରପକ୍ଷେ ବିଭାଗର ତଥ୍ୟ ଅନୁଯାୟୀ, ଗୁରୁବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗିବାଡ଼ିରେ ୭.୫ ଡିଗ୍ରୀ ରହିଥିଲା। ତେବେ ଝାରସୁଗୁଡାରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ରହିଥିଲା, ଯାହା ସ୍ୱାଭାବିକଠାରୁ ୪.୨ ଡିଗ୍ରୀ କମ୍ ଥିଲା। ସେହିପରି ଅନୁଗୋଳ ଓ ଫୁଲବାଣୀ ୮ ଡିଗ୍ରୀ, ରାଉରକେଲା ୮.୬ଡିଗ୍ରୀ, କୋରାପୁଟ ୮.୬ଡିଗ୍ରୀ, କେନ୍ଦୁଝର ୯ଡିଗ୍ରୀ, ନବରଙ୍ଗପୁର ୯ଡିଗ୍ରୀ, ଜି.ଉଦୟଗିରି ୯.୨ଡିଗ୍ରୀ, କିରେଇ ୯.୩ଡିଗ୍ରୀ, ବୌଦ୍ଧ ୯.୬ଡିଗ୍ରୀ ଓ ସୁନ୍ଦରଗଡ଼ରେ ୯.୬ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଧା କାନ୍ଥି ପାଣି ନଡତି**
**ନଣନ୍ଦ ଗୋଡ଼ରେ ବଳା**
**ଥିରି ଥିରି କରି ଆସିବୁ ଚୋର**
**ପୁଅକୁ ଝୁଣ୍ଟିବୁ ପରା।**

ବିଦେଶରେ ସ୍ୱାମୀ, ଘରେ ନଣନ୍ଦ ଓ ପୁଅ। ଏସବୁ ସତ୍ତ୍ୱେ ଚୋରା ପୀରତିରେ ମନ ବଳିଥିବା ତରୁଣୀ ସ୍ତ୍ରୀର ପରପୁରୁଷ ପ୍ରତି ଥିବା ଆବେଗ ଓ ସତର୍କତାକୁ ଏଠାରେ ବର୍ଣ୍ଣନା କରାଯାଇଛି।

**ଅତି ସୁନ୍ଦରୀଲୋ ଚହଟ ଗୋରୀ**
**ଆଗ ତୋତେ ହେଲି ବିଭା**
**ଏବେ ଯହୁଁ ଧନ ବଅସ ସରିଲା**
**ଦାଣ୍ଡେ ବସାଉଛୁ ସଭା?**

ଅନେକ କ୍ଷେତ୍ରରେ ଧନ ଏବଂ ଯୌବନ ସରି ଆସୁଥିବାବେଳେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥାଏ। ନାରୀର ସ୍ୱାର୍ଥପର ମନୋଭାବର ଚିତ୍ର ଉତ୍ତର ବୟସରେ ଏହିଭଳି ପ୍ରକଟିତ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ

ଭୁବନେଶ୍ୱର,୧।୧ (ସୁଚିସ୍ମିତା ସାହୁ)

ନୂଆବର୍ଷର ପ୍ରଥମ ଦିନରେ ଓଡ଼ିଶାର ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇ ସହ ରାଜ୍ୟର ସାମଗ୍ରିକ ପ୍ରଗତିକୁ ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା, ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବା ପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସୁଗମ ସମନ୍ୱୟର ଗୁରୁତ୍ୱ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ରାଜ୍ୟପାଳ ମୁଖ୍ୟ ଶାସନ ସଚିବଙ୍କ ଏହି ସୌଜନ୍ୟମୂଳକ ସାକ୍ଷାତ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଜନସେବା ପାଇଁ ପ୍ରଶାସନର ନିଷ୍ଠାପରତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଲକ୍ଷ୍ୟ ହାସଲ ପାଇଁ ଦଳଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି କହିବା ସହ ରାଜ୍ୟପାଳ ଆଗାମୀ ବର୍ଷରେ ନିରନ୍ତର ବିକାଶ ଓ ରାଜ୍ୟବାସୀଙ୍କ ମଙ୍ଗଳ ଉପରେ ଗୁରୁତ୍ୱାରୋପ କରିଥିଲେ।




ଲୋକଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାକ୍ଷାତ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସୁଇସ୍ ବାର୍‌ରେ...

ରୂପେ ପାଳନ କରିବାର ଥିଲା, କିନ୍ତୁ ଏହା ସ୍ୱପ୍ନଭଙ୍ଗର ରାତି ପାଲଟିଯାଇଛି। ଆହତମାନଙ୍କୁ ସହାୟତା ଦେବା ପାଇଁ ହେଲିକପ୍ଟର ସହ ଆମ୍ବୁଲାନ୍ସଗୁଡ଼ିକ ଲାଗିଥିଲା। ସେଥିମଧ୍ୟରୁ ଅନେକ ଉଦ୍ଧାରକାରୀ ହେଲିକପ୍ଟର ବିଦେଶରୁ ଆସିଥିଲା। ଆହତଙ୍କ ସଂଖ୍ୟା ଏତେ ଅଧିକ ଯେ, ରିଜିଓନାଲ ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ ଓ ଅପରେଟିଂ ଥିଏଟରରେ ଚିକିତ୍ସା ପାଇଁ ଆଉ ଜାଗା ନାହିଁ ବୋଲି ସେମାନେ କହିଛନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ଫରାସୀ ମହିଳା ଅଗ୍ନିକାଣ୍ଡ ବେଳର ଅନୁଭୂତି ବାଣ୍ଟିବାକୁ ଯାଇ କହିଛନ୍ତି, କାଠରେ ତିଆରି ସିଲିଂକୁ ଲାଗି ବାର୍ଥଡେ କ୍ୟାଣ୍ଡେଲ ଭର୍ତ୍ତି ଏକ ବୋତଲ ରହିଥିଲା। ସେଥିରୁ କ୍ଲବ୍‌ର ବେସ୍‌ମେଣ୍ଟରେ ପ୍ରଥମେ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ଚାରିଆଡ଼େ ବ୍ୟାପିଥିଲା। ଲୋକେ ପ୍ରାଣ ବିକଳରେ ଧାଇଁବାରେ ଲାଗିଲେ। କିନ୍ତୁ ମୁଖ୍ୟ ପ୍ରସ୍ଥାନ ଦ୍ୱାର ସଂକୀର୍ଣ୍ଣ ଥିବାରୁ ସମସ୍ତେ ବାହାରିବା ସମ୍ଭବ ହୋଇ ନ ଥିଲା। ଏପରିକି ପାର୍ଟିକୁ ଯାଇଥିବା କେତେଜଣ ଆତଙ୍କିତ ଲୋକ ଝରକା ଭାଙ୍ଗି ପଳାଇବାକୁ ଉଦ୍ୟମ କରିଥିଲେ। ସେହି ସମୟରେ କେତେଜଣ ସ୍ୱଳ୍ପବୟସ୍କଙ୍କ ସମେତ ଅନ୍ୟମାନେ ଜଳିଯାଉଥିବା ସେ ଦେଖିଛନ୍ତି। ଏହା କୌଣସି ହରର୍ ସିନେମାର ଦୃଶ୍ୟଠାରୁ କମ୍ ନ ଥିଲା। ଅଗ୍ନିଶମ ବାହିନୀ ଓ ପୋଲିସ କିଛି ମିନିଟ୍ ମଧ୍ୟରେ ଆସି ପହଞ୍ଚିଥିଲେ। ତେବେ ସେତେବେଳକୁ ନିଆଁ ଅଣାୟତ୍ତ ହୋଇସାରିଥିଲା। ଅନ୍ୟ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ମତରେ ବାର୍ ଭିତରେ ନିଆଁ ଲାଗିଥିବା ଦେଖିବା ପରେ ଲୋକେ ଏତେ ଆତଙ୍କିତ ହୋଇଯାଇଥିଲେ ଯେ ସେଠାରେ ଦଳାଚକଟା ସ୍ଥିତି ଉପୁଜିଥିଲା। ସେ ତଳକୁ ଡେଇଁ ପଡ଼ିବାରୁ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ସୁଇଜରଲାଣ୍ଡ ରାଷ୍ଟ୍ରପତି ଗାଏ ପରମେଲିନ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିଜନଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥିସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ୩ ସପ୍ତାହ ତଳେ ରାଷ୍ଟ୍ରପତି ନିଯୁକ୍ତ ହୋଇଥିବା ପରମେଲିନ୍ ଗୁରୁବାର ଦାୟିତ୍ୱ ଗ୍ରହଣର ପ୍ରଥମ ଦିନରେ ଦେଶବାସୀଙ୍କୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ବିଳମ୍ବିତ ହୋଇଛି। ସମୁଦ୍ର ପତ୍ତନଠାରୁ ୩,୦୦୦ ମିଟର ଉଚ୍ଚତାରେ ଅବସ୍ଥିତ କ୍ରାନ୍ସ ମୋଣ୍ଟାନା ସହରରେ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ତେବେ ଗଲ୍ଫ ଭେନ୍ୟୁ ଭାବେ ପରିଚିତ ଏହି ସହର ଶୀତଦିନେ ବିଶେଷକରି ନୂଆବର୍ଷର ପୂର୍ବରାତିରେ ଅଧିକ ଚଳଚଞ୍ଚଳ ହୋଇଉଠେ। କ୍ରାନ୍ସ ମୋଣ୍ଟାନାର ଜନସଂଖ୍ୟା ୧୦,୦୦୦। କିନ୍ତୁ ଶୀତଦିନେ ଏହା ଅଧିକ ବ୍ୟସ୍ତବହୁଳ ହୋଇଉଠେ। ଜିରୋ ନାଇଟ୍ ସେଲିବ୍ରେଶନ୍ ବେଳେ ଏହି ଅଘଟଣ ଘଟିବା ପରେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିସ୍ଫୋରଣ କିପରି ଘଟିଲା, ତାହା ସ୍ପଷ୍ଟ କରିବା ପାଇଁ ନ୍ୟାଶନାଲ ଫରେନ୍‌ସିକ୍ ଟିମ୍ ତଦନ୍ତ ଚଳାଇଛି।

### ଉତ୍ତମ ଶାସନ:...

ସେହିପରି ଆସନ୍ତା ୨ ବର୍ଷ ମଧ୍ୟରେ ଖାଲିଥିବା ସବୁ ସରକାରୀ ପଦବୀକୁ ପୂରଣକରିବା ଦିଗରେ ପଦକ୍ଷେପ ନେବାକୁ ଉଲ୍ଲେଖ କରିଛନ୍ତି। ସେହିପରି ସରକାର ଦକ୍ଷ ଏବଂ ପ୍ରଶିକ୍ଷିତ ଅଧିକାରୀଙ୍କ ସେବା ଉପରେ ଗୁରୁତ୍ୱାରୋପ କରିବା ସହ ଦୁର୍ନୀତିଗ୍ରସ୍ତ, ଅପାରଗ ଏବଂ ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ୩୧୧ ଧାରା ଓଡ଼ିଶା ସର୍ଭିସେସ୍ ରୁଲ୍ ଅନୁଯାୟୀ ଚିହ୍ନଟକରି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଏପରିକି ବାଧ୍ୟତାମୂଳକ ସେବାନିବୃତ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିୟମିତ ଭାବେ ସମୀକ୍ଷା ଓ ମୂଲ୍ୟାୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଗବେଷଣା ଓ ମୂଲ୍ୟାୟନକୁ ଜୋର୍‌ଦେବା ପାଇଁ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ସବୁପ୍ରକାର ସରକାରୀ କାର୍ଯ୍ୟ ବିଶେଷ ଭାବେ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟକୁ କେବଳ ଓଡ଼ିଆ ଭାଷାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ଉପରେ ଗୁରୁତ୍ୱ ଦେବା ଲାଗି କୁହାଯାଇଛି। ଏ ଦିଗରେ ଖିଲାପକାରୀଙ୍କୁ କୈଫିୟତ ତଲବ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ତେଣୁ ଓଡ଼ିଆ ଭାଷାକୁ ସରକାରୀ ଭାଷାରେ ବ୍ୟବହାରକରିବା ନିମନ୍ତେ ପ୍ରତିବଦ୍ଧତାର ବାର୍ତ୍ତା ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ସେ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାରକୁ ନେବା ଜରୁରୀ ବୋଲି କହିଛନ୍ତି। ସଚିବାଳୟଠାରୁ ଆରମ୍ଭକରି ବ୍ଲକ୍ ଓ ତହସିଲସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀଙ୍କୁ ଲୋକଙ୍କ ଅଭିଯୋଗ ଶୁଣି ତାହାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର କରିବା ଲାଗି ପରାମର୍ଶ ଦିଆଯାଇଛି। ଲୋକଙ୍କ ସମସ୍ୟାକୁ ନିଜ ଆଖିରେ ଦେଖି ତାହାର ସମାଧାନ କରିବା ପାଇଁ ସବୁସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ନିମନ୍ତେ ପରାମର୍ଶ ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ସହ ସବୁ ଅଧିକାରୀଙ୍କୁ ପରିଦର୍ଶନର ଫଳାଫଳ ରିପୋର୍ଟ ପ୍ରଦାନକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନରେ ବିବେଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ୧୫ ସୂତ୍ରୀ ପରାମର୍ଶ/ନିର୍ଦ୍ଦେଶାବଳୀ ରାଜ୍ୟ ଶାସନ, ପ୍ରଶାସନକୁ ନିଶ୍ଚିତଭାବେ ଚଳଚଞ୍ଚଳ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନିର୍ଦ୍ଦେଶାବଳୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ, ଲୋକାଭିମୁଖୀ ତଥା ଗତିଶୀଳ କରିବ ବୋଲି ଚର୍ଚ୍ଚା ହେଉଛି। ନୂଆବର୍ଷକୁ ଦୃଷ୍ଟିରେ ରଖି ନୂଆ ମୁଖ୍ୟ ଶାସନ ସଚିବଙ୍କୁ ଏହି ପତ୍ର କେତେଦୂର ପ୍ରଶାସନକୁ ଚଳଚଞ୍ଚଳ କରିପାରୁଛି ତାହା ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ।

### ଦେଓରଞ୍ଜନ ନୂଆ...

ତୁଲାଇ ଆସିଛନ୍ତି। ୨ ଜାନୁଆରୀ ୨୦୨୮ରେ ଦେଓ ରଞ୍ଜନଙ୍କ କାର୍ଯ୍ୟକାଳ ଶେଷ ହେବ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦେଓ ରଞ୍ଜନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଅତିରିକ୍ତ ଭାବେ ରାଜସ୍ୱ ପର୍ଷଦର ସଦସ୍ୟ, ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି), ଓସ୍‌ଡମାର ଏମ୍‌ଡି, ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ରହିଥିଲେ। ଏବେ ସେ ଉନ୍ନୟନ କମିଶନର ଭାବେ ଯୋଜନା ଓ ସଂଯୋଜନ ବିଭାଗର ସଚିବ ଏବଂ ଅତିରିକ୍ତ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁଙ୍କୁ ଓଡ଼ିଶା ରାଜସ୍ୱ ପର୍ଷଦର ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେ ଏବେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ଏହାସହ ଅତିରିକ୍ତ ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇପିକଲ୍ ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ରହିଛନ୍ତି। ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଶୋଭା ଶର୍ମାଙ୍କୁ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶୋଭା ଶର୍ମା ଏବେ ମହିଳା ଓ ଶିଶୁ କଲ୍ୟାଣ ବିକାଶର ପ୍ରମୁଖ ସଚିବ ଅଛନ୍ତି। ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଭାସ୍କର ଜ୍ୟୋତି ଶର୍ମାଙ୍କୁ ଅତିରିକ୍ତ ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ସେ ଏବେ ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ସଚିବ ରହିଛନ୍ତି। ଏହାସହ ଅତିରିକ୍ତ ଭାବେ ଓପିସିଏଲ୍ ସିଏମ୍‌ଡି, ଓଏସ୍‌ବିଏଲ୍‌ର ଅଧ୍ୟକ୍ଷ ଭାବେ ଦାୟିତ୍ୱରେ ଅଛନ୍ତି। ୨୦୦୫ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସ୍ମିତା ରଥଙ୍କୁ ନୟାଗଡ଼ ଜିଲାର ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ସେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱରେ ରହିଥିଲେ। ନୟାଗଡ଼ ଜିଲାପାଳ ଥିବା ୨୦୧୯ ବ୍ୟାଚ୍ ଆଇଏଏସ୍ ଅଫିସର ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଗଜପତି ଜିଲାର ଜିଲାପାଳ ଭାବେ ନିଯୁକ୍ତି ମିଳିଛି।

### ୨୦୨୫ରେ ଭାରତ...

ଏକ ମାଈବାଘର ମୃତ୍ୟୁ ହୋଇଥିଲା। ଗତ ୨୮ ତାରିଖରେ ମଧ୍ୟପ୍ରଦେଶର ନର୍ଥ ସାଗର ଅଞ୍ଚଳରେ ବିଦାୟୀ ବର୍ଷର ଶେଷବାଘର ମୃତ୍ୟୁ ଘଟିଥିବା ଏନ୍‌ଟିସିଏ ତଥ୍ୟରୁ ଜଣାପଡ଼ିଛି। ବନ୍ୟପ୍ରାଣୀ ବିଶେଷଜ୍ଞ ଜୟରାମ ଶୁକ୍ଲାଙ୍କ କହିବା ଅନୁଯାୟୀ, ବାଘ ସଂଖ୍ୟା ଏକ ପରିପକ୍ୱ ସ୍ଥିତିରେ ପହଞ୍ଚିବା ପରେ ସେମାନେ ନିଜ ଅଞ୍ଚଳ ପ୍ରତିଷ୍ଠାକୁ ନେଇ ସ୍ଥାନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ମଧ୍ୟପ୍ରଦେଶରେ ବାଘ ସଂଖ୍ୟା ୬୦ ପ୍ରତିଶତ ବୃଦ୍ଧି ପାଇଛି, ଯାହାକି ଅଭୂତପୂର୍ବ। ୨୦୧୮ରେ ଦେଶରେ ୨,୯୬୭ଟି ବାଘ ଥିବାବେଳେ ୨୦୨୨ରେ ୩,୬୮୨କୁ ବୃଦ୍ଧି ପାଇଥିବା ୨୦୨୩ର ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଆକଳନ ତଥ୍ୟରୁ ଜଣାପଡ଼ିଛି। ଭାରତରେ ବିଶ୍ୱର ପ୍ରାୟ ୭୫ ପ୍ରତିଶତ ବାଘ ରହୁଥିବା ଆକଳନ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମୁଖଭାବରେ ଚନ୍ଦ୍ର ଯୋଗୁ ହସିଲେ କଥା କହିବେ। ବନ୍ଧୁ ଅର୍ଥସାହାଯ୍ୟ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ସ୍ଥଗିତ କାମରେ ଅଗ୍ରଗତିର ସମ୍ଭାବନା, ପାରିବାରିକ ସମସ୍ୟାର ସମାଧାନ ଆଶା ରହିଛି। ବିତର୍କରୁ ସମ୍ପର୍କହାନିର ପରିସ୍ଥିତି ସୃଷ୍ଟିହେବ। ସୃଜନୀଶକ୍ତିର ଅଭିବୃଦ୍ଧି ଘଟିବ। ଅତୀତକଥା ମନରେ ବ୍ୟଥା ସୃଷ୍ଟି କରିପାରେ।

**ବୃଷ** ଭାବପ୍ରବଣତାରୁ ଆତ୍ମବିଭୋର ହେବେ। କଅଁଳ କଥା କହି କାମ ହାସଲ କରିବେ। କର୍ମକ୍ଷେତ୍ରରେ ରାହୁ ବିବାଦର ସୂତ୍ରଧର ସାଜିପାରନ୍ତି। ପାରିବାରିକ କ୍ଷେତ୍ର ଅଶାନ୍ତ ରହିବ। ଋଣ ପରିଶୋଧ, ସନ୍ତାନଙ୍କ ସମସ୍ୟା, କଚେରି ମାମଲାଜନିତ ବିଚଳିତବୋଧ କରିବେ। ଆନୁଷ୍ଠାନିକ କାମରେ ସହଯୋଗ ସକାଶେ ବନ୍ଧୁବର୍ଗ ଅନୁରୋଧ କରିପାରନ୍ତି।

**ମିଥୁନ** ଆଜିର ଖର୍ଚ୍ଚ ବଢ଼ିଯିବ। ପ୍ରିୟଜନଙ୍କ ସହଯୋଗରୁ କାମହାସଲ କରିବେ। ପାରିବାରିକ ଜୀବନରେ ମତାନ୍ତର ହୋଇପାରେ। ଆର୍ଥିକ ଦୁରବସ୍ଥାକୁ ସୁଧାରି ନେବେ। ନୂତନ ବନ୍ଧୁସମ୍ପର୍କ ସୃଷ୍ଟିହେବ। ପିଲାଙ୍କ ଶିକ୍ଷା ସକାଶେ ସମସ୍ୟାର ସମ୍ମୁଖୀନ ହେବେ। ପଡ଼ୋଶୀଙ୍କ ଅପପ୍ରଚାରରେ କ୍ରୋଧିତ ହେବେ। ପାଦରେ ଆଘାତ ଲାଗିପାରେ।

**କର୍କଟ** ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଅଭିଳାଷ ପୂରଣରେ ପ୍ରତୀକ୍ଷାର ଅନ୍ତ ଘଟିବ। କର୍ମକ୍ଷେତ୍ରରେ ସ୍ଥାନାନ୍ତର ସ୍ଥଗିତ ରହିଯାଇପାରେ। ଆର୍ଥିକ ସଂକଟ ଦେଖାଦେବ। ପାରିବାରିକ ଶାନ୍ତିରୁ ଖୁସି ରହିବେ। ସାମାଜିକ ସମ୍ପର୍କ ବୃଦ୍ଧି ପାଇବ। ସହକର୍ମୀ ପ୍ରତାରଣା କରିପାରନ୍ତି। ଆଜିର ଯାତ୍ରାରେ ଅଧାବାଟରୁ ଫେରି ଆସିବାକୁ ପଡ଼ିପାରେ।

**ସିଂହ** ଚନ୍ଦ୍ରଙ୍କ ଚତୁର୍ଥରେ କେତୁ ଯୋଗୁ ପାରିବାରିକ କଳହର ଆଶଙ୍କା ରହିଛି। ସ୍ନାୟବିକ ଦୁର୍ବଳତା ଲାଗିରହିବ। ଆଣ୍ଠୁଗଣ୍ଠି ପୀଡ଼ା ଅସ୍ଥିର କରିପାରେ। ଆଶ୍ୱାସନା ଦେଇଥିବା ବ୍ୟକ୍ତିଟି ଉପରେ ଭରସା କରିପାରିବେନି। ସହକର୍ମୀ ଦାଉ ସାଧିପାରନ୍ତି। କିନ୍ତୁ ଆର୍ଥିକ ଅଭିବୃଦ୍ଧି, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ କାର୍ଯ୍ୟ ସାଧନରେ ସହାୟକ ହେବ।

**କନ୍ୟା** ଶନିଙ୍କ ଦୃଷ୍ଟି ଅଳସୁଆ କରିବ। ଆତ୍ମୀୟଙ୍କ ବିରୋଧରୁ କୌଣସି କାମ ଠିକ୍ ସମୟରେ ହୋଇପାରିବନି। ଉତ୍ତମ ବୁଝାମଣା ଯୋଗୁ ପାରିବାରିକ ଶାନ୍ତି ଅକ୍ଷୁଣ୍ଣ ରହିବ। ବାଣିଜ୍ୟରେ ଲାଭବାନ୍ ହେବେ। ପରିଜନଙ୍କ ସହିତ ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ। ନିର୍ମାଣ କାର୍ଯ୍ୟରେ ସାମୟିକ ଅସ୍ଥିରତା ଦେଖା ଦେଇପାରେ। ବିଳମ୍ବରେ ଶୁଭଖବର ମିଳିବ।

**ତୁଳା** ଷଷ୍ଠାଧିପ ବୃହସ୍ପତିଙ୍କ ଦୃଷ୍ଟି ଆପଣଙ୍କ ଗ୍ୟାସ୍ଟ୍ରିକ୍ ସମସ୍ୟା, ଆଣ୍ଠୁଗଣ୍ଠି ଦରଜକୁ ବୃଦ୍ଧି କରିବ। ଋଣ ପରିଶୋଧର ଚିନ୍ତା ମାନସିକ ସ୍ଥିତିକୁ ବିଗାଡ଼ିଦେବ। ବନ୍ଧୁଙ୍କ ସହ ସ୍ୱାତୀ ନକ୍ଷତ୍ର ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ। ଉଦାରତା ଗୁଣରୁ ପ୍ରିୟଜନଙ୍କ ଅନୁରକ୍ତି ଲାଭ କରିବେ। ଆଘାତଜନିତ ପୀଡ଼ା ପାଇବେ।

**ବିଛା** ଚନ୍ଦ୍ର କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ଆଜି ଯେଉଥିରେ ହାତ ଦେବେ ସଫଳତା ନିଶ୍ଚିତ। ଦୂରେଇଯାଇଥିବା ବନ୍ଧୁ ପାଖେଇ ଆସିବେ। ଲୋକପ୍ରିୟତା ବଢ଼ିବ। ନୂଆ ସମ୍ପର୍କ ସୃଷ୍ଟିହେବ। ପୁରୁଣା ସମ୍ପର୍କରେ ବିରୋଧାଭାଷ, ପାରିବାରିକ ମତାନ୍ତର, ସହକର୍ମୀ ଭୁଲ୍ ବୁଝିପାରନ୍ତି ଏବଂ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

**ଧନୁ** ରାଶିରେ ଏକାଧିକ ଗ୍ରହ ମନକୁ ବିଭ୍ରାନ୍ତ କରାଇପାରନ୍ତି। ପର ପାଇଁ ଘରେ କଳହର ଆଶଙ୍କା ରହିଛି। ଗୃହାରମ୍ଭ ଯୋଜନା କରିପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିବ। ବେପାର ଭଲ ଚାଲିବ। ପଦସ୍ଥ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ଦୂରଯାତ୍ରା, ମନୋରଞ୍ଜନ, ନୂତନମିତ୍ରତା, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଯୋଗୁ ଖୁସି ରହିବେ।

**ମକର** ଶୁଭଖବର ମନକୁ ଆହ୍ଲାଦିତ କରିବ। ସନ୍ତାନ ହେତୁକ ଗୌରବ ପାଇବେ। ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ମିଳିବ। ଆବଶ୍ୟକତା ବୃଦ୍ଧିରୁ ଖର୍ଚ୍ଚାନ୍ତ ହେବେ। ନୃତ୍ୟ, ସଙ୍ଗୀତ, କ୍ରୀଡ଼ାକ୍ଷେତ୍ରରେ ସମ୍ମାନିତ ହେବେ। ରପ୍ତାନି ବାଣିଜ୍ୟର ସମସ୍ୟା ସମାଧାନ ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**କୁମ୍ଭ** ରାଶିରେ ରାହୁଙ୍କ ଯୋଗୁ ମନ ସ୍ଥିର ରହିବନି। ଭଲ କାମ କରି ମଧ୍ୟ ସମାଲୋଚିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ବିବାଦ ବଢ଼ିବ। ଗଠନମୂଳକ କାମ ବାଧାପ୍ରାପ୍ତ ହେବ। ପୁରୁଣା ରୋଗପୀଡ଼ା ବୃଦ୍ଧି ପାଇବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି, ବୈଷୟିକ ଅଭିବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବନ୍ଧୁମିଳନରୁ ଖୁସି ରହିବେ।

**ମୀନ** ଶନି ପ୍ରଭାବରୁ କାମ ଅଟକି ରହିବ। କଥାଦେଇଥିବା ବନ୍ଧୁ ଦୂରେଇ ରହିପାରନ୍ତି। ଆଇନ ସହାୟତା ମିଳିବ। ବିବାଦରେ ବିଜୟୀ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ ପାଇପାରନ୍ତି। ପରିବହନରେ ସମସ୍ୟା ସମାଧାନ ହୋଇଯିବ। ପରିଜନସହ ପର୍ଯ୍ୟଟନସ୍ଥଳକୁ ଯାଇପାରନ୍ତି। ଶାରୀରିକ ଅସୁସ୍ଥତାରୁ ମନସ୍ତାପ କରିବେ।

ଆଜି ଜାନୁଆରୀ ୨ ତାରିଖ, ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ଶୁକ୍ରବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ସନ୍ଧ୍ୟା ଘ. ୦୬.୫୩ ଗତେ, ପୂର୍ଣ୍ଣିମା ଯୋଗୁ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ। ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ. ୦୯.୨୫ ଗତେ ମିଥୁନଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୫ଗତେଘ.୦୭.୦୮ ମଧ୍ୟେ,ଘ.୦୭.୫୨ ଗତେଘ.୦୯.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୨୯ ଗତେ ଘ. ୧୧.୫୦ ମଧ୍ୟେ ରାହୁ କାଳ।




# ମାଲକାନଗିରିର ବିକାଶ ତ୍ୱରାନ୍ୱିତ ହେବ: କେ.ଭି.

**▪ ୧୦ ସୂତ୍ରୀ କାର୍ଯ୍ୟପନ୍ଥାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**
**▪ ବଣ୍ଟା ହେବ ସ୍ଥାୟୀ ପଟ୍ଟା, କ୍ଷତିଗ୍ରସ୍ତଙ୍କୁ ମିଳିବ ସର୍ବାଧିକ ୭୫ହଜାର ଟଙ୍କା**

ଭୁବନେଶ୍ୱର,୧।୧ (ରବିନାରାୟଣ ଜେନା)

ଆଦିବାସୀ ଅଧ୍ୟୁଷିତ ମାଲକାନଗିରିର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟ ସରକାର ଇଂଲିଶ ନୂଆବର୍ଷରେ ବଡ଼ ପଦକ୍ଷେପ ନେଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ସେଠାରେ ହୋଇଥିବା ହିଂସାକାଣ୍ଡକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତତ୍ପରତା ପ୍ରକାଶ କରିବା ସହିତ ୧୦ସୂତ୍ରୀ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସେଠାରେ ଶାନ୍ତି ସ୍ଥାପନ ହେବା ସହିତ ଭାଇଚାରା ବଜାୟ ରହିବ ବୋଲି ସିଂହଦେଓ କହିଛନ୍ତି।

ଲୋକସେବା ଭବନରେ ଗୁରୁବାର ସନ୍ଧ୍ୟାରେ କନକବର୍ଦ୍ଧନ କହିଛନ୍ତି, ଡିସେମ୍ବର ୭ ଓ ୮ରେ ମାଲକାନଗିରି ରାଖେଲଗୁଡା ଏବଂ ଏମ୍.ଭି. ୨୬ ଗ୍ରାମରେ ଘଟିଥିବା ହିଂସାକାଣ୍ଡ ଘଟଣା ଉପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତ ୨୯ ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲାର ବିଭିନ୍ନ ସମସ୍ୟା ବିଷୟରେ ଏବଂ ମୁଖ୍ୟତଃ ଜନଜାତିଙ୍କର ଦୀର୍ଘଦିନ ବ୍ୟାପୀ ରହିଆସିଥିବା ଅସମାହିତ ପ୍ରସଙ୍ଗଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ୧୦ଟି କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ସେଥିମଧ୍ୟରେ ବିଚାରାଧୀନ ଶତାଧିକ ମାମଲାଗୁଡ଼ିକୁ ଜିଲାପାଳ ନିୟମିତ ଭାବରେ ପ୍ରତ୍ୟେକ ୧୫ଦିନରେ ସମୀକ୍ଷା କରି ଏହାର ପ୍ରଗତି ସମ୍ବନ୍ଧରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ସରକାରଙ୍କୁ ଅବଗତ କରାଇବେ। ଭୂମିହୀନ ତଥା ବାସଗୃହହୀନ ଜନଜାତି ପରିବାରକୁ ଏଫ୍.ଆର.ଏ. ଏବଂ ଓ.ଜି.ଏଲ.ଏସ. ଆଇନ ଅଧୀନରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ। ମାଛକୁଣ୍ଡ ଜଳସେଚନ ଯୋଜନାରେ ବିସ୍ଥାପିତ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଜଳସେଚନ ବିଭାଗ ସହ ସମନ୍ୱୟ ରଖି ଏହି ସମସ୍ୟାର ଦୀର୍ଘମିଆଦୀ ସମାଧାନ କରିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତି ୩ମାସରେ ମାଲକାନଗିରିର ଉପରୋକ୍ତ ତଥା ଅନ୍ୟାନ୍ୟ ରାଜସ୍ୱ ମାମଲା ଉପରେ ନିୟମିତ ସମୀକ୍ଷା କରି ସରକାରଙ୍କୁ ଅବଗତ କରାଇବେ। ଜନଜାତି ତଥା ଅନ୍ୟାନ୍ୟ ବର୍ଗର ଲୋକଙ୍କର ଜଳଭଣ୍ଡାର ପାଖରେ ଥିବା ଉଚ୍ଚ ଚାଷଜମିରେ ଜଳସେଚନ ସୁବିଧା କରାଯିବ।

ଉପମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରାଥମିକ ବିଦ୍ୟାଳୟରେ କୋୟା, ଡିଡାଇ, ବଣ୍ଡା ଜନଜାତି ଭାଷାର ଖାଲିଥିବା ଏମ.ଏଲ.ଇ. ଶିକ୍ଷକ ପଦକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ପୂରଣ କରିବ। ଜନଜାତି ତଥା ଅନ୍ୟାନ୍ୟ ବର୍ଗର ଛାତ୍ରୀଛାତ୍ରମାନେ ଯେପରି ଦଶମ ଶ୍ରେଣୀ ପରେ ମଧ୍ୟ ପଢ଼ା ଜାରି ରଖିପାରିବେ, ସେଥିନିମନ୍ତେ ଆଗାମୀ ଦିନରେ ମାଲକାନଗିରିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଅଧିକ ସଂଖ୍ୟକ ଆସନ ସୃଷ୍ଟି କରାଯିବ। ଜନଜାତି ତଥା ଅନ୍ୟାନ୍ୟ ବର୍ଗର ଛାତ୍ରୀଛାତ୍ରମାନେ ଯେପରି ଦଶମ ଶ୍ରେଣୀ ପରେ ମଧ୍ୟ ପଢ଼ା ଜାରି ରଖିପାରିବେ ସେଥିନିମନ୍ତେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଅଧିକ ସଂଖ୍ୟକ ଆସନ ସୃଷ୍ଟି କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଜିଲାର ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ରହଣି ନିମନ୍ତେ ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଛାତ୍ରାବାସ ନିର୍ମାଣ କରାଯିବ। ରାଖେଲଗୁଡା- ଏମ୍.ଭି.-୨୬ ଗ୍ରାମ ପାଇଁ ଆର୍ଥିକ ସହାୟତା ତଥା ମୃତ ଲାକେ ପଡିଆମୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯିବ।

ଏହି ଅବସରରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ମାଲକାନଗିରି ଜିଲା ପ୍ରଶାସନର ରିପୋର୍ଟ ଭିତ୍ତିରେ ଏମ୍.ଭି.୨୬ ଗ୍ରାମର ପ୍ରତ୍ୟେକ ଆଂଶିକ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ନଷ୍ଟ ହୋଇଥିବା ଘରର ମୂଲ୍ୟାଙ୍କନ ପରିମାଣ ଅନୁସାରେ ସର୍ବାଧିକ ୭୫,୦୦୦ ଟଙ୍କା ଓ କ୍ଷତିଗ୍ରସ୍ତ ଦୋକାନ ମରାମତି ନିମନ୍ତେ ସର୍ବାଧିକ ୨୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯିବ।


ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ। ନିକଟରେ ଅଛନ୍ତି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

# ମାନସିକ ବିକାରଗ୍ରସ୍ତଙ୍କୁ ଦଳିଦେଲା ହାତୀ

**୨ ଦିନରେ ନେଲାଣି ୨ ଜୀବନ**

ବନ୍ତଲା,୧।୧ (ସୁଶିତ ସାହୁ)

ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ରେଞ୍ଜରେ ଆତଙ୍କ ଖେଳାଇଛି ଏକ ଦନ୍ତାହାତୀ। ୨ ଦିନ ଭିତରେ ଉକ୍ତ ଦନ୍ତାହାତୀ ୨ ଜଣଙ୍କ ଜୀବନ ନେଇଛି। ଗତ ୩୧ ତାରିଖରେ ବନ୍ତଲା ପଞ୍ଚାୟତ ସାହାରାଗୁଡ଼ା ଗାଁ ସୁନାଭୂଇଁ ସାହି ଦାଣ୍ଡରେ ଝିଲୀ ବେହେରା (୩୫)ଙ୍କୁ ହାତୀ ଦଳି ଦେଇଥିବା ବେଳେ ଗୁରୁବାର ନୂଆବର୍ଷରେ ବଡ଼କେରା ପଞ୍ଚାୟତ ଗୁରଙ୍ଗ ଖଇରାସାହି ନିକଟ ଆଡ଼ଗଣ୍ଡି ନାଳ ପୋଲ ପାଖରେ ଜଣେ ମାନସିକ ବିକାରଗସ୍ତ ବ୍ୟକ୍ତିଙ୍କୁ ଦଳି ମାରିଦେଇଛି ହାତୀ। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଜଣକ ୪/୫ ବର୍ଷ ହେବ ଏହି ଅଞ୍ଚଳରେ ବୁଲାବୁଲି କରୁଥିଲେ। ଯିଏ ଯାହା ଦେଲେ ତାହା ଖାଉଥିଲେ। ଭୋର୍ ସମୟରେ ଘନ କୁହୁଡ଼ି ହୋଇଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ଖଇରାସାହି ଠାରୁ ନାଳ ଆଡ଼କୁ ଯାଉଥିଲେ। ଏହି ସମୟରେ ଉକ୍ତ ଦନ୍ତା ହାତୀ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ହାତୀ ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କ ଠାରୁ ଖବରପାଇ ଅନୁଗୋଳ ବନ କର୍ମଚାରୀଙ୍କ ସହ ରେଞ୍ଜର ଉଦ୍ଧବ ବେହେରା ଓ ବନ୍ତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ ବୋଲି ରେଞ୍ଜର ବେହେରା ପ୍ରକାଶ କରିଛନ୍ତି।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ଜମନକିରା, ୧।୧ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଜାତୀୟ ରାଜପଥ ୫୩ର ଷଣ୍ଢପଥର ଛକରେ ଗୁରୁବାର ନବବର୍ଷରେ ଟ୍ରକ୍ ଧକ୍କାରେ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜମନକିରା କଦଳୀମୁଣ୍ଡାର ଶ୍ରୀନିବାସ ପଧାନ (୪୨) ଓ ଅମିତ ପଧାନ(୩୩)। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଛାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ମୃତଦେହ ଜବତ କରି କୁଚିଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଜମନକିରା ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁକରି ପୋଲିସ ଟ୍ରକ୍ ଓ ବାଇକ୍‌କୁ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ କଦଳୀମୁଣ୍ଡାର ଶ୍ରୀନିବାସ ଓ ଅମିତ ଏକ ବାଇକ୍‌ରେ ନବବର୍ଷ ପାଳନକରି କୋଆଗୋଲା ପଟୁ ଜମନକିରା ଫେରୁଥିବାବେଳେ ଷଣ୍ଢପଥର ଛକରେ ଦେବଗଡ଼ ପଟୁ ସମ୍ବଲପୁରକୁ ଯାଉଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଅଗ୍ନିଶମ ବିଭାଗ ଅଧିକାରୀ ଏବଂ ପୋଲିସ ଉଦ୍ଧାରକରି ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ନନ୍ଦନକାନନ: ୨୦୨୫ରେ ବୁଲିବାକୁ ଆସିଲେ ୪୦ ଲକ୍ଷ

ବାରଙ୍ଗ,୧।୧(ଲିଙ୍ଗରାଜ ରାଉତ)

୨୦୨୫ରେ ପ୍ରାଣୀଉଦ୍ୟାନ ନନ୍ଦନକାନନ ପର୍ଯ୍ୟଟକଙ୍କ ଆଗମନରେ ଏକ ଐତିହାସିକ ସଫଳତା ହାସଲ କରିଛି। ବର୍ଷକ ମଧ୍ୟରେ ମୋଟ ୪୦,୨୦,୫୩୯ ପର୍ଯ୍ୟଟକ ନନ୍ଦନକାନନ ପରିଦର୍ଶନ କରିଛନ୍ତି। ଏହା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ରେକର୍ଡ ହୋଇଥିବା ସର୍ବାଧିକ ପର୍ଯ୍ୟଟକ। ଏଥିରୁ ୩୮,୪୩,୦୨୮ ପର୍ଯ୍ୟଟକ ନନ୍ଦନକାନନ ପ୍ରାଣୀଉଦ୍ୟାନ ଏବଂ ୧,୭୭,୫୧୧ ପର୍ଯ୍ୟଟକ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିଛନ୍ତି। ୨୦୨୫ ଇଂରାଜୀ କ୍ୟାଲେଣ୍ଡର ବର୍ଷରେ ମୋଟ୍ ୨୩.୨୩ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି, ଯାହାକି ୨୦୨୪ ମସିହାର ରାଜସ୍ୱ ତୁଳନାରେ ୧.୦୬ କୋଟି ଟଙ୍କା ଅଧିକ ରହିଛି। ୨୦୨୪ରେ ୩୭,୯୯,୬୩୨ ପର୍ଯ୍ୟଟକ ଉଭୟ ପାର୍କକୁ ଆସିଥିଲେ ବୋଲି ନନ୍ଦନକାନନ ଉପ ନିର୍ଦ୍ଦେଶକ ସନତ କୁମାର ସୂଚନା ଦେଇଛନ୍ତି।

# ଭୁବନେଶ୍ୱରରେ ରାତ୍ରିକାଳୀନ ସ୍ୱଚ୍ଛତା କାର୍ଯ୍ୟର ତଦାରଖ କଲେ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, ୧।୧ (ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବୁଧବାର ରାତିରେ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଚାଲୁଥିବା ସ୍ୱଚ୍ଛତା କାର୍ଯ୍ୟର କ୍ଷେତ୍ର ତଦାରଖ ସହିତ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ବାଣିଜ୍ୟିକ ଓ ଯାନ୍ତ୍ରିକ ସଫେଇ କାର୍ଯ୍ୟର ସମ୍ପୂର୍ଣ୍ଣ ଅବଲୋକନ କରି ସ୍ୱଚ୍ଛତା ବ୍ୟବସ୍ଥାର ପ୍ରଭାବଶୀଳତା, କାର୍ଯ୍ୟ ପ୍ରଣାଳୀ ଓ କ୍ଷେତ୍ର ଆବରଣକୁ ମୂଲ୍ୟାଙ୍କନ କରିଥିଲେ। ଏହି କ୍ରମରେ ସେ କାର୍ଯ୍ୟରତ ସ୍ୱଚ୍ଛତା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେ ଯାନ୍ତ୍ରିକ ସ୍ୱଚ୍ଛତା ପ୍ରଣାଳୀର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେଇ ସହରର ସ୍ୱଚ୍ଛତା ମାନକୁ ଆହୁରି ସୁଦୃଢ଼ କରିବା ପାଇଁ ନିୟମିତ ଓ ସୁସଂଗଠିତ ସଫେଇ କାର୍ଯ୍ୟ ଅତ୍ୟାବଶ୍ୟକ ବୋଲି କହିଥିଲେ। ଏଥିସହ ପ୍ରମୁଖ ସହରର ସ୍ୱଚ୍ଛତା କ୍ଷେତ୍ରରେ ବିଏମ୍‌ସିର କାର୍ଯ୍ୟଧାରାକୁ ପାଢ଼ୀ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହ ବିଏମ୍‌ସି କମିଶନର ଚଞ୍ଚଳ ରାଣା, ସାନିଟେଶନ ଉପକମିଶନର ଏନ୍. ଗଣେଶ ବାବୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଦଳିଲା ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା କେନ୍ଦ୍ର

କଟକ,୧।୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରାଯାଇଛି। ଏଥିସହ ପରୀକ୍ଷାର୍ଥୀମାନେ ପୁଣି ଥରେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବା ନିମନ୍ତେ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁଆରୀ ୧ ତାରିଖରୁ ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ହୋଇଛି। ଏହି ପରୀକ୍ଷା ଜାନୁଆରୀ ୯ ତାରିଖରେ ସମଗ୍ର ରାଜ୍ୟରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଗୁରୁବାର ସୂଚନା ଦେଇଛନ୍ତି।

# ବିକାଶର ସାରଥି ହେବେ ମହିଳା: ମୁଖ୍ୟସଚିବ

**ବିଶ୍ୱବଜାରରେ ହଲ୍‌ଚଲ୍ କରିବ 'ସୁଭଦ୍ରା' ବ୍ରାଣ୍ଡ୍**

ଭୁବନେଶ୍ୱର,୧।୧ (ରବିନାରାୟଣ ଜେନା)

ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜନ-୨୦୩୬ ପ୍ରସ୍ତୁତ ହୋଇଛି। ଏଥିରେ ସବୁ ବର୍ଗଙ୍କ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏହାସହିତ ସମୃଦ୍ଧ ଓଡ଼ିଶା କିଭଳି ଗଠନ ହୋଇପାରିବ ସେ ନେଇ ବହୁବିଧ କାର୍ଯ୍ୟପନ୍ଥା ରହିଛି। ତେବେ ଏହି ବିକାଶର ଶୀର୍ଷରେ ମହିଳାଙ୍କ ସ୍ୱାବଲମ୍ବୀ ନିର୍ଭର କରୁଛି। ରାଜ୍ୟର ସର୍ବାଙ୍ଗୀନ ବିକାଶରେ ଯେପରି ମହିଳାମାନେ ବିକାଶର ସାରଥି ହୋଇପାରିବେ ତାହାକୁ ନେଇ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରାଯିବ ବୋଲି ଦାୟିତ୍ୱ ନେବାର ପ୍ରଥମ ଦିନରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

ମୁଖ୍ୟସଚିବ ଗର୍ଗ କହିଛନ୍ତି, ଆଜି ହେଉଛି ମୋର ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ଦିନ। ରାଜ୍ୟର ବିକାଶ ପାଇଁ ଯେତେ ଅଧିକ ହେବ କାର୍ଯ୍ୟ କରିବୁ । ବର୍ତ୍ତମାନ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛି। ରାଜ୍ୟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଆଉ କ'ଣ ବିକାଶ ହୋଇପାରିବ ତାକୁ ନେଇ କେତେକ ଦିଗ ଉପରେ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି। ତେବେ ମହିଳାଙ୍କ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ 'ସୁଭଦ୍ରା' ଯୋଜନା କିଭଳି କାର୍ଯ୍ୟକାରୀ କରାଯାଉଛି ତାହା ଉପରେ ଡିସେମ୍ବର ୩୧ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି। ତାହାକୁ ତର୍ଜମା କରାଯାଉଛି। ଆଗାମୀ ଦିନରେ 'ସୁଭଦ୍ରା'କୁ କିଭଳି ବିଶ୍ୱସ୍ତରରେ ପହଞ୍ଚା ଯାଇପାରିବ ତାକୁ ନେଇ ଏକ ବିଶ୍ୱସ୍ତରୀୟ ବଜାର ସୃଷ୍ଟି କରାଯିବାକୁ ରହିଛି ; ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରି କରିପାରିବେ ଏବଂ ଏହା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିପାରିବ। ଫଳରେ ରାଜ୍ୟରେ ଥିବା ୬ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସ୍ୱାବଲମ୍ବୀ ହେବା ସହିତ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ। ଏହାସହିତ 'ସୁଭଦ୍ରା'କୁ ରାଜ୍ୟର ଏକ ବ୍ରାଣ୍ଡ୍ ଭାବେ ବିଶ୍ୱବଜାରରେ ପରିଚୟ ଦେବାପାଇଁ ଯୋଜନା ରହିଥିବା ମୁଖ୍ୟସଚିବ ସୂଚନା ଦେଇଛନ୍ତି।

ଏହି ଅବସରରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରାୟ ୧୫ଟି ବିଭାଗ ଏପର୍ଯ୍ୟନ୍ତ ୪୦ପ୍ରତିଶତ ଖର୍ଚ୍ଚ କରିପାରି ନ ଥିବା ଜଣାଯାଇଛି। ସେଥିମଧ୍ୟରେ କ୍ରୀଡ଼ା ଓ ଯୁବବ୍ୟାପାର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଭଳି ବିଭାଗ ରହିଛି। ନିୟମ ଅନୁଯାୟୀ ଡିସେମ୍ବର ୨୦୨୫ ସୁଦ୍ଧା ପ୍ରତ୍ୟେକ ବିଭାଗ ୬୦ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିବା କଥା। ତେଣୁ ଯେଉଁସବୁ ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରି ପାରି ନାହାନ୍ତି ତାହାକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେଦିଗରେ ମୁଖ୍ୟଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।


ଅନୁ ଗର୍ଗ

# ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା: ଭକ୍ତ

ଭୁବନେଶ୍ୱର,୧।୧ (ରବିନାରାୟଣ ଜେନା)

ରାଜ୍ୟରେ କଂଗ୍ରେସର ଅଭ୍ୟୁଦୟ ହେବ। ଏଥିପାଇଁ ନୂଆବର୍ଷରେ ରାଜ୍ୟ କଂଗ୍ରେସ ପକ୍ଷରୁ ବ୍ୟାପକ ରଣନୀତି ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ କଂଗ୍ରେସର ଲୋକ ସଭା ସଦସ୍ୟା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓଡ଼ିଶା ଗସ୍ତରେ ଆସିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ଭକ୍ତ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଏନେଇ କଥାବାର୍ତ୍ତା ସରିଛି। ମାର୍ଚ୍ଚ ୮ରେ ବିଶ୍ୱ ମହିଳା ଦିବସ ରହିଛି। ଏହି ଉପଲକ୍ଷେ ରାଜ୍ୟରେ ବଡ଼ ମହିଳା ସମାବେଶ କରିବାକୁ କଂଗ୍ରେସ ଯୋଜନା ରଖିଛି। ଏହି ମହିଳା ସମାବେଶରେ ପ୍ରିୟଙ୍କା ଯୋଗଦେଇ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାଜ୍ୟର ୧୦ଟି ଜିଲାରେ ମହିଳା ସମାବେଶ କରାଯିବାକୁ କଂଗ୍ରେସ ପ୍ରସ୍ତୁତ ହେଉଛି।

# ଚିଲିକାରେ ଭେସେଲ୍‌ରୁ ଖସିପଡ଼ି ଯାତ୍ରୀଙ୍କ ମୃତ୍ୟୁ

**କୁହୁଡ଼ି ଯୋଗୁ କୁଦରେ ଲାଗି ୩୦ ମିନିଟ୍ ଫସିଲା**

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୧।୧ (ସ୍ୱାଧୀନ ଚମ୍ପତିରାୟ /କୈଳାସ ଚନ୍ଦ୍ର ପଟ୍ଟନାୟକ)

ନୂଆବର୍ଷରେ ଗୁରୁବାର ଚିଲିକାରେ ଏକ ଦୁଃଖଦ ଘଟଣା ଘଟିଛି। ଭେସେଲ୍ ତଥା ଭସାପୋଲରୁ ଜଣେ ଯାତ୍ରୀ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମାଲକାନଗିରି ଜିଲା ବାଲିମେଲା ନୀଳାଦ୍ରିନଗର ଅଞ୍ଚଳର ଉମାଶଙ୍କର ସାବତ(୫୮)। ଅନ୍ୟପଟେ ଘନକୁହୁଡ଼ି ଯୋଗୁ ଭେସେଲ୍‌ଟି ବାଟବଣା ହୋଇ ଏକ କୁଦରେ ଲାଗିଯିବାରୁ ୩୦ ମିନିଟ୍ ଫସି ରହିଥିଲା। ପରେ ଭେସେଲକୁ ଅନ୍ୟ ଏକ ଭେସେଲ ଟାଣି ଆଣିବା ପରେ ଉଭୟ ଭେସେଲ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲେ।

ସୂଚନା ମୁତାବକ, ଗୁରୁବାର ସକାଳ ୭ଟାରେ ଚିଲିକା ଉନ୍ନୟନ ବିଭାଗର ଏକ ଭେସେଲ ୫୦ଜଣ ଯାତ୍ରୀ, ଦୁଇଟି କାର୍ ଏବଂ ଗୋଟିଏ ଯାତ୍ରୀବାହୀ ବସ୍ ନେଇ ସାତପଡ଼ାରୁ ଚିଲିକାର ଜହ୍ନିକୁଦା ଅଭିମୁଖେ ଯାତ୍ରା କରିଥିଲା। ଭେସେଲରେ ଚିଲିକା ରାଜହଂସରେ ଜିରୋନାଇଟ୍ କଟାଇବାକୁ ଆସିଥିବା ଗଞ୍ଜାମ ଜିଲା ଭେଜିପୁଟ କହ୍ନେଇପୁର ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ସମେତ ମାଲକାନଗିରି ଜିଲା ବାଲିମେଲା ନୀଳାଦ୍ରିନଗର ଅଞ୍ଚଳର ଉମାଶଙ୍କର ଏବଂ ତାଙ୍କ ପରିବାର ରହିଥିଲେ। ତେବେ ଭେସେଲଟି ବୁଲିବା ସମୟରେ ଉମାଶଙ୍କର ଚିଲିକାକୁ ଖସିପଡ଼ିଥିଲେ। ଏହି ସମୟରେ ଏତେ ଘନକୁହୁଡି ଥିଲା ଯେ, ଉମାଶଙ୍କର ଖସିପଡ଼ିବା ତାଙ୍କ ପାଖଲୋକ ମଧ୍ୟ ଜାଣିପାରି ନ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପରିବାର ଲୋକେ ଫଟୋ ଉଠାଇବାକୁ ଖୋଜିବା ସମୟରେ ଉମାଶଙ୍କରଙ୍କୁ ପାଇନଥିଲେ। ଏ ସମ୍ପର୍କରେ ସେମାନେ ଭେସେଲ କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ତେବେ ଘନକୁହୁଡ଼ି ଯୋଗୁ ଭେସେଲଟି ବାଟବଣା ହୋଇ ଚିଲିକାର ଏକ କୁଦରେ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ପ୍ରାୟ ୩୦ ମିନିଟ୍ ପରେ ଭେସେଲକୁ ଅନ୍ୟ ଏକ ଭେସେଲ ଟାଣି ଆଣିବା ପରେ ଉଭୟ ଭେସେଲ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲେ। ସେପଟେ ଚିଲିକାରେ ଉମାଶଙ୍କରଙ୍କ ଚପଲ ଓ ଟୋପି ଭାସିବା ପରେ ସେ ପାଣିରେ ପଡିଥିବା ଜଣାପଡ଼ିଥିଲା । ଖବରପାଇ ବ୍ରହ୍ମଗିରି ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହିତ ଖୋଜାଖୋଜି କରିବା ପରେ ଉମାଶଙ୍କରଙ୍କ ମୃତଦେହ ଉଦ୍ଧାର କରିଥିଲେ। ବ୍ରହ୍ମଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନାଥାଉ କି, ଘନକୁହୁଡ଼ି ସମୟରେ ଚିଲିକାରେ ଭେସେଲ ଚଳାଚଳ ବନ୍ଦ ରୁହେ। ଗୁରୁବାର ମଧ୍ୟ ଘନକୁହୁଡ଼ି ଯୋଗୁ ଭେସେଲ ଚଳାଚଳ ବାତିଲ ଥିଲା। ତେବେ କାହା ନିର୍ଦ୍ଦେଶରେ ଉକ୍ତ ଭେସେଲ ଯାତ୍ରା କରିଥିଲା, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭେସେଲରେ ଜଣେ ଚାଳକ, ହେଲ୍‌ପର, କଣ୍ଡକ୍ଟର ଏବଂ ଦୁଇଜଣ ସହଯୋଗୀ ରହିଥାନ୍ତି। ଚିଲିକାରେ ଭେସେଲ ଚଳାଚଳ ସମୟରେ ଯାତ୍ରୀମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ସେଲ୍ଫି ଉଠାଇଥାନ୍ତି । ଭେସେଲରେ ଥିବା ଦୁଇଜଣ ସହଯୋଗୀ କର୍ମଚାରୀ ଯାତ୍ରୀଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ଜଗିବା ସହିତ ସଚେତନ କରାଇଥାନ୍ତି । ତେବେ କାହାର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା, ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଉଛି।


ଉମାଶଙ୍କର ସାବତ

# ୪ରୁ କୁମ୍ଭୀର, ୧୭ରୁ ପକ୍ଷୀ ଗଣନା

**ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ବନ୍ଦ**

ଅନୁଗୋଳ,୧।୧ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ସାତକୋଶିଆ ଗଣ୍ଡ ସହ କଟକ ଜିଲା ଅନ୍ତର୍ଗତ ଶିଶୁପଥର ଜଳଭଣ୍ଡାରରେ ଚଳିତବର୍ଷ ପକ୍ଷୀ ଓ କୁମ୍ଭୀର ଗଣନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୪ ରୁ ୮ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଓ ୧୭ରୁ ୧୮ ତାରିଖ ଯାଏ ପକ୍ଷୀ ଗଣନା କରାଯିବ। ଏ ନେଇ ସାତକୋଶିଆ ବନଖଣ୍ଡ ପକ୍ଷରୁ ଚିଠି (ନଂ. ୮୧୦୫) ମାଧ୍ୟମରେ ଅନୁଗୋଳ ଓ କଟକ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଉଭୟ ସାତକୋଶିଆ ଓ ଶିଶୁପଥର ଜଳଭଣ୍ଡାର ଅଞ୍ଚଳକୁ ୨ଟି ପର୍ଯ୍ୟାୟରେ ପର୍ଯ୍ୟଟକମାନଙ୍କ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ ରୁ ୮ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପ୍ରବେଶ ନିଷିଦ୍ଧ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୭ରୁ ୧୮ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳ ବନ୍ଦ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।



"ଲୋକମାନେ ମିଥ୍ୟାକୁ ଜାବୁଡ଼ି କରି ଧରିଥାନ୍ତି। ସତେ କି ମିଥ୍ୟା ସେମାନଙ୍କର ଏକ ବହୁମୂଲ୍ୟ ସଂପଦ। ଯେ କେହି ମିଥ୍ୟା ଭିତରେ ବଂଚୁଥାଏ– ସେ ହେଉଛି ମନୁଷ୍ୟ ଜାତିର ଶତ୍ରୁ। –ଶ୍ରୀମା

-ପୂର୍ଣ୍ଣିମାର ଚନ୍ଦ୍ର ପୂଜା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା



# ଅଭିନବତ୍ୱ ଲାଭଦାୟକ


ଆଲେକ୍ସ ଫ୍ରିଏଡ୍‌ମ୍ୟାନ୍
ମ୍ୟାନେଜିଂ ଡାଇରେକ୍ଟର ଆଣ୍ଡ ପାର୍ଟନର, ବୋଷ୍ଟନ୍ କନ୍‌ସଲ୍ଟିଂ ଗ୍ରୁପ୍ ଏକ୍ସ


ଟ୍ରିଶ ଷ୍ଟ୍ରୋମ୍ୟାନ
ମ୍ୟାନେଜିଂ ଡାଇରେକ୍ଟର ଆଣ୍ଡ ସିନିୟର ପାର୍ଟନର,ବୋଷ୍ଟନ୍ କନ୍‌ସଲ୍ଟିଂ ଗ୍ରୁପ

ସାରା ବିଶ୍ୱରେ ମହିଳାମାନେ ବାର୍ଷିକ ପ୍ରାୟ ୩୨ ଟ୍ରିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ପରିଚାଳନା ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ସେମାନେ ଇଚ୍ଛାନୁମୋଦିତ ଖର୍ଚ୍ଚର ୭୫ ପ୍ରତିଶତ ନିୟନ୍ତ୍ରଣ କରିପାରିବେ ବୋଲି ଆକଳନ କରାଯାଉଛି। ତଥାପି ପ୍ରାୟ ପ୍ରତ୍ୟେକ ଶିଳ୍ପ ସେମାନେ ଆବଶ୍ୟକ କରୁଥିବା ଉତ୍ପାଦ ଯୋଗାଇପାରୁନାହାନ୍ତି। ଅନେକ ଦଶନ୍ଧି ଧରି କମ୍ପାନୀଗୁଡ଼ିକ ପିଙ୍କ୍ ପ୍ୟାକେଜିଂ, ଟୋକୋନ ଫିମେଲ୍ ଫ୍ରେଣ୍ଡ୍‌ଲି କ୍ୟାମ୍ପେନ ଏବଂ ତଥାକଥିତ ପିଙ୍କ୍ ଟ୍ୟାକ୍ସ ଭଳି ଭାବନାତ୍ମକ ଧାରଣା ଉପରେ ନିର୍ଭରକରି ଆସିଛନ୍ତି, ଯେଉଁଥିରେ ଉତ୍ପାଦ ପାଇଁ ମହିଳାଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ଏଗୁଡ଼ିକ ମଧ୍ୟରୁ ଅନେକ ବ୍ୟକ୍ତିଗତ ଉତ୍ପାଦ ମାର୍କେଟ ଆଢୁଆଳରେ ରହିଯାଉଛି। ପରିଣାମ ସ୍ୱରୂପ ମହିଳାଙ୍କ ଆବଶ୍ୟକ ଉତ୍ପାଦ ଓ କମ୍ପାନୀ ଯୋଗାଣ ମଧ୍ୟରେ ଅଭାବ ପରିଲକ୍ଷିତ ହେଉଛି। ଏହାକୁ ଦୂରକରିବାକୁ ହେଲେ ମହିଳାଙ୍କ ପ୍ରାଥମିକତା, ନିଷ୍ପତ୍ତି, କ୍ୟାରିୟର ଏବଂ ବ୍ୟକ୍ତିଗତ ଜ୍ଞାନକୁ ବିଚାରକୁ ନେଇ ଉତ୍ପାଦ ଓ ସେବା ଢାଞ୍ଚା ଗଢ଼ି ତୋଳିବାକୁ ପଡ଼ିବ। ଅତୀତରୁ ମହିଳାମାନେ ଯେଉଁ ସେବା ଓ ଉତ୍ପାଦ ଗ୍ରହଣକରି ଆସୁଛନ୍ତି ବାସ୍ତବରେ ସେସବୁ ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇ ନ ଥିବା ମନେହେଉଛି। ଏହାର ପ୍ରମାଣ ସବୁଠି ଦେଖିବାକୁ ମିଳେ। ବ୍ୟକ୍ତିଗତ ସୁରକ୍ଷା ପାଇଁ ଥିବା ଉପକରଣ ପ୍ରାୟତଃ ସେମାନଙ୍କ ଲାଗି ଉପଯୁକ୍ତ ହୋଇ ନ ଥାଏ। ଉଦାହରଣ ସ୍ୱରୂପ, ଧରିବା ପାଇଁ ସ୍ମାର୍ଟଫୋନଗୁଡ଼ିକ ଆକାର ବଡ଼ ହୋଇଥାଏ। ପୁରୁଷଙ୍କ ଡେଟାକୁ ସାଧାରଣ ମାନଦଣ୍ଡ ଭାବେ ବ୍ୟବହାର କରାଯାଉଥିବାବେଳେ ମହିଳାଙ୍କୁ ଅଣଦେଖା କରାଯାଉଛି ଏବଂ ମାର୍କେଟ ବିକଶିତ ହୋଇପାରୁନାହିଁ। ଏହି ଦୃଷ୍ଟିକୋଣ ଏବକାର ଅନିୟୋଜିତ ଅଭିନବତ୍ୱ ବା ନୂତନତ୍ୱ ବିକାଶକୁ ସୂଚିତ କରୁଛି।

ବିତ୍ତୀୟ ସେବା କଥା ବିଚାର କରାଯାଉ। ବିଶ୍ୱରେ ସମ୍ପତ୍ତି କ୍ଷେତ୍ରକୁ ପ୍ରତିବର୍ଷ ମହିଳାଙ୍କ ଯୋଗଦାନ ହେଉଛି ୫ ଟ୍ରିଲିୟନ ଡଲାର, କିନ୍ତୁ ଉତ୍ପାଦଗୁଡ଼ିକ ଏଯାବତ ପୁରୁଷଙ୍କ ରୋଜଗାର ଧାରା ଓ ପ୍ରାଥମିକତାକୁ ଦେଖି ଯୋଗାଇ ଦିଆଯାଉଛି। ପରିବାର ବଜେଟର ଏକ ବୃହତ୍ ଅଂଶକୁ ମହିଳାମାନେ ପରିଚାଳନା କରୁଥିବା ସତ୍ତ୍ୱେ ପୁରୁଷଙ୍କ ତୁଳନାରେ ସେମାନେ କମ୍ ବିତ୍ତୀୟ କୁଶଳ ବୋଲି ଅନୁଭବ କରୁଛନ୍ତି। ଏପରିକି ବିଉଟି, ପର୍ସନାଲ କେୟାର ଏବଂ ଗ୍ରୋସରି ଭଳି ପାରମ୍ପରିକ ମହିଳାକେନ୍ଦ୍ରିକ ଶିଳ୍ପଗୁଡ଼ିକ ମହିଳାଙ୍କର କେବଳ ଦୁଇ ତୃତୀୟାଂଶ ଆବଶ୍ୟକତା ପୂରଣ କରୁଛି ବୋଲି ସେମାନେ ଅନୁଭବ କରନ୍ତି। ଅନେକ ବ୍ରାଣ୍ଡ୍ ଲଗାତର



ଗୁଣବତ୍ତା ବଦଳରେ ମାର୍କେଟିଂକୁ ଗୁରୁତ୍ୱ ଦେଉଥିବାବେଳେ ଅଧିକାଂଶ ମହିଳା କହନ୍ତି ଯେ, ସେମାନେ ସୁରକ୍ଷିତ,ଉଚ୍ଚ ଗୁଣବତ୍ତା କିମ୍ବା ଅଧିକ ସୁବିଧାଜନକ ବିକଳ୍ପ ପାଇଁ ୧୫% ଅଧିକ ଅର୍ଥ ଦେବାକୁ ପଡୁଛି। ଏହାକୁ ବନ୍ଦ କରିବା ପାଇଁ କମ୍ପାନୀଗୁଡ଼ିକ ମହିଳାଙ୍କ ସହ ଜଡ଼ିତ ଏବକାର ଉତ୍ପାଦଗୁଡ଼ିକ ବଦଳରେ ବାସ୍ତବରେ ସେମାନେ ଯାହା ଉପରେ ଗୁରୁତ୍ୱ ଦେଉଛନ୍ତି ତାହା ଉପରେ ନଜର ଦେବା ଉଚିତ।

ସ୍ୱାସ୍ଥ୍ୟସେବାରେ କମ୍ପାନୀଗୁଡ଼ିକର ଭାଗୀଦାରି ଅନ୍ୟ ତୁଳନାରେ ଅଧିକ ରହିଛି, ଯେଉଁଠାରେ ମହିଳାଙ୍କ ଅଭିଜ୍ଞତାକୁ ଅଣଦେଖା କରିବା ଜୀବନ ପରିବର୍ତ୍ତନକାରୀ ପରିଣାମ ହୋଇପାରେ। ପରିବାରର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାମାନେ ୮୩% ନିଷ୍ପତ୍ତି ନେଉଥିବାବେଳେ କେବଳ ୪୧% ମହିଳା କହନ୍ତି ଯେ, ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁଛି। ହୃଦ୍‌ରୋଗ, ଅସ୍ଥି, ମାନସିକ ଓ ଋତୁସ୍ରାବ ସମ୍ବନ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର କମ୍ ପରୀକ୍ଷଣ ଓ ଚିକିତ୍ସା ହେଉଛି। ଆମେରିକାରେ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟାର ଉତ୍ପାଦ ଓ ସେବା ୧୦୦ ବିଲିୟନ ଡଲାରରୁ ଅଧିକ। ହେଲେ ହୃଦ୍‌ରୋଗ ଯୋଗୁ ମହିଳାଙ୍କର ଅଧିକ ମୃତ୍ୟୁ ହେଉଛି ,ଯାହା ଦର୍ଶାଉଛି ଏଥିରେ ବଡ଼ ସମସ୍ୟା ଅଛି। ଏହାର ଚିହ୍ନଟ ଓ ଚିକିତ୍ସା କମ୍ ହେଉଛି କାରଣ ସ୍କ୍ରିନିଂ ଓ ପ୍ରୋଟୋକଲ ପୁରୁଷଙ୍କ ଲକ୍ଷଣ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ଭେଦଭାବ ଦୂରକରାଯାଇପାରିଲେ ହୃଦ୍‌ଜନିତ ରୋଗର ମାର୍କେଟ ୭୪% ବୃଦ୍ଧି ଘଟି ୨୦୩୦ ସୁଦ୍ଧା ୨୦ ବିଲିୟନ ଡଲାରରେ ପହଞ୍ଚିଯିବ। ଏହି ପ୍ରକାର ଗତିବିଧି ପ୍ରାୟ ସବୁ ଶିଳ୍ପରେ ଚାଲୁଛି। ମହିଳାଙ୍କୁ ବାଦ୍‌ଦେବା ଯୋଗୁ ମାର୍କେଟଗୁଡ଼ିକର କ୍ଷମତା କମ୍ ରହୁଥିବା ଲକ୍ଷ୍ୟ କରାଯାଉଛି। ଯେତେବେଳେ ମହିଳାଙ୍କ ସମସ୍ୟା ସମାଧାନ କରାଯିବ ସେତେବେଳେ ସେମାନଙ୍କ ସ୍ୱାସ୍ଥ୍ୟକ୍ଷେତ୍ରରେ ସୁଧାରହେବା ସହ ଅଧିକ ଲାଭ ମଧ୍ୟ ମିଳିବ। କିନ୍ତୁ ଏଥିପାଇଁ ଏକ ମୌଳିକ ପରିବର୍ତ୍ତନ ଲୋଡ଼ା। ମହିଳାଙ୍କ ସ୍ୱାସ୍ଥ୍ୟ, କ୍ୟାରିୟର, ପରିବାର ଏବଂ ପରିଚୟ ଲଗାତର ଭାବେ ବିକଶିତ ହୋଇ ଚାଲିଛି ଏବଂ ଏହି କ୍ରମବିକାଶକୁ ଧ୍ୟାନରେ ରଖି ମହତ୍ତ୍ୱପୂର୍ଣ୍ଣ ନୂତନତ୍ୱ ଆଧାରରେ ସବୁକିଛି ପ୍ରସ୍ତୁତ କରାଯିବା ଉଚିତ। ଏହା ହାସଲ କରିବାକୁ ହେଲେ ମହିଳାଙ୍କ ଜନସାଂଖ୍ୟିକ ତଥ୍ୟ ସହ ଆହୁରି ଅଧିକ ଗବେଷଣା ଦରକାର। କମ୍ପାନୀଗୁଡ଼ିକ ଅଧିକ ମହିଳାକେନ୍ଦ୍ରିକ ନିବେଶ କରିବା ଆବଶ୍ୟକ। ଏହାସହ ମହିଳାଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ ଉପରେ ଗବେଷଣା କରାଗଲେ ସେମାନଙ୍କ ଜୀବନ ସମ୍ପର୍କରେ ବ୍ୟାପକ ଅଭିଜ୍ଞତା ମିଳିପାରିବ। ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସଂସ୍ଥା ଏବଂ ଡେଟା ବୈଜ୍ଞାନିକଙ୍କ ସହଭାଗିତାରେ ନୂଆ ଦୃଷ୍ଟିକୋଣ ମିଳିବା ସହ ସମ୍ମିଳିତ ନୂତନତ୍ୱକୁ ଆଗକୁ ନିଆଯାଇପାରିବ।

ଋତୁସ୍ରାବ, ପ୍ରଜନନ ଏବଂ ବିତ୍ତୀୟ ସ୍ୱାଧୀନତା ଭଳି ବିଷୟଗୁଡ଼ିକୁ ମଧ୍ୟ ସମାଧାନ କରାଯିବା ଗୁରୁତ୍ୱପୂର୍ଣ୍ଣ। ଏହିସବୁ ସମସ୍ୟର ସମାଧାନ କରାଯାଇପାରିଲେ ମହିଳାଙ୍କୁ ସଶକ୍ତ କରିବା ସହ ନୂଆ ଚିକିତ୍ସା ଓ ମାର୍କେଟ ସୁବିଧା ଚିହ୍ନଟ କରିବାରେ କମ୍ପାନୀଗୁଡ଼ିକ ସକ୍ଷମ ହୋଇପାରିବେ। ମହିଳାଙ୍କ ପ୍ରକୃତ ଅଭିଜ୍ଞତା ସାମ୍ନାକୁ ଆଣିବା ପାଇଁ ଗବେଷଣା ଓ ବିକାଶ ନିଶ୍ଚିତ କରିବାକୁ ପଡ଼ିବ। କମ୍ପାନୀଗୁଡ଼ିକ ଗବେଷଣା ଓ ବିକାଶ ପରମ୍ପରାକୁ ଗ୍ରହଣ କରିବାକୁ ହେବ। ଏହାସହ ପ୍ରାରମ୍ଭରୁ ଉତ୍ପାଦ ପରୀକ୍ଷଣରେ ମହିଳାଙ୍କୁ ସାମିଲ କରାଗଲେ ତାହାର ବିକ୍ରି ବଢ଼ିବ ଏବଂ ଉତ୍ତମ ମାର୍କେଟ ସୃଷ୍ଟିହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଯେତେବେଳେ ନିଷ୍ପତ୍ତି ନେଉଥିବା ବ୍ୟକ୍ତିମାନେ ସେବା ପାଇବା ଲୋକଙ୍କ ସମସ୍ୟାକୁ ଠିକ୍ ଭାବେ ବୁଝିପାରିବେ ସେତେବେଳେ ନୂତନତ୍ୱର ବିକାଶ ଘଟିବ। ଯେତେବେଳେ ମହିଳାମାନେ ଯୋଜନା,ନିବେଶ ଓ ଉତ୍ପାଦ ଡିଜାଇନ କରିବେ ତାହା ପ୍ରଭାବୀ ହେବ ଓ ସମସ୍ୟା ସମାଧାନ ସହଜ ହେବ। ଲଗାତର ଗବେଷଣାରୁ ଜଣାପଡ଼ିଛି, ବିବିଧତାକୁ ନେଇ ସଂସ୍ଥାଗୁଡ଼ିକ ଯୋଜନାରେ ଆଗକୁ ବଢ଼ିପାରିବେ।

ଶେଷରେ, ଅନେକ ଶତାବ୍ଦୀର ଅବହେଳା ପରେ ନୂତନତ୍ୱ ଓ ନିବେଶ ଏବେ ଆଗକୁ ବଢ଼ିବା ଆରମ୍ଭ ହୋଇଛି। ଆମେରିକାରେ ଗବେଷଣା ପାଇଁ ଯୋଗାଇ ଦିଆଯାଉଥିବା ପାଣ୍ଠିରୁ ୪%ରୁ କମ୍ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଯାଉଥିଲେ ମଧ୍ୟ ମିଡି ହେଲ୍‌ଥ ଓ ଆଲାରା ହେଲ୍‌ଥ ଭଳି ଷ୍ଟାର୍ଟଅପ୍ ମହିଳାଙ୍କ ପାଇଁ ମଧ୍ୟ ବୟସରେ ହର୍ମୋନ ସେବା ଯୋଗାଇଦେଉଛନ୍ତି। ଏହା ବ୍ୟତୀତ ପ୍ରମୁଖ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସଂସ୍ଥାଗୁଡ଼ିକ ମହିଳାଙ୍କ ହୃଦ୍‌ସମସ୍ୟା ଓ ଅନ୍ୟାନ୍ୟ ରୋଗର ଚିକିତ୍ସା ପାଇଁ ଅନେକ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଏଲିଭେଷ୍ଟ ଲିଙ୍ଗଗତ ବେତନ ପାର୍ଥକ୍ୟ, ଦୀର୍ଘ ଆୟୁଷ ଏବଂ ଛାଡ଼ପତ୍ର ସମସ୍ୟା ଉପରେ ଗୁରୁତ୍ୱ ଦେଉଥିବାବେଳେ ଆଲିନେଆ ଜେନ୍ ଜି ମହିଳାଙ୍କୁ ନିବେଶ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଏଆଇଚାଳିତ ସାଧନ ବ୍ୟବହାର କରୁଛି। ଏହି ପରିବର୍ତ୍ତନ ମଧ୍ୟ ଉପଭୋକ୍ତା ସାମଗ୍ରୀଗୁଡ଼ିକରେ ଦେଖିବାକୁ ମିଳୁଛି। ଏହା ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ଅଭିନବତ୍ୱ ପ୍ରକ୍ରିୟାରେ ମହିଳାଙ୍କୁ ସାମିଲକରି କମ୍ପାନୀଗୁଡ଼ିକ ମାର୍କେଟରେ ପ୍ରବେଶ କରିପାରିବେ। ମହିଳାଙ୍କୁ ଉତ୍ତମ ସେବା ଯୋଗାଇଦେବା ଅତ୍ୟନ୍ତ ଯୁକ୍ତିଯୁକ୍ତ, ଯାହା ବୈଶ୍ୱିକ ଆର୍ଥିକ ଅଭିବୃଦ୍ଧିର ଲହର ସୃଷ୍ଟି କରିପାରିବ।

# ପାଣି ଚୋରି


ସତ୍ୟନାରାୟଣ ଦେହୁରୀ

ପାଣିର ଅନ୍ୟ ନାମ ଜଳ। ଜଳ ବିନା ବଞ୍ଚିବା ଅସମ୍ଭବ। ପୃଥିବୀରେ ୩ ଭାଗ ଜଳ ଥିବାବେଳେ ୧ ଭାଗ ସ୍ଥଳ ରହିଛି। ତେବେ ଅନେକ ସମୟରେ ଜଳ ସଂକଟ ଦେଖାଯାଉଛି। କେତେକ ସ୍ଥାନରେ ଜଳର ଅଭାବ ଯୋଗୁଁ ଜୀବଜଗତ ବଞ୍ଚିରହିବା କଷ୍ଟକର ହୋଇଯାଉଛି। କେତେକ ସହର ତଥା ରାଜ୍ୟମାନଙ୍କରେ ଜଳସଂକଟରୁ ରକ୍ଷା ପାଇବାପାଇଁ ପଡ଼ୋଶୀ ରାଜ୍ୟରୁ ଜଳ କିଣା ଯାଉଛି। ଅନେକ ସମୟରେ ରାଜ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ଲାଗିରହୁଛି। ବିଭିନ୍ନ ରାଜ୍ୟର ଶିଳ୍ପସଂସ୍ଥା ରାଜିନାମା ଖିଲାପକରି ପାଣି ଚୋରି କରୁଥିବାର ନଜରକୁ ଆସୁଛି।

ରାଜ୍ୟ ସରକାର ଶିଳ୍ପସଂସ୍ଥାଗୁଡ଼ିକୁ ସେମାନଙ୍କ ଚାହିଦା ମୁତାବକ ଜଳ ନେବାକୁ ଅନୁମତି ଦେଇଥାନ୍ତି। ଏହା ମଧ୍ୟ ଜଳସଂପଦ ବିଭାଗର ଧାର୍ଯ୍ୟନିୟମ ଅନୁଯାୟୀ, ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ। କିନ୍ତୁ ରାଜ୍ୟର ଶିଳ୍ପ ସଂସ୍ଥାଗୁଡ଼ିକ ଜଳକର ପୌଠ କରୁ ନ ଥିବା ବେଳେ ଚୁକ୍ତିନାମାଠାରୁ ବହୁମାତ୍ରାରେ ମନଇଚ୍ଛା ନଦୀ ଅବବାହିକାରୁ ଜଳ ଉଠାଉଛନ୍ତି। ଜଳଉଠାଣର ହିସାବ ପାଇଁ ଶିଳ୍ପସଂସ୍ଥା ପାଇଁ ଚୁକ୍ତନାମା ଅନୁଯାୟୀ ଫ୍ଲୋମିଟର ବାଧ୍ୟତାମୂଳକ ଥିବା ବେଳେ ଏହି ନିୟମକୁ ମଧ୍ୟ ମାନୁ ନାହାନ୍ତି। ଆମ ରାଜ୍ୟର ବ୍ରାହ୍ମଣୀ ଓ ମହାନଦୀ ମୁଖ୍ୟତଃ ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକୁ ଜଳ ଯୋଗାଣରେ ପ୍ରମୁଖ ଭୂମିକା ରଖୁଥିବା ବେଳେ ଏବେ ଏହିଦୁଇ ନଦୀ ସମେତ ରାଜ୍ୟର ୭ ନଦୀ ଜଳଚୋରିର ସର୍ବାଧିକ ଶିକାର ହୋଇଛନ୍ତି। ଏପରିସ୍ଥଳେ ବିନା ଫ୍ଲୋମିଟର ବ୍ୟବହାରରେ ମାତ୍ରାଧିକ ଜଳ ଉତ୍ତୋଳନ ଆଗାମୀ ଦିନରେ ଜଳକଷ୍ଟ ସହ ପରିବେଶୀୟ ସଂକଟ ଆଶଙ୍କାକୁ ଉଜ୍ଜୀବିତ କରିବା ସହ ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ମାତ୍ରାଧିକ ଜଳ ଉତ୍ତୋଳନ ଓ ଜଳଚୋରିକୁ ନେଇ ବିଭିନ୍ନ ମହଲରେ ଏକାଧିକବାର ଅଭିଯୋଗ, ଉଦ୍‌ବେଗ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ବ୍ୟାପି ଏହି ସାଂଘାତିକ ଜଳଚୋରି ସମ୍ପର୍କରେ ଅବଗତ ହେବା ପରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ୩୧ଟି ଜଳସଂପଦ ଡିଭିଜନକୁ ଚିଠି ଲେଖିଛନ୍ତି। ଯେଉଁମାନେ ଏପରି ଜଳଚୋରି କାର୍ଯ୍ୟରେ ଲିପ୍ତ ଏବଂ ଚୁକ୍ତିନାମାର ଅନୁପାଳନ କରୁନାହାନ୍ତି, ସେମାନଙ୍କଠାରୁ ୬ ଗୁଣା ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଜଳସେଚନ ଆଇନ ଏବଂ ନିୟମ ୧୯୫୯ ଏବଂ ଓଡ଼ିଶା ଜଳସଂପଦ ନିୟମ ୧୯୬୧ ଅନୁଯାୟୀ ଶିଳ୍ପସଂସ୍ଥାମାନଙ୍କୁ ଚୁକ୍ତି ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ। ଚୁକ୍ତି ଅନୁଯାୟୀ ଶିଳ୍ପସଂସ୍ଥାମାନେ ଜଳଉଠାଣ ପୂର୍ବରୁ ଉଠାଣ ସ୍ଥାନରେ ଫ୍ଲୋମିଟର ଲଗାଇବା ବାଧ୍ୟ । ଏହି ଫ୍ଲୋମିଟର ଲାଗିବା ଦ୍ୱାରା ଉକ୍ତସଂସ୍ଥା ଚୁକ୍ତି ମାତ୍ରା ଅନୁଯାୟୀ ଜଳ ଉଠାଉଛନ୍ତି କି ନାହିଁ, ତାହା ଜଣାପଡ଼ିଥାଏ। ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ତେବେ ୬ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି। ଏପରି କି ୨୦୨୧ରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର ଭିତ୍ତିକ ଫ୍ଲୋମିଟର ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହାଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା, ମାତ୍ର ତମାମ ନିର୍ଦ୍ଦେଶ, ଶିଳ୍ପସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁ ନାହାନ୍ତି। ଚୁକ୍ତିନାମାଠାରୁ ସେମାନେ କେଇଗୁଣା ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ଶୋଷି ଚାଲିଛନ୍ତି।

ସରକାରଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଶିଳ୍ପ ସଂସ୍ଥାମାନଙ୍କୁ ଜଳଉଠାଣର ଅନୁମତି ମିଳିଛି। ସେଗୁଡ଼ିକ ହେଲା ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା। ଏହି ନଦୀ ଅବବାହିକାରୁ କେତେ ଜଳ ଉତ୍ତୋଳନ କରାଯିବ, ତାହା ଜଳସଂପଦ ବିଭାଗ ସ୍ଥିର କରିଛି। ତେବେ ପ୍ରାୟ ୧୨୨ଟି ଶିଳ୍ପସଂସ୍ଥା, ଜଳ ଉଠାଇବାକୁ ସରକାରଙ୍କ ସହ ଚୁକ୍ତ କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ କେତେକ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ କରୁଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି। ଶିଳ୍ପ ସଂସ୍ଥାଙ୍କ ଜଳ ଶୋଷଣ ଏଇଠି ସରୁନାହିଁ। ରାଜ୍ୟର ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି । ମାତ୍ର ସରକାର ଏହି ରାଶିକୁ ଆଦାୟ କରିପାରୁନାହାନ୍ତି । ଗୋଟିଏ ପଟେ ଛତିଶଗଡ଼ ଉପରମୁଣ୍ଡରେ ବେଆଇନ ନିର୍ମାଣ କରିଚାଲିଥିବା ବେଳେ ମହାନଦୀ ଅବବାହିକାରେ ଜଳସ୍ତର ଲଗାତର ଭାବେ ହ୍ରାସ ପାଉଛି। ସେହିପରି ଅନ୍ୟ ନଦୀ ଅବବାହିକାରେ ମଧ୍ୟ କ୍ରମାଗତ ଭାବରେ ଜଳସ୍ତର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି । ସମାନ ସମୟରେ ଶିଳ୍ପସଂସ୍ଥାଗୁଡ଼ିକ ମନଇଚ୍ଛା ଜଳ ଶୋଷଣ କରିବା ଆଗାମୀ ଦିନରେ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରେ । ଏହାଦ୍ୱାରା କୃଷି, ମତ୍ସ୍ୟପାଳନ ସହ ପରିବେଶ ଉପରେ ସର୍ବାଧିକ କୁପ୍ରଭାବ ପଡ଼ିବାରେ ଆଶଙ୍କା ଥିବାରୁ ସରକାର ଏବେଠାରୁ ସମ୍ପୂର୍ଣ୍ଣ ସଜାଗ ହେବା ଆବଶ୍ୟକ ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୮୩୫୩

## ଏଇ ଭାରତରେ

ଯୋଗ ଶିଖାଇବା ପାଇଁ ଏକ ସୁନ୍ଦର କ୍ୟାରିୟର ଓ ଆକର୍ଷଣୀୟ ଦରମାର ମୋହ ଗୌଣ ହୋଇଯାଇଛି ସୌରଭ ବୋଥ୍ରାଙ୍କ ଜୀବନରେ। ସୌରଭ ଆଇଆଇଟି, ଭିଏଚ୍‌ୟୁରୁ ଡିଗ୍ରୀ ହାସଲ କରିବା ପରେ ଚାହିଁଥିଲେ ଭଲ ଚାକିରି କରିପାରିଥାଆନ୍ତେ। କିନ୍ତୁ ସେ ଚାକିରି ନ କରି ଯୋଗ ଶିକ୍ଷା ପାଇଁ ହାବିଲ୍ଡ ଅଭିଯାନ ଚଳାଇଛନ୍ତି। ସୌରଭ ପ୍ରତିଦିନ ଭର୍ଚୁଆଲ ଯୋଗ କ୍ଲାସ୍ ଚଳାଉଛନ୍ତି। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଗ କ୍ଲାସ୍ ପରିଚାଳନାରେ ନିଯୁକ୍ତ କରିଛନ୍ତି। 'ଶୁଭ ସକାଳ, ଆସନ୍ତୁ ଆରମ୍ଭ କରିବା' ବାର୍ତ୍ତାରୁ ତାଙ୍କ ଯୋଗ କ୍ଲାସ୍ ଆରମ୍ଭ ହେଉଛି। ସୌରଭ କୋଭିଡ୍ ଲକ୍‌ଡାଉନ ଆରମ୍ଭ ସମୟରେ ଏଭଳି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ ସେ ୩ଜଣ ଲୋକଙ୍କୁ ନେଇ ଅନ୍‌ଲାଇନ ଯୋଗ କ୍ଲାସ୍ ଆରମ୍ଭ କରିଥିଲେ। ଏବେ ଏହା ୧୬୯ ଦେଶକୁ ବ୍ୟାପିଗଲାଣି ଓ ତାଙ୍କ ଯୋଗ କ୍ଲାସ୍‌ରେ ଯୋଡ଼ି ହୋଇଥିବା ଲୋକଙ୍କ ସଂଖ୍ୟା ୧ କୋଟି ୨୬ ଲକ୍ଷରୁ ଅଧିକରେ ପହଞ୍ଚିଲାଣି। ସୌରଭଙ୍କ ଜେଜେବାପା ଜଣେ ଡାକ୍ତର ଥିଲେ ବି ଚାକିରି ନ କରି ଦୁର୍ଗମ ଗାଁରେ ରହି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ ସେବା କରୁଥିଲେ। ତାଙ୍କ ପ୍ରେରଣାରେ ଯୋଗ ଶିକ୍ଷା ଦେଇ ଲୋକଙ୍କୁ ସୁସ୍ଥ ରଖିବାର ପ୍ରୟାସ ଜାରି ରଖିଛନ୍ତି ବୋଲି କହନ୍ତି ସୌରଭ। ଇଂଲଣ୍ଡରୁ ଚାକିରି ଛାଡ଼ି ତାଙ୍କ ଭଉଣୀ ଏବେ ଏହି କାର୍ଯ୍ୟରେ ସୌରଭଙ୍କୁ ସହଯୋଗ, ସାହାଯ୍ୟ ଏବଂ ଯୋଗଶିକ୍ଷା ଦେବାରେ ଗୋଟିଏ ଦିନରେ ଅଧିକ ଭ୍ୟୁୟର, ଯୋଗ କ୍ଲାସ୍‌ରେ ଅଧିକ ଲୋକ ଭାଗନେବା, ଅଧିକ ଦେଶରୁ ଲୋକେ ଭାଗ ନେବା, ଅଧିକ ସମୟ ଯୋଗ କ୍ଲାସ୍ ଆୟୋଜନ କରିବା ଆଦିରେ ସେ ୬ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି।

## ଚିରନ୍ତନୀ

ଭରି ସେହି ନୀରବତା
ଧାନକ୍ଷେତ କହେ କଥା
ରଞ୍ଜିତ ନଭୋପଥେ ବିଲୋକେ
ନୀଳ ଢେଉ ଖେଳେ ସୁନା ଆଲୋକେ !
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | 1 | 6 | |
| | | | | 1 | 7 | | | |
| | | | | | 5 | | | |
| 7 | | | | | | | 9 | |
| | 4 | | | 3 | | 8 | | 7 |
| | | | | 4 | 2 | | | |
| 6 | | 2 | 3 | | | 5 | | |
| 4 | 1 | | 9 | 8 | | | | |
| 3 | | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 9 | 7 | 6 | 8 | 5 | 2 | 4 |
| 4 | 6 | 8 | 5 | 2 | 3 | 9 | 7 | 1 |
| 2 | 7 | 5 | 1 | 9 | 4 | 3 | 8 | 6 |
| 1 | 5 | 4 | 8 | 7 | 6 | 2 | 9 | 3 |
| 7 | 9 | 6 | 3 | 4 | 2 | 8 | 1 | 5 |
| 8 | 2 | 3 | 9 | 1 | 5 | 4 | 6 | 7 |
| 6 | 8 | 1 | 4 | 5 | 9 | 7 | 3 | 2 |
| 9 | 4 | 7 | 2 | 3 | 1 | 6 | 5 | 8 |
| 5 | 3 | 2 | 6 | 8 | 7 | 1 | 4 | 9 |

ଗତକାଲିର ଉତ୍ତର

# ନାଁ ବଦଳେଇବାର ଖେଳ


ବିଚିତ୍ର ବିଶ୍ୱାଳ

ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ଆମ ସାର୍ ଥରେ କଳାପଟାରେ ଦୁଇଟା ସମାନ ଲମ୍ବର ଗାର ଟାଣି ପଚାରିଲେ, କୌଣସି ବି ଗାରକୁ ନ ଲିଭେଇ ଏଥିରୁ ଗୋଟିଏ ଗାରକୁ ଛୋଟ କିପରି କରିବ। ଆମ ମୁଣ୍ଡକୁ ହଠାତ୍ କିଛି ସମାଧାନ ଜୁଟିଲା ନାହିଁ। ଆମକୁ ଆଉ ବେଶି ସମୟ ଦ୍ୱନ୍ଦ୍ୱରେ ନ ରଖି ସାର୍ କହିଲେ, ଯଦି ତୁମେ ଗୋଟିଏ ଗାରକୁ ପୁନଶ୍ଚ ଆଗକୁ ଟାଣି ବଡ଼ କରିଦେବ, ତେବେ ଅନ୍ୟ ଗାରଟି ଆପେ ଆପେ ଛୋଟ ହୋଇଯିବ। ସାର୍ ବି ସେପରି କରି ଦେଖାଇଦେଲେ। ଆମ ମନରେ ଏହା ଗଭୀର ପ୍ରଭାବ ପକାଇଥିଲା। ଅନ୍ୟକୁ ଛୋଟ କରିବା ପାଇଁ ତାକୁ ଲିଭେଇବା ବା ଭାଙ୍ଗିବା ଦରକାର ନାହିଁ, ନିଜେ ବଡ଼ ହୋଇଗଲେ ଅନ୍ୟଟି ଛାଏଁ ଛାଏଁ ଛୋଟ ହୋଇଯିବ। ଏହା କେବଳ ଶ୍ରେଣୀଗୃହର ଗୋଟେ ଉଦାହରଣ ନୁହେଁ, ଜୀବନର ଏକ ନୀତିଶିକ୍ଷା। କିନ୍ତୁ ଆଜି ଦେଶରେ ସରକାରଙ୍କ କାମକୁ ଦେଖିଲେ ଏହି ନୀତିଶିକ୍ଷାର ଠିକ୍ ବିପରୀତ ହେଉଥିବା ଦେଖିବାକୁ ମିଳୁଛି। ସରକାର ନିଜର ଟାଣିଥିବା ଗାରକୁ ବଡ଼ ନ କରି ପୂର୍ବ ସରକାରଙ୍କର ଗାରକୁ ଛୋଟ କରୁଥିବାର ନିମ୍ନମାନର ଘଟଣାସବୁ ଦେଖିବାକୁ ମିଳୁଛି। ଏହାକୁ ବୁଝିବାକୁ ବେଶି ପଛକୁ ଯିବାକୁ ପଡ଼ିବ ନାହିଁ।

ସମ୍ପ୍ରତି କେନ୍ଦ୍ର ସରକାର ଦେଶର ବହୁଳ ଲୋକପ୍ରିୟ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' (ଏମ୍‌ଜିଏନ୍‌ଆର୍‌ଇଜିଏ)ର ନାମ ବଦଳାଇ ଦେଇଛନ୍ତି। କେବଳ ନାମ ବଦଳ ହୋଇନି, ସେହି ଆଇନର ଅନେକ ଭଲ ଦିଗକୁ ମଧ୍ୟ ମୋଡ଼ି ମକଚି ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏର ନାମ ବଦଳାଇ ସରକାର ଏହାକୁ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଣ୍ଡ ଆଜୀବିକା ମିଶନ ବା 'ଭିବି ଜି ରାମ ଜି' ନାମ ଦେଇଛନ୍ତି। ପ୍ରଥମେ ଏହି ଭିବି ଜି ରାମ ଜିର ପୂର୍ଣ୍ଣ ନାମକୁ ଟିକେ ଲକ୍ଷ୍ୟ କରିବା। ପ୍ରଥମେ ବିକଶିତ ଭାରତ, ଯାହା ହିନ୍ଦୀ ଶବ୍ଦ, ତା'ପରେ ଗ୍ୟାରେଣ୍ଟି– ଇଂଲିଶ ଶବ୍ଦ, ରୋଜଗାର–ହିନ୍ଦୀ ଶବ୍ଦ, ଆଣ୍ଡ– ଇଂଲିଶ ଶବ୍ଦ, ପୁଣି ଆଜୀବିକା– ହିନ୍ଦୀ ଶବ୍ଦ ଓ ଶେଷରେ ମିଶନ– ଇଂଲିଶ ଶବ୍ଦ। ଏପରି ହିନ୍ଦୀ ଓ ଇଂଲିଶ ଶବ୍ଦ ମିଶେଇ ଘାଣ୍ଟ କରି ନାଁ ଦେଇ ପୂର୍ବରୁ ତିଆରି ହୋଇଥିବା ଏକ ଆଇନର ନାମରୁ ମହାତ୍ମା ଗାନ୍ଧୀଙ୍କ ନାମ ଲିଭେଇବାର ଯଥାର୍ଥତା ନିଶ୍ଚୟ ସନ୍ଦେହ ଘେରରେ। ଗୋଟିଏ ବଳବତ୍ତର ଆଇନର ନାମକୁ ଏପରି ବଦଳାଗଲା କାହିଁକି? ଏଥିରୁ ବୁଝିହେଉଛି ଯେ, ସରକାର ନିଜେ ବଡ଼ ହୋଇ ନ ପାରି ଅନ୍ୟକୁ ଛୋଟ କରି ନିଜେ ବଡ଼ ହେବାର ଆଶା ପୋଷଣ କରୁଛନ୍ତି। ସୂଚନା ଯୋଗ୍ୟ ଯେ, ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏ ଅନୁସାରେ ଲୋକମାନେ ନିଜ ଚାହିଦା ମୁତାବକ କାମ ପାଇବାର ବ୍ୟବସ୍ଥା ଥିଲା, ଯାହା ଏହି ଭିବି ଜି ରାମ ଜିରେ ବଦଳେଇ ଦିଆଯାଇଛି। ଲୋକମାନେ ଯେବେ ଓ ଯେତେଦିନ କାମ ମାଗିବେ, ସେବେ ଓ ସେତେଦିନ କାମ ପାଇବାର ଯେଉଁ ବ୍ୟବସ୍ଥା ଥିଲା, ତାହା ବର୍ତ୍ତମାନ ଆଉ ନାହିଁ। ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏରେ ଲୋକଙ୍କ ଚାହିଦା ମୁତାବକ ବଜେଟ ବଢ଼ିବାର ବ୍ୟବସ୍ଥା ଥିଲା, ବର୍ତ୍ତମାନ ସରକାର ଭିବି ଜି ରାମ ଜିରେ ଏକାଥରେ ବଜେଟ ସ୍ଥିର କରିବେ। କ୍ଷମତା ଧୀରେ ଧୀରେ ଗଣଙ୍କ ପାଖରୁ ତନ୍ତ୍ରଙ୍କ ପାଖକୁ ଚାଲିଯିବାର ସୁନ୍ଦର ବ୍ୟବସ୍ଥା କରାଯାଇଛି ଏଥିରେ। ଏହାକୁ ହିଁ ତ ସରକାରଙ୍କ ମାଷ୍ଟର ଷ୍ଟ୍ରୋକ୍ କୁହାଯାଏ। ଯଦିଓ ଏହି ମାଷ୍ଟର ଷ୍ଟ୍ରୋକ୍ ସାଧାରଣ ଲୋକଙ୍କ ପିଠିରେ ବାଜୁଛି, ସେଥିରେ କାହାର ଯାଏ ଆସେ ନାହିଁ।



ଯଦି ବର୍ତ୍ତମାନ ପର୍ଯ୍ୟନ୍ତ ଭାରତବର୍ଷରେ ହୋଇଥିବା ଯୁଗାନ୍ତକାରୀ ଜନବାଦୀ ଆଇନର ତାଲିକା କରିବା ତେବେ ନିର୍ବିବାଦୀୟ ଭାବେ ତାଲିକାର ଉପର ଭାଗରେ ରହିବ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' (ଏମ୍‌ଜିଏନ୍‌ଆର୍‌ଇଜିଏ), 'ଜଙ୍ଗଲ ଅଧିକାର ଆଇନ', 'ସୂଚନା ଅଧିକାର ଆଇନ' ଓ 'ଶିକ୍ଷା ଅଧିକାର ଆଇନ'। ଏହି ସବୁ ଆଇନ ବାସ୍ତବରେ ଆମ ଗଣତନ୍ତ୍ରକୁ ମଜଭୁତ କରୁଛି। କାରଣ ଏହା ସାଧାରଣ ଲୋକଙ୍କ ଅଧିକାରକୁ ନିଶ୍ଚିତ କରିବା ସହ ବାସ୍ତବରେ ଦେଶକୁ ମଜଭୁତ ଦିଗରେ ନେବା ପାଇଁ ରାସ୍ତା ପ୍ରଶସ୍ତ କରୁଛି। କିନ୍ତୁ ଏହିସବୁ ଆଇନ ଚଳନ୍ତି ସରକାର ଶାସନ କରିଥିବା ଗତ ବାର ବର୍ଷ ପୂର୍ବରୁ ହିଁ ଆସିଛି । ବର୍ତ୍ତମାନର ସରକାର ତାଙ୍କ ଶାସନ କାଳ ମଧ୍ୟରେ ଏପରି କିଛି ବି ଆଇନ ବା ଯୋଜନା ଆଣିନାହାନ୍ତି, ଯାହା ଉପରୋକ୍ତ ଆଇନଗୁଡ଼ିକର ସମକକ୍ଷ ବା ସେଗୁଡ଼ିକ ପରି ଲୋକଙ୍କ ଅଧିକାରକୁ ମାନ୍ୟତା ଦେଉଛି। ଏହା ନୁହେଁ ଯେ ବର୍ତ୍ତମାନର ସରକାର କିଛି ଭଲ ଯୋଜନା ଆଣିନାହାନ୍ତି, କିନ୍ତୁ ତାହା ଏମ୍‌ଜିଏନ୍‌ଆର୍‌ଇଜିଏ, ଏଫଆର୍‌ଏ, ଆର୍‌ଟିଆଇ ଓ ଆର୍‌ଟିଇ ପରି ଯୁଗାନ୍ତକାରୀ ହୋଇପାରିନାହିଁ। ଏହା ନିଶ୍ଚିତ ଭାବେ ସରକାରଙ୍କ ସଫଳତା ପ୍ରତି ଲୋକଙ୍କ ମନରେ ସଂଶୟ ସୃଷ୍ଟି କରୁଥିବ। ଏହା ତ ଠିକ୍ ସେହିପରି କଥା ହେଲା, ଯେ ନିଜେ ବଡ଼ ଗାର ଟାଣିବାକୁ ଅକ୍ଷମ ଥିବାରୁ ଅନ୍ୟର ଗାରକୁ ଛୋଟ କରିଦିଅ। କେବଳ ଏହି ଏମ୍‌ଜିଏନ୍‌ଆର୍‌ଇଜିଏ ନୁହେଁ, ସରକାର ଆହୁରି ଅନେକ ଯୋଜନାର ନାମକୁ ବଦଳେଇ ସେଥିରେ ନିଜର ଛାପ ଛାଡ଼ିଛନ୍ତି। ନିର୍ମଳ ଭାରତ ଅଭିଯାନର ନାମ ବଦଳେଇ ସ୍ୱଚ୍ଛ ଭାରତ ମିଶନ, ଇନ୍ଦିରା ଆବାସର ନାମ ବଦଳେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧ୍ୟାହ୍ନ ଭୋଜନର ନାମ ବଦଳେଇ ପିଏମ୍ ପୋଷଣ ଶକ୍ତି ନିର୍ମାଣ ଅଭିଯାନ ଇତ୍ୟାଦି ଏହାର କିଛି ଉଦାହରଣ।

ଏହି ପରିପ୍ରେକ୍ଷୀରେ ପିଲାଦିନେ ଶୁଣିଥିବା ଆଉ ଗୋଟେ ମଜାଳିଆ ଗପର ଅବତାରଣା କରାଯାଇପାରେ। ଥରେ ଗୋଟେ ଆସରରେ ଆମେରିକା, ଚାଇନା ଓ ଭାରତର ତିନିଜଣ ବୈଜ୍ଞାନିକ ବସିଥିଲେ। ପ୍ରଥମେ ଆମେରିକାର ବୈଜ୍ଞାନିକ ଗୋଟେ ଅତି ସରୁ ଛୁଞ୍ଚି ଦେଖାଇ କହିଲେ, ଏହା ଦୁନିଆର ସବୁଠାରୁ ସରୁ ଓ ସୂକ୍ଷ୍ମଜିନିଷ। ଏହାଠାରୁ ସରୁ ଜିନିଷ ଏପର୍ଯ୍ୟନ୍ତ ଉଦ୍ଭାବନ ହୋଇନାହିଁ। ଉପସ୍ଥିତ ଲୋକମାନେ ତାଳିମାରିଲେ। ଚାଇନା ବୈଜ୍ଞାନିକ କହିଲେ ଏଇ ଗୋଟେ କଥା, ଆମ ପାଖରେ ଏପରି ସୂକ୍ଷ୍ମ ଓ ସରୁ ଜିନିଷ ଅଛି ଯାହା ଏହି ଛୁଞ୍ଚିରେ ବି କଣା କରିଦେଇ ପାରିବ। ସେ ଛୁଞ୍ଚିଟିକୁ ନେଇ ସେଥିରେ ଗୋଟେ କଣା କରିଦେଲେ। ଏଥର ଭାରତୀୟ ବୈଜ୍ଞାନିକଙ୍କ ପାଳି। ସେ ଛୁଞ୍ଚିଟିକୁ ହାତକୁ ନେଇ ତାକୁ ପ୍ୟାକିଂ କରି ସେଥିରେ ଲେଖିଦେଲେ, ମେଡ୍ ଇନ୍ ଇଣ୍ଡିଆ। ଏହି ମଜାଳିଆ କାଳ୍ପନିକ କଥାରେ ଭାରତୀୟ ବୈଜ୍ଞାନିକଙ୍କ ପରି ବର୍ତ୍ତମାନର ସରକାର ନିଜର ଦକ୍ଷତା ନ ଦେଖାଇ ଅନ୍ୟର କାମକୁ ନିଜ ନାମରେ କରିବାର ପ୍ରୟାସ କରୁଛନ୍ତି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଆବେଦନକାରୀ ମଧୁବାବୁ ପେନ୍‌ସନ ଯୋଜନାରୁ ବଞ୍ଚିତ

ମହାଶୟ,

୬୦ ବର୍ଷ ପୂରଣ କରିଥିବା ଗରିବଙ୍କୁ ସାମାଜିକ ସୁରକ୍ଷା ଯୋଜନା(ମଧୁବାବୁ ପେନ୍‌ସନ ଯୋଜନା)ରେ ସରକାର ଭତ୍ତା ପ୍ରଦାନ କରୁଛନ୍ତି। ପୁରୀ ଜିଲା ସତ୍ୟବାଦୀ ସାକ୍ଷୀଗୋପାଳ ବ୍ଲକ୍‌ରେ ୧,୦୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୟସ ପ୍ରମାଣପତ୍ରରେ ତ୍ରୁଟି ଓ ବ୍ଲକ୍‌ର ସରକାରୀ ବାବୁମାନେ ଆବେଦନର ଯାଞ୍ଚ ପାଇଁ ଅଧିକ ସମୟ ନେଉଥିବାରୁ ଭତ୍ତା ପ୍ରଦାନରେ ବିଳମ୍ବ ହେଉଥିବା ସୂଚନା ମିଳିଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ର ୨୪ ଟି ପଞ୍ଚାୟତରୁ ଗରିବ ହିତାଧିକାରୀ ବିଭିନ୍ନ କାର୍ଯ୍ୟରେ ସରକାରୀ ବାବୁଙ୍କ ପାଖକୁ ଆସୁଥିବା ବେଳେ ବ୍ଲକ୍ କର୍ମଚାରୀମାନେ ଅଭିଯୋଗ ଶୁଣିବା ପରିବର୍ତ୍ତେ ଆପଣମାନଙ୍କ ଅଭିଯୋଗ ଲିଖିତ ଭାବରେ ସରପଞ୍ଚଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେବା ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ହେଲେ ଯୋଗ୍ୟତା ମାନଦଣ୍ଡ ପୂରଣ କରିବାକୁ ହେବ ବୋଲି ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କହିବା ପରେ ଏନେଇ ସଂଶୟ ବଢ଼ିଛି।

–ଦେବଭକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୨,୦୦୦ କୋଟିର ବିଶ୍ୱ କତା ବଜାର ଆକଳନ**

# ଅର୍ଥନୈତିକ, ପରିବେଶଗତ ଲାଭ ଦେଉଛି ନଡ଼ିଆ ଶଢ଼େଇ

ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)

ବିଭିନ୍ନ ଧାର୍ମିକସ୍ଥଳ ଓ ସମୁଦ୍ରକୂଳିଆ ସହରରୁ ବାହାରୁଥିବା ନଡ଼ିଆ ବର୍ଜ୍ୟ ଅର୍ଥନୈତିକ ଓ ପରିବେଶଗତ ଲାଭ ଦେଉଛି। କେନ୍ଦ୍ର ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଏଥିପାଇଁ ଉପଯୁକ୍ତ ଟେକ୍ନୋଲୋଜି ବିକାଶକରି ଅଦରକାରୀ ନଡ଼ିଆ ଶଢ଼େଇ, ପଇଡ଼ ଖୋଳପାରୁ ବିଭିନ୍ନ ଜରୁରୀ ଉତ୍ପାଦ ତିଆରି କରିବା ସହ ରାଜସ୍ୱ ମିଳିପାରୁଛି। ଓଡ଼ିଶାର ପୁରୀ, ଉତ୍ତରପ୍ରଦେଶର ବାରାଣସୀ ଏବଂ ଆନ୍ଧ୍ରପ୍ରଦେଶର ତିରୁପତି ଭଳି ଧାର୍ମିକ କେନ୍ଦ୍ରଗୁଡ଼ିକ ମନ୍ଦିରରୁ ବାହାରୁଥିବା ନଡ଼ିଆ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର ସ୍ଥାପନ କରିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ସହରାଞ୍ଚଳର ଓଦା ବର୍ଜ୍ୟବସ୍ତୁ ମଧ୍ୟରେ ନଡ଼ିଆ ବର୍ଜ୍ୟର ପରିମାଣ ୩-୫% ରହିଥାଏ। ଦୈନିକ ଉତ୍ପନ୍ନ ହେଉଥିବା ୧.୬ ଲକ୍ଷ ଟନ ପୌର ବର୍ଜ୍ୟବସ୍ତୁ ତୁଳନାରେ ଏହା ଖୁବ୍ ଅଧିକ ଏବଂ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ଏହି ପରିମାଣ ୬-୮% ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ନାରିକେଳ ବିକାଶ ପରିଷଦ ଏବଂ କତା ପରିଷଦ ଅନୁଯାୟୀ ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷରେ ମୋଟ ଉତ୍ପାଦନ ୨୧,୦୦୦ ନିୟୁତ ସଂଖ୍ୟା ଅତିକ୍ରମ କରିଛି। କେରଳ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ପ୍ରାୟ ୯୦% ଅବଦାନ ଦେଉଛନ୍ତି। ଏହି ବର୍ଜ୍ୟରୁ ସମ୍ପଦ ସୃଷ୍ଟି କରିବାର ପ୍ରକ୍ରିୟା ମାଧ୍ୟମରେ ଭାରତ ଉଭୟ ପରିବେଶ ସୁରକ୍ଷା ଓ ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ୨୦୨୫ ମସିହାରେ ବିଶ୍ୱ କତା ବଜାର ପ୍ରାୟ ୧୨,୦୦୦ କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଇଛି, ଯେଉଁଥିରେ ସାରା ବିଶ୍ୱର ମୋଟ ଉତ୍ପାଦନର ୪୦%ରୁ ଅଧିକ କେବଳ ଭାରତ ଯୋଗାଉଛି। ମାଟି ବିନା ଚାଷ କାର୍ଯ୍ୟ ପାଇଁ ନଡ଼ିଆ ପାଉଡର ବା କୋକୋପିଟ୍‌ର ବଢୁଥିବା ଚାହିଦା ଯୋଗୁ ୟୁରୋପ ଏବଂ ଆମେରିକାରେ ରପ୍ତାନି ବାର୍ଷିକ ୧୦ ରୁ ୧୫ ପ୍ରତିଶତ ହାରରେ ବୃଦ୍ଧି ପାଉଛି। ଚାଇନା (୩୭%) ଏବଂ ଆମେରିକା (୨୪%) ସବୁଠାରୁ ବଡ଼ କ୍ରେତା ଭାବେ ଉଭା ହୋଇଥିବା ବେଳେ ଏହା ପଛକୁ ନେଦରଲ୍ୟାଣ୍ଡ, ଦକ୍ଷିଣ କୋରିଆ ଏବଂ ସ୍ପେନ୍ ରହିଛନ୍ତି। କର୍ଣ୍ଣାଟକର ବେଙ୍ଗାଲୁରୁ, ମହୀଶୂର ଏବଂ ମାଙ୍ଗାଲୁରୁରେ ଦୈନିକ ୧୫୦ ରୁ ୩୦୦ ମେଟ୍ରିକ ଟନ ନଡ଼ିଆ ବର୍ଜ୍ୟବସ୍ତୁ ସୃଷ୍ଟିହେଉଛି। ତାମିଲନାଡୁର ଚେନ୍ନାଇ, କୋଏମ୍ବାଟୁର ଏବଂ ମଦୁରାଇରେ ମଧ୍ୟ ଅନୁରୂପ ପ୍ରକ୍ରିୟାକରଣ କରାଯାଉଛି। କେରଳର କୋଚିଓ ଥିରୁଭାନନ୍ତପୁରମଠାରୁ ଆରମ୍ଭକରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଗୁଜରାଟର ସୁରଟ ଏବଂ ମହାରାଷ୍ଟ୍ରର ମୁମ୍ବାଇ ଓ ପୁଣେ ପର୍ଯ୍ୟନ୍ତ ନଡ଼ିଆ ପାଣିର ଅତ୍ୟଧିକ ବ୍ୟବହାର ଯୋଗୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ସ୍ୱତନ୍ତ୍ର ନଡ଼ିଆ କତା ପରିଚାଳନା କେନ୍ଦ୍ର ସ୍ଥାପନ କରିଛନ୍ତି। ସ୍ୱଚ୍ଛ ଭାରତ ମିଶନ-ସହରାଞ୍ଚଳ ୨.୦ ଅଧୀନରେ, ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ ପାଇଁ କେନ୍ଦ୍ର ସରକାର ଉଦ୍ୟୋଗୀ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ୨୫ ରୁ ୫୦% ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। କତା ଉଦ୍ୟମୀ ଯୋଜନା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପଗୁଡ଼ିକୁ ୪୦% ସହାୟତା ରାଶି ଯୋଗାଇ ଦେଉଛି। ଗୋବର୍ଦ୍ଧନ ଯୋଜନା ମାଧ୍ୟମରେ ୫୦୦ଟି ନୂତନ ବର୍ଜ୍ୟରୁ ସମ୍ପଦ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଭାରତର ଏହି ବଢୁଥିବା କତା ଶିଳ୍ପରେ ପ୍ରାୟ ୭.୫ ଲକ୍ଷ ଲୋକ ଜଡ଼ିତ ଅଛନ୍ତି। ୮୦% ମହିଳା ଏସ୍‌ଏଚ୍‌ଜି ମାଧ୍ୟମରେ ଏହି କେନ୍ଦ୍ରଗୁଡ଼ିକୁ ପରିଚାଳନା କରୁଛନ୍ତି। ସାରା ଦେଶରେ ୧୫,୦୦୦ ରୁ ଅଧିକ ୟୁନିଟ (କେବଳ ତାମିଲନାଡୁରେ ୭,୭୬୬) ଦ୍ୱାରା ନଡ଼ିଆ ବର୍ଜ୍ୟବସ୍ତୁକୁ ବ୍ୟବହାର ଯୋଗ୍ୟ ସମ୍ପଦରେ ପରିଣତ କରାଯାଉଛି। ଏହାଦ୍ୱାରା ବର୍ଜ୍ୟବସ୍ତୁର ପ୍ରାୟ ୯୦% ଅଂଶ ଏବେ ପୋଡ଼ିହୋଇ ନଷ୍ଟହେବା କିମ୍ବା ୧୦-୨୦ ବର୍ଷ ପର୍ଯ୍ୟନ୍ତ ପଡ଼ି ରହି ଅଙ୍ଗାରକାମ୍ଳ ଓ ମିଥେନ ଗ୍ୟାସ୍ ନିର୍ଗତ କରିବା ପରିବର୍ତ୍ତେ ଦଉଡ଼ି, ପାପୋଛ ଏବଂ ଖତରେ ପରିଣତ ହେଉଛି। କେରଳର କୁନ୍ନମକୁଲମରେ ଥିବା 'ଗ୍ରୀନ୍ ଡି-ଫାଇବରିଂ ୟୁନିଟ୍'ରେ କତା ଦେଇ ଚାଷୀମାନେ କତା ପିଛା ୧ ଟଙ୍କା ୨୫ ପଇସା ରୋଜଗାର କରୁଛନ୍ତି। ୬ ଜଣିଆ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ଏହି ୟୁନିଟ୍ ନିଯୁକ୍ତି ସୃଷ୍ଟି କରିବା ସହ ଖତ ପ୍ରସ୍ତୁତିର ଉନ୍ନତ କୌଶଳ ମଧ୍ୟ ଶିକ୍ଷା ଦେଉଛି। ନଡ଼ିଆ କତା ବିକ୍ରିକରି ଲାଭ କରାଯାଉଛି ଏବଂ ବଳକା କ୍ଷୁଦ୍ର ଅଂଶରୁ ଅଭିନବ 'ଜୈବିକ କୁଣ୍ଡ' ତିଆରି କରାଯାଉଛି। ବୃହତ୍ ଚେନ୍ନାଇରେ ୨୦୨୧ ଡିସେମ୍ବରର ପ୍ରାୟ ୧.୫ ଲକ୍ଷ ମେଟ୍ରିକ ଟନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ୧.୧୫ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ପ୍ରକ୍ରିୟାକରଣ ସରିଛି। ଟାୟାର କମ୍ପାନୀ, ନର୍ସରି ଏବଂ ଜଙ୍ଗଲ ବିଭାଗ ସମେତ ପ୍ରାୟ ୩୦ଜଣ ନିୟମିତ ଗ୍ରାହକ ଏହି ଉତ୍ପାଦଗୁଡ଼ିକୁ କ୍ରୟ କରୁଛନ୍ତି। ଇନ୍ଦୋରରେ ନଡ଼ିଆ ବର୍ଜ୍ୟବସ୍ତୁକୁ ସିଧାସଳଖ ଜୈବିକ ଗ୍ୟାସ୍ ପ୍ଲାଣ୍ଟ ନିକଟକୁ ପଠାଯାଇ ଦୈନିକ ୨୦ ଟନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ହେଉଛି। ଶୁଖିଲା ଲାଇନରୁ ପ୍ରସ୍ତୁତ 'କୋକୋପିଟ୍' ମାଟିର ଆର୍ଦ୍ରତା ଧରି ରଖିବା କ୍ଷମତାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରୁଥିବା ବେଳେ ଓଦା ଲାଇନରୁ ମିଳୁଥିବା କତାରେ ଦଉଡ଼ି, ମୂର୍ତ୍ତି ଏବଂ କଳାକୃତି ପ୍ରସ୍ତୁତ ହେଉଛି। ଏହି ୟୁନିଟ ଦୈନିକ ପ୍ରାୟ ୨୦,୦୦୦ ଟଙ୍କା ରୋଜଗାର କରୁଛି।



## ଭୁବନେଶ୍ୱରରେ ପ୍ରସ୍ତୁତ ହେଉଛି ୭,୫୦୦କେଜି ଦଉଡ଼ି

ଭୁବନେଶ୍ୱରର ପଳାଶୁଣୀ ନଡ଼ିଆ ପ୍ରକ୍ରିୟାକରଣ କେନ୍ଦ୍ର ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରୁଛି। ଏହି କେନ୍ଦ୍ର ୧୮୯ ଜଣ ବିକ୍ରେତାଙ୍କଠାରୁ ଦୈନିକ ୫,୦୦୦ରୁ ୬,୦୦୦ ନଡ଼ିଆ ସଂଗ୍ରହ କରୁଛି। ପୂର୍ବରୁ ମନ୍ଦିରରୁ ବାହାରୁଥିବା ଏହି ଅବଶେଷ ନାଳନର୍ଦ୍ଦମା ଅବରୋଧ କରୁଥିବା ବେଳେ ଏବେ ଏଥିରୁ ୭,୫୦୦ କିଲୋଗ୍ରାମରୁ ଅଧିକ କତା ଓ ଦଉଡ଼ି ପ୍ରସ୍ତୁତ ହେଉଛି। ଏହା ସହ ଚାଷ ଓ ବଗିଚା କାମ ପାଇଁ ୪୮ ମେଟ୍ରିକ ଟନ ନଡ଼ିଆ ଗୁଣ୍ଡ ଭିତ୍ତିକ ଖତ ଓ ବ୍ଲକ୍ ତିଆରି କରାଯାଉଛି। ଦୈନିକ ୧୦,୦୦୦ ନଡ଼ିଆ ପ୍ରକ୍ରିୟାକରଣ କ୍ଷମତା ବିଶିଷ୍ଟ ଏହି କେନ୍ଦ୍ର ମାସିକ ୭ରୁ ୯ ଲକ୍ଷ ଟଙ୍କା ରାଜସ୍ୱ ସୃଷ୍ଟି କରୁଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୨ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଦୁଇଟି ନୂତନ ଶାଖା କଟକ ଜିଲାର ବଡମ୍ବା ଏବଂ ଯାଜପୁର ଜିଲାର ଛତିଆଠାରେ ଉଦାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଜିଲାରେ ମୋଟ୍ ଶାଖା ସଂଖ୍ୟା ୮ ଏବଂ ଯାଜପୁର ଜିଲାରେ ମୋଟ୍ ଶାଖା ସଂଖ୍ୟା ୩ରେ ପହଞ୍ଚିଛି। ଏହି ନୂତନ ଶାଖା ଦୁଇଟି ସହିତ ରାଜ୍ୟରେ ବ୍ୟାଙ୍କର ମୋଟ୍ ଶାଖା ସଂଖ୍ୟା ୬୪ରେ ପହଞ୍ଚିଛି। ନୂତନ ଛତିଆ ଶାଖାରେ ମୁଖ୍ୟ ଅତିଥି ଭାବେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ଏବଂ ନୂତନ ବଡମ୍ବା ଶାଖାରେ ମୁଖ୍ୟଅତିଥି ଭାବେ ବଡମ୍ବା ଏମ୍ ଏସ୍ କଲେଜର ପ୍ରିନ୍ସିପାଲ ମୋହିତ ଯୋଗଦେଇଥିଲେ। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ଛତିଆ ଶାଖା ପ୍ରବନ୍ଧକ ନବିନ କୁମାର ଏବଂ ବଡମ୍ବା ଶାଖାର ଶାଖା ପ୍ରବନ୍ଧକ ସରୋଜ କୁମାର ବେହେରାଙ୍କ ଉପସ୍ଥିତିରେ ଏହି ଶାଖା ଦୁଇଟି ଉଦଘାଟିତ ହୋଇଥିଲା। ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ଦୁଇଟି ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ଯାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ଏହା ଗ୍ରାହକ ସେବାକୁ ସୁଗମ ଓ ସମୟୋଚିତ ଋଣ ପ୍ରଦାନ କରିବା ସହ ସେହି ଅଞ୍ଚଳର ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଟର୍ନଆରାଉଣ୍ଡ୍ ସମୟକୁ ହ୍ରାସ କରିବ ଯାହା ଗ୍ରାହକ ସନ୍ତୁଷ୍ଟିକୁ ଆହୁରି ବୃଦ୍ଧି କରିପାରିବ।

## ପୂର୍ବତଟ ରେଳପଥର ନୂଆ ସମୟ ସାରଣୀ କାର୍ଯ୍ୟକାରୀ

ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଗୁରୁବାର ନୂତନ ସମୟ ସାରଣୀ କାର୍ଯ୍ୟକାରୀ କରିଛି। ସଂଶୋଧିତ ସମୟ ସାରଣୀର ଅଂଶ ଭାବରେ ୬ଟି ନୂତନ ଟ୍ରେନ ପ୍ରଚଳନ କରାଯାଇଛି। ଏହା ସହ ୧୪ ଟ୍ରେନ୍ (୭ ଯୋଡ଼ା) ନୂତନ ଗନ୍ତବ୍ୟସ୍ଥଳକୁ ସଂପ୍ରସାରଣ କରାଯାଇଛି। ଏହା ଆଭ୍ୟନ୍ତରୀଣ ଏବଂ ଆଞ୍ଚଳିକ କ୍ଷେତ୍ରଗୁଡ଼ିକୁ ଉନ୍ନତ ସଂଯୋଗ ପ୍ରଦାନ କରୁଛି। ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌କୁ ସାପ୍ତାହିକରୁ ତ୍ରି-ସାପ୍ତାହିକକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ଉନ୍ନତ କାର୍ଯ୍ୟକ୍ଷମତା ଏବଂ ସମ୍ବଳ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଚାରୋଟି ଟ୍ରେନ (୨ଯୋଡ଼ା) ର ସେବା ଦିନଗୁଡ଼ିକୁ ସଂଶୋଧନ କରାଯାଇଛି। ଦୁଇଟି ଟ୍ରେନ (ଗୋଟିଏ ଯୋଡ଼ା) କୁ ମଧ୍ୟ ପୁନଃ ନମ୍ବର ଦିଆଯାଇଛି, ଅର୍ଥାତ୍ ୧୨୮୯୨/୧୨୮୯୧ ପୁରୀ-ଭଞ୍ଜପୁର-ପୁରୀ ଏକ୍ସପ୍ରେସ୍ ସେବା ଫେବୃଆରୀ ୧ରୁ କାର୍ଯ୍ୟକାରୀ ହେବ। ଯାତ୍ରା ସମୟ ହ୍ରାସ କରିବା ପାଇଁ ୧୦ଟି ଟ୍ରେନର ଗତି ବୃଦ୍ଧି କରାଯାଇଛି। ଯାତ୍ରୀ ସୁରକ୍ଷା ଏବଂ ଯାତ୍ରା ଆରାମକୁ ବୃଦ୍ଧି କରିବା ପାଇଁ ୪ଟି ଟ୍ରେନ (୨ ଯୋଡ଼ା)କୁ ଏଲ୍‌ଏଚ୍‌ବି କୋଚ୍‌ରେ ପରିବର୍ତ୍ତନ କରାଯାଇଛି। ଏହା ସହ ସମୟାନୁବର୍ତ୍ତିତାକୁ ଉନ୍ନତ କରିବା ଏବଂ ସୁଗମ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୨୫ଟି ଟ୍ରେନର ଆଗମନ ଏବଂ ପ୍ରସ୍ଥାନ ସମୟ ସଂଶୋଧନ କରାଯାଇଛି, ଯେଉଁଥିରେ ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ୩ଟି ଟ୍ରେନ ଅନ୍ତର୍ଭୁକ୍ତ।



























See Career Appointment on every Wednesday & Saturday

# ସହରଗୁଡ଼ିକୁ 'ପାଥହୋଲ୍ ଫ୍ରି' କରିବା ଲକ୍ଷ୍ୟ: ମନ୍ତ୍ରୀ

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର,୧୧(ବନ୍ଦନା ସେଠୀ) ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣ ଅନୁଯାୟୀ ନଗର ଉନ୍ନୟନକୁ ଅଗ୍ରାଧିକାର ଦିଆଯାଉଛି। ବୈଠକ ଦ୍ୱାରା ବିଭାଗୀୟ କାର୍ଯ୍ୟଗୁଡ଼ିକୁ ଆହୁରି ଦୃଢ଼ କରାଯାଇ ରାଜ୍ୟର ସହରାଞ୍ଚଳକୁ ଆଧୁନିକ ତଥା ନାଗରିକ କେନ୍ଦ୍ରିକ ପୌରାଞ୍ଚଳ ଭାବେ ଗଢ଼ି ତୋଳିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଡା. ମହାପାତ୍ର କହିଥିଲେ। ବୈଠକରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଓ ନିକଟରେ ଆରମ୍ଭ ହୋଇଥିବା 'ସହଯୋଗ' ଯୋଜନା ସମେତ ଅନ୍ୟାନ୍ୟ ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ରାଜ୍ୟର ସମସ୍ତ ସହରଗୁଡ଼ିକୁ 'ପାଥହୋଲ୍ ଫ୍ରି' କରିବାର ଲକ୍ଷ୍ୟ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ରାସ୍ତା ମରାମତି, ପଥଚାରୀ ପଥ ବିକାଶ, ଜଳ ଯୋଗାଣ, ଡ୍ରେନେଜ ସିଷ୍ଟମ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ସହରଗୁଡ଼ିକ ଆହୁରି ନିରାପଦ, ସୁନ୍ଦର ଓ ବାସୋପଯୋଗୀ ହେବ ବୋଲି ମନ୍ତ୍ରୀ କହିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ବିଭାଗୀୟ ପ୍ରଗତି ଓ ଆଗାମୀ ଯୋଜନା ବିଷୟରେ ରିପୋର୍ଟ ଉପସ୍ଥାପନ କରିଥିଲେ।

# ଗୁଗଲ୍ ମ୍ୟାପ୍ ଦେଖି ଘର ଉପରେ ମାଡ଼ିଗଲା ଟ୍ରକ୍

ଚାନ୍ଦବାଲି,୧୧(କିଷାନ ପାତ୍ର) ଗୁଗଲ୍ ମ୍ୟାପ୍ ଦେଖି ଯାଉଥିବା ବେଳେ ଏକ ଟ୍ରକ୍ ଗାଁ ଭିତରକୁ ପଶିଯାଇ ଜଣଙ୍କ ଘର ଉପରେ ମାଡ଼ିଯାଇଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଦିଗଛିଆ ପାତ୍ରସାହିରେ ଗୁରୁବାର ଭୋର ସମୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, କଟକରୁ ଏକ ୧୬ ଚକିଆ ଟ୍ରକ୍ ଧାମରା ବନ୍ଦର ଅଭିମୁଖେ ଯାଉଥିଲା। ନୂଆ କରି ଧାମରାକୁ ଗାଡ଼ି ନେଇ ଯାଉଥିବା ଡ୍ରାଇଭରଙ୍କୁ ରାସ୍ତା ଜଣା ନ ଥିବାରୁ ସେ ଗୁଗଲ୍ ମ୍ୟାପ୍ ଦେଖି ଗାଡ଼ି ଚଳାଉଥିଲେ। ମ୍ୟାପ୍ ଦେଖି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଦିଗଛିଆ ଛକ ନିକଟରେ ପାତ୍ରସାହି ରାସ୍ତାରେ ଗାଁ ଭିତରକୁ ଗାଡ଼ି ନେଇଯାଇଥିଲେ।



ଗାଁ ଭିତରକୁ ପଶି ଜଣକ ଘର ଉପରକୁ ଟ୍ରକଟି ମାଡ଼ିଯାଇଛି।

ଅଣଓସାରିଆ ରାସ୍ତାରେ ୧୬ଚକିଆ ଟ୍ରକ୍ଟି ଆଉ ବୁଲି ନ ପାରି କାହ୍ନୁଚରଣ ଦାସଙ୍କ ଘର ଉପରେ ମାଡ଼ି ଯାଇଥିଲା। ସେହି ଘରେ ମହେନ୍ଦ୍ର ମଲ୍ଲିକ ନାମକ ବ୍ୟକ୍ତି ଏବଂ ତାଙ୍କ ସ୍ତ୍ରୀ ମିନତି ମଲ୍ଲିକ ଭଡ଼ା ନେଇ ରହୁଥିଲେ। ତାଙ୍କ ଘର ଉପରେ ଟ୍ରକ୍ ମାଡ଼ିଯିବାରୁ ଆସ୍ବେଷ୍ଟସ ଘର ଭାଙ୍ଗିଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହା ଦେଖି ଗାଁ ଲୋକେ ବାଂଶଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଟ୍ରକ୍ଟିକୁ ଥାନାକୁ ନେଇଛି।

# ୫ ବିମାନର ଗତିପଥ ପରିବର୍ତ୍ତନ

## କୁହୁଡ଼ି ପାଇଁ ବିମାନ ଚଳାଚଳ ପ୍ରଭାବିତ

ଭୁବନେଶ୍ୱର,୧୧(ସତ୍ୟଜିତ ରାଉତ) ରାଜ୍ୟରେ ପ୍ରବଳ ଶୀତ ସହ କୁହୁଡ଼ି ଦେଖିବାକୁ ମିଳୁଛି। ରାଜଧାନୀ ଭୁବନେଶ୍ୱରରେ ଅଧାଦିନ ଯାଏ ଘନ କୁହୁଡ଼ି ଢାଙ୍କି ରହୁଛି। ଫଳରେ ଗାଡ଼ି ଚଳାଚଳଠାରୁ ଆରମ୍ଭ କରି ବିମାନ ସେବା ଯାଏ ବାଧାପ୍ରାପ୍ତ ହେଉଛି। ଗୁରୁବାର ଘନ କୁହୁଡ଼ି ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି। କିଛି ବିମାନର ଗତିପଥ ପରିବର୍ତ୍ତନ ହୋଇଥିବା ବେଳେ ଆଉ କିଛି ବିମାନ ଏୟାରପୋର୍ଟରୁ ବିଳମ୍ବରେ ଉଡ଼ାଣ ଭରିଥିଲା। ସକାଳୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଭୁବନେଶ୍ୱରକୁ ଆସୁଥିବା ମୋଟ୍ ୫ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଥିଲା। ଦିଲ୍ଲୀରୁ ୩ଟି, ଚେନ୍ନାଇ ଓ ବେଙ୍ଗାଲୁରୁରୁ ଗୋଟିଏ ଲେଖାଏ ବିମାନ ଭୁବନେଶ୍ୱର ଅଭିମୁଖେ ଓଡ଼ାଣ ଭରିଥିଲା। ହେଲେ ବିମାନ ବନ୍ଦର ଅଞ୍ଚଳ ଉପରେ ଘନ କୁହୁଡ଼ିର ଆସ୍ତରଣ ଯୋଗୁ କିଛି ଦୃଶ୍ୟମାନ ନ ହେବାରୁ ଗତପଥ ବଦଳାଯାଇଥିଲା। ସେହିପରି ଭୁବନେଶ୍ୱର ବିମାନ ବନ୍ଦରରୁ ସକାଳ ୬ଟାରେ ଡେରାଡୁନ୍ ଯିବାକୁ ଥିବା ବିମାନଟି ୧୦ଟା ପରେ ଉଡ଼ାଣ ଭରିଥିଲା। ଜୟପୁର-ଉତ୍କେଳା ବିମାନ ମଧ୍ୟ ବିଳମ୍ବରେ ଉଡ଼ିଥିଲା ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ବିମାନ ଚଳାଚଳ ବହୁ ବିଳମ୍ବ ହେଉଥିବା ଯାତ୍ରୀମାନେ ମଧ୍ୟ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ବହୁ ଯାତ୍ରୀ ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବରୁ ବିମାନ ବନ୍ଦରରେ ପହଞ୍ଚିଥିବା ବେଳେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବହୁ ସମୟ ଧରି ସେମାନଙ୍କ ବିମାନକୁ ଅପେକ୍ଷା କରିଥିଲେ। ତେବେ ଉକ୍ତ ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା ବୋଲି ବିମାନ ବନ୍ଦର ନିର୍ଦ୍ଦେଶକ ବେହେରା କହିଛନ୍ତି।

## WATCO
No.C-1937

### OFFICE OF THE GENERAL MANAGER WATCO DIVISION-II, BHUBANESWAR

Near Rajiv Bhawan, Unit-V, Bhubaneswar-751001, Odisha- India
Telefax:-+91-674-2390322, E-mail:gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT

**Invitation For Bids (IFB)**
Dtd.29.12.2025

| | | |
|---|---|---|
| 1. | Name of the Work | Improvement of external sewerage system diversion of pipe line inter connection from MLA colony pump house to RBI staff Qtrs main line in Unit-IV, Bhubaneswar |
| 2. | Estimated Cost | Rs.56.25 Lakhs |
| 3. | Period of Completion | 02 (Two) Months |
| 4. | Class of Contractor | B Class |
| 5. | Date & Time of availability of bid document in the portal | From 11.00 AM of Dt. 02.01.26 to 5.00 PM of 16.01.2026 |
| 6. | Last date/time of receipt of bids in the portal | 5.00 PM of 16.01.2026 |
| 7. | Last date & time of seeking clarification | 5.00 PM of 08.01.2026 |
| 8. | Date & Time of opening of bids | At 12.30 PM of 17.01.2026 |
| 9. | Name and Address of the Officer Inviting Bid | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in.

Sd./- GENERAL MANAGER
WATCO DIVISION-II, BHUBANESWAR
OIPR-

## GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

e-mail - serwsbd2003@yahoo.com
Letter No. 6873 Date: 29/12/2025

**1st Corrigendum**

**No.O-1916** : In continuation to this office Bid Identification No. CCERWCSBD-Online-28/2025-26 invited vide this office Notice No.6205 Dtd.28.11.2025, partial modification of NCB has been made as follows:-
1. Availability of Tender online for bidding Extended up to Dtd.28.01.2026 at 5.00 PM
2. Last Date and Time of seeking tender clarification Dtd.27.01.2026 up to 2.00 PM
3. Date & Time of opening of tender (Technical Bid) on Dtd.29.01.2026 at 11.00 AM.
4. Date & Time of opening of tender (Price Bid) Will be intimated later

All other terms and conditions will remain unaltered.

Sd./- Chief Construction Engineer,
Rural Works Circle, Sunabeda
OIPR-

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI

Letter No: 14811 Date: 31/12/2025

**TENDER CANCELLATION NOTICE**

No. E-637:- Due to unavoidable circumstances the Tender for Outsourcing of Diet Services for indoor Patients of DHH, Malkangiri vide this office bid ref. No. 12691/25 -Diet/DHH (38-B) Dated 07.11.2025 and subsequent Corrigendum notice no 1st Corrigendum No. 4860/2025 dated 20/11/2025, 2nd Corrigendum No. 4904/2025 dated 27/11/2025 and 3rd Corrigendum No. 4929/2025 dated 28/11/2025 is hereby cancelled.

Sd./- Dolamani Pradhan, Chief District Medical &
Public Health Officer, Malkangiri
OIPR-

## OFFICE OF THE DIVISIONAL FOREST OFFICER REDHAKHOL FOREST DIVISION

Mobile No:9437054951,
Email Id:dfo.redhakhol@odisha.gov.in
Memo No.5348/2025-26, Date: 30.12.2025

**Short Tender Call Notice**

No.MM-451: Redhakhol Forest Division is inviting tender for procurement of Leaf Blower Petrol Operated for use in fire season under Redhakhol Forest Division during 2025-26 financial year. The tenderers having eligibility criteria are required to apply.
For details & Tender documents, please visit the following website: www.odisha.gov.in (tenders.gov.in), www.sambalpur.nic.in and www.odishaforest.in or from Head Clerk, O/o the Divisional Forest Officer, Redhakhol Forest Division.

| | |
|---|---|
| Date & Time of availability of the bid documents | 31.12.2025 at 11.00 AM |
| Last Date for Submission of Bids | 13.01.2026 till 05.00 PM |
| The date for Opening of Tender | 15.01.2026 at 03.30 PM |

Sd./- Divisional Forest Officer
Redhakhol Forest Division
OIPR-

## GOVERNMENT OF ODISHA
### OFFICE OF THE DIVISIONAL FOREST OFFICER REDHAKHOL FOREST DIVISION

E-mail Id: dfo.redhakhol@odisha.gov.in
BID IDENTIFICATION NO.F&E/RKL/03 (Online)/2025-26

**E-Procurement Notice**
No.03, Dated 30.12.2025

No.MM-450: The Divisional Forest Officer, Redhakhol Forest Division, on behalf of Governor of Odisha invites Percentage Rate bids in Single Cover System in ONLINE MODE.

| | | |
|---|---|---|
| 1. | Nature of Work | Construction of Forest Guard Quarters, Ministerial Quarter and ACF Quarter. |
| 2. | Tender Cost | Rs.6,000/- |
| 3. | Class of Contractor | "C" & "D" Class Contractors |
| 4. | Availability of bid document in the website | 18.00 Hours of 30.12.2025 to 18.00 Hours of 05.01.2026 |
| 5. | Date of Opening of Tenders | 11.30 Hours on dt.06.01.2026 |

6. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum/ Addendum/ Cancellation of tender will be displayed in the website said only.

Sd./- Divisional Forest Officer
Redhakhol Forest Division
OIPR-

## OFFICE OF THE DISTRICT REGISTRAR GANJAM, CHATRAPUR

Dist-Ganjam (Odisha), Pin-761020

**TENDER NOTICE**

Bid Reference No.4550 Dated 30.12.2025

No.f-101: Bids in sealed cover are invited under two-bid system from reputed and experienced manpower service provider for providing 22 nos. of Peons & 18 nos. of Night Watchmen-cum-Sweeper **(Total 40 nos.)** for different Sub-Registrar Offices of Ganjam District. The details of the bidding process are as follows;

| Sl.No. | Bidding Schedule | Deadline |
|---|---|---|
| 1 | Date of Issue | 30.12.2025 |
| 2 | Bid Due Date and Time | 07.01.2026, 5.00 P.M. |
| 3 | Opening of Technical Bid | 08.01.2026 |
| 4 | Opening and Financial Bid | 09.01.2026 |

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover super-scribed "Bid for Outsourcing of 22 nos. of Peons & 18 nos. of Night Watchmen-cum-Sweeper (Total 40 Nos.) for different Sub-Registrar Offices of Ganjam District must reach the undersigned on or before the date 07.01.2026 by 5.00 P.M. by Speed Post/ Registered Post only or can be dropped in the Tender Box kept at office of the A.D.M.-cum-DR, Ganjam, Chatrapur.
The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website https://ganjam.nic.in.
Complete address for submission of bid:
**To**
**The A.D.M.-cum-District Registrar,**
**Collectorate, Ganjam, Chatrapur**
**PIN Code: 761020**

Sd./-
Collector & District Magistrate
Ganjam, Chatrapur
OIPR-

## STATE INSTITUTE FOR RURAL DEVELOPMENT & PANCHAYATI RAJ

Panchayati Raj & Drinking Water Department, Govt. of Odisha
UNIT-VIII, BHUBANESWAR-751012

**REQUEST FOR PROPOSAL**
ISO Certification under ISO 9001:2015

No.2969 / SIRD&PR Date:30.12.2025

No.i-445: Request for proposals are invited from accredited ISO certification bodies for the certification of 3-Tier Panchayati Raj Institutions in Odisha (Gram Panchayat, Panchayat Samiti and Zilla Parishad) and SIRD&PR office in Bhubaneswar.

| | |
|---|---|
| Last date of receipt of proposal | 20.01 .2026 (05.30 PM) |
| Opening of Technical Bid | 21. 01 .2026 (11. 00 AM) |
| Opening of Financial Bid | 21.01.2026 (04.00 PM) |

Details of RFP can be downloaded from the official website of SIRD&PR, Bhubaneswar <pmssird.odisha.gov.in> Further, addendum/ corrigendum/cancellation if any in this context can be seen in the office website only.
All proposals should be sent by registered post/ Speed Post/ courier to "The Director, SIRD&PR, Unit-VIII, Gopabandhu Nagar, Bhubaneswar-751012"

OIPR- Sd./- DIRECTOR

## ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
No.C-1945

### OFFICE OF THE NOTIFIED AREA COUNCIL, PADAMPUR

DIST : BARGARH (ODISHA), PIN-768036,
Email : nac.padampur@gmail.com, Ph.06683-223436
Letter No.3607/ Dated.30.12.2025

**CORRIGENDUM-1**

In pursuance of this office Tender Reference No-NAC-PDP-07/2025-26 having Tender ID- 2025_ORULB_123555_1 has partial modification in the T & C is hereby made as below for ready reference & information of all concerned and date has been extended to 08.01.26 and it will be opened on 09.01.26.
1.The class of electrical Contractor eligible is not below HT as defined by Govt.
2.The contractor must have experience in same type of technical work under DISCOM(TPWODL) as per estimate & to that effect experience certificate towards tower erection from officer not below the rank of Superintending Engineer should be submitted.
3. The work shall be executed strictly subject to full compliance of CEA safety regulations.
All other term & conditions in the DTCN remain unaltered.

Sd./- Executive Officer
N.A.C. Padampur
OIPR-

## Odisha State Health & Family Welfare Society
### Deptt. of Health & Family Welfare, Govt. of Odisha

Annex Building of SIH&FW, Nayaplli, Unit-8, Bhubaneswar-751012,
District-Khordha (Odisha), Land Line No. : 0674-2392480/88,
E-mail Id - hrdnrhm1@gmail.com
Advt. No. : 01/2026 Date : 01.01.2026

**CONTRACTUAL APPOINTMENT**

**No.E-638** : Applications are invited from eligible candidates for filling up of the following position under National Health Mission, Odisha on Contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and co-terminus with the scheme. Lower age limit for the position is 21 years as on dtd.01.01.2026.

| Sl. No. | Name of the Position | No. of Vacancy | Remuneration (in Rs.), Performance Incentive (P.I.) & other allowances as admissible |
|---|---|---|---|
| 01 | District Data Manager | 01 | Rs.52,142/-+P.I. |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, ToR & Selection Procedure etc. **Online application form will be available from 02.01.2026 to 09.01.2026 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 17.01.2026 (by 5.30 P.M.).**

**The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.**

Sd./- Mission Director, NHM,
Member Secretary, OSH&FWS, Odisha
OIPR-

## ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK- 753001
NOTICE
NO.8987/PSC, Dt.31.12.2025
(2PG-09-25/26, DR-I)

**ADVERTISEMENT NO. 05 OF 2025-26**
Website - https://opsc.gov.in

| | |
|---|---|
| I. | Odisha Civil Services Examination, 2025 |
| II. | No. of Vacancies - 314 (104-w) |

**No. D- :** Online applications are invited from the prospective candidates for recruitment to Odisha Civil Services, 2025, through Proforma Application to be made available in the WEBSITE (https://opsc.gov.in). The link for registration and payment of examination fee shall be available from **20.01.2026** to **20.02.2026 (5.00 P.M.)_(Note- 27.02.2026 (5.00 P.M.) is the last date for submission of registered Online Application)** for admission to the Odisha Civil Services Preliminary Examination, 2025 in the scale of pay for Group-A Service is Rs.56,100/- in Level-12-Cell- 1 in the Pay Matrix & Group-B Service is Rs. 44,900/- in Level-10-Cell-1 in the Pay Matrix provided under Rule-3 of ORSP Rules, 2017.

2. **VACANCY POSITION:** As per requisition filed by the General Administration & P.G. Department, Government of Odisha, **the vacancy position for the post of Odisha Civil Services, 2025 is 314 (104-w).**
3. **AGE LIMIT:** A candidate must have attained the age of 21 years and must not be above the age of 42 years as on the **1st day of January, 2025,** i.e. he/she must not have been born earlier than **2nd January, 1983** and not later than **1st January, 2004.**
4. **EDUCATIONAL QUALIFICATION:** A candidate **must hold a Bachelor's Degree** from any University incorporated by an Act of the Central or a State Legislature in India or an Educational Institution established by an Act of Parliament or deemed to be a University under Section-3 of the University Grants Commission Act, 1956 or a Foreign University approved by the Central Government from time to time.
5. **EXAMINATION FEE:** The candidates **other than SC, ST and PwD** category shall have to pay the examination fee amounting to **Rs. 700/- (Rupees Seven hundred) only** through online mode while filling the Online Application Form. The examination fees **paid shall be refunded only to those candidates who actually appear in the both the papers of the Preliminary Examination. Applications without payment of examination fees (except SC/ST/PwD candidates) will be taken as incomplete and outrightly be rejected.**
   Refund shall be issued in due course after completion of the preliminary examination. Refunds will be processed to the original mode of payment used at the time of the transaction by the candidate. (Credit Card, Debit Card, UPI, Net Banking, Wallet, etc.)
5. **METHOD OF SELECTION:**
   The Combined Competitive Recruitment Examination shall comprise of the following: -
   (A) Preliminary Examination (Objective Type) for the selection of candidates for Main Examination.
   There shall be negative marking for wrong answers. **One-third (0.33)** of the marks assigned to a question shall be deducted as penalty.
   (B) Main Examination (Written and Interview) for the selection of candidates for the various services and posts.
   **The details of Plan of Examination, Scheme, Subjects & Syllabus for the Preliminary and Main Examinations is available at Annexure-II, III & V of Long Advertisement.**
6. **DATE OF EXAMINATION:**
   The Preliminary Examination of OCS-2025 will be held tentatively on **07.06.2026 (Sunday)**. The detailed Schedule and Centre of Examination will be notified in due course.
7. **HOW TO APPLY:**
   Candidates must go through the details of this Advertisement available in the website of OPSC before filling up of Online Application Form.
   Candidates must apply online though the website of OPSC https://opsc.gov.in. Applications received through any other mode would not be accepted and summarily be rejected.

CUTTACK Sd./- SECRETARY
DT- 31.12.25 ODISHA PUBLIC SERVICE COMMISSION, CUTTACK
OIPR-

See Career Appointment on every Wednesday & Saturday

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Lifeline of Odisha

OFFICE OF THE SENIOR GENERAL MANAGER, (PROJECTS) - I
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

No.CAD-2875 **NOTIFICATION**
No. 1008 Dated : 30.12.2025

In accordance with section-164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 56.56 Crore Approx. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the **Sr. GM (Project)-1, OPTCL, Bhubaneswar** within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect),EHT (Projects) Division, OPTCL, Jajpur Road as mentioned against the work, on any working day during office hours.

**Name of the Work:-** Construction of proposed 220KV D/C line from existing 220/132/33KV Grid S/s, Turumunga to proposed 400KV Grid S/s at Basudevpur, Keonjhar (Approx. line length of 49.96Km).

**Name of the Village in which the line will Pass : Tahasil:** Patna ,**(a) R.I Circle:** Kantiapada, **Revenue Village-** Godipokhari, **(b) R.I Circle:** Khireitangiri, **Revenue Village-** Khireitangiri, Baunshuli; **Tahasil:** Jhumpura, **(a) R.I Circle:** Ukhunda, **Revenue Village-** Silitia, Sanadhanurjayapur, Pahadapur, Sarasinga, Tukudiha, Barapashi, Rasabantala, Manoharapur, **(b)R.I Circle:** Chauthia, **Revenue Village-** Gidhibas, Manima, Hatianasa, Chaitanpur, **(c) R.I Circle:** Malad, **Revenue Village -** Dhatika, **(d) R.I Circle:** Gumura, **Revenue Village-** Jagannathpur, Naradapur, Jaganathpur **; Tahasil:** Champua, **(a) R.I Circle:** Bhimapur, **Revenue Village-** Tangaarabantala, Nischintapur, Kamanda(ka), Shirikuan, Birakuan(Ka), Birakuan(Kha), Bhodapashi, Silipunj, **(b) R.I Circle:** Karanjia, **Revenue Village-** Kanjiasula, Berhampur, Bishnupur, Jamunapasi, Bidyadharpur, Ichinda, **(c) R.I Circle:** Remuli, **Revenue Village-** Kalikaprasada, Hanjapasi, Taduabahal, **(d) R.I Circle:** Chimila, **Revenue Village-** Basudevpur, Sarasapashi; **Tahasil:** Barbil, (a) **R.I Circle:** Chamakpur, **Revenue Village-** Ramachandrapur, Basudevpur.

**Perceived benefit that may accrue :** This will facilitate an alternate power source to the existing 220/132/33KV Grid S/s, Turumunga and will provide un- interrupted power supply to the domestic & industrial loads in & around Turumunga, Godipokhari, Patna, Saharpada, Palaspanga, Jumpura & Karanjia command area in particular & overall development of Keonjhar district in general.

FIPR-77/2025-26 ER. SUNIL KUMAR DANDSENA
OIPR- Sr. General Manager (Projects- I)
/optcl.odisha /optcl_odisha

## ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
### OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Phone No.:06815-222052, e-Mail:parala.mply@gmail.com
Letter No.4603, Date:30.12.2025

**QUOTATION CALL NOTICE**

No.C-1942:Sealed quotations are invited from agency having relevant certificates and past experience for the work "Ward level wall painting on 1EC activities relating to sanitation theme for wide awareness of ward habitants". The tender paper will be available on payment of Rs.3000/- (Rupees Three Thousand) only (which is non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of cash. The prescribed bid documents & related terms conditions can be downloaded from www.gajapati.odisha.gov.in or purchased from office from dated 01.01.2026. The Quotations with double cover must comprise with technical bid & the Financial bid. The quotations should reach this office on or before 09.01.2026 by 01.00 PM through Speed Post / Register Post only and the technical bid will be opened on 12.01.2026 at 11.00 AM and financial bid will be open on 16.01.2026 at 11.00 A.M. in presence of the agency or their authorized representative if any. Quotation incomplete in any respect / received after due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

Sd./- Executive Officer
Paralakhemundi Municipality
OIPR-

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବାଲେଶ୍ୱର

ବିଜ୍ଞପ୍ତି ସଂଖ୍ୟା: ୧୮୦୧/ତାରିଖ ୩୦.୧୨.୨୦୨୫

No.g-140:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଲେଶ୍ୱର ଫୋନ୍ ନମ୍ବର - ୮୯୧୭୫୨୧୭୨୫ କିମ୍ବା ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର, ସହଦେବଖୁଣ୍ଟା, ବାଲେଶ୍ୱର, ଫୋନ୍- ୯୮୬୧୩୭୯୦୦୫କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ । ନିର୍ଦ୍ଧାରିତ ସମୟ ପରେ ଏହି ଶିଶୁଟିକୁ ଧାରା ୩୮(୧) କିଶୋର ନ୍ୟାୟ ଆଇନ (ଯତ୍ନ ଓ ସୁରକ୍ଷା) ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯାଇପାରେ ।

| ଶିଶୁର ନାମ | ବୟସ | ଲିଙ୍ଗ | ଉଦ୍ଧାର ସମ୍ବନ୍ଧୀୟ ବିବରଣୀ | ଫଟୋ |
|---|---|---|---|---|
| ରାମ (ଦିଆ ଯାଇଥିବା ନାମ) | ୧ ମାସ | ପୁଅ | ଉକ୍ତ ଶିଶୁଟିକୁ ଗୁଣିଆ ମାଝି, ଗ୍ରାମ- ବିଶ୍ୱନାଥପୁର, ପୋ- ଲଙ୍ଗଳେଶ୍ୱର, ଥାନା- ସିଗଂଲା, ଜିଲ୍ଲା- ବାଲେଶ୍ୱର ଅବହେଳିତ ଅବସ୍ଥାରେ ଉଦ୍ଧାର କରି ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସା ପାଇଁ ତା.୨୫.୧୧.୨୦୨୫ ରିଖରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଏହି ଶିଶୁକୁ ନେବା ପାଇଁ ତାର ଜନ୍ମିତ ପିତାମାତା ବା ଆଇନସିଦ୍ଧ ଦାବିଦାର ଆସିନାହାନ୍ତି । ଉକ୍ତ ଶିଶୁଟିର ଚିକିତ୍ସା ପରେ ବର୍ତ୍ତମାନ ଯତ୍ନ ଓ ସୁରକ୍ଷା ନିମନ୍ତେ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ଆଦେଶ ସଂଖ୍ୟା ୪୯୬/୨୫ ତା.୧୬.୧୨.୨୫ ରିଖ ବଳରେ ଏକ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି । ଅଦ୍ୟାବଧି ଏହି ଶିଶୁର କୌଣସି ଦାବିଦାର ଆସିନାହାନ୍ତି । |  |
| ସୀତା (ଦିଆ ଯାଇଥିବା ନାମ) | ୨୩ ଦିନ | ଝିଅ | ଉକ୍ତ ଶିଶୁଟିକୁ ବାଲେଶ୍ୱର ଅରଡ ବଜାର ଗ୍ରାମର ଗ୍ରାମବାସୀ ଅବହେଳିତ ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ହସ୍ପିଟାଲରେ ଚିକିତ୍ସା ପାଇଁ ତା.୩୦.୧୧.୨୫ରିଖରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଏହି ଶିଶୁକୁ ନେବା ପାଇଁ ତାର ଜନ୍ମିତ ପିତାମାତା ବା ଆଇନସିଦ୍ଧ ଦାବିଦାର ଆସିନାହାନ୍ତି । ଉକ୍ତ ଶିଶୁଟି ସୁସ୍ଥ ହେବା ପରେ, ବର୍ତ୍ତମାନ ଯତ୍ନ ଓ ସୁରକ୍ଷା ନିମନ୍ତେ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ଆଦେଶ ସଂଖ୍ୟା ୫୦୯/୨୫ ତା.୨୦.୧୨.୨୫ରିଖ ବଳରେ ଏକ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି । ଅଦ୍ୟାବଧି ଏହି ଶିଶୁର କୌଣସି ଦାବିଦାର ଆସିନାହାନ୍ତି । |  |



OIPR- ସ୍ୱା./- ଜିଲ୍ଲାପାଳ, ବାଲେଶ୍ୱର

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼
### [ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ]

ବିଜ୍ଞପ୍ତି ସଂଖ୍ୟା-୬୨୯/୨୫, ତା- 31/12/25

No. g-139:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନରେ ଉଲ୍ଲେଖ କରାଯାଇଥିବା ଶିଶୁମାନେ ଦେବଗଡ଼ ଶିଶୁ ମଙ୍ଗଳ କମିଟିର ନିଷ୍ପତ୍ତିକ୍ରମେ ସପୋର୍ଟ ଶିଶୁ ଗୃହରେ ଆନୁଷ୍ଠାନିକ ଯତ୍ନ ମଧ୍ୟରେ ରହିଆସୁଛନ୍ତି । ଏହି ଶିଶୁମାନଙ୍କର ଯଦି କେହି ପିତାମାତା କିମ୍ବା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼ [ଫୋନ୍- ୮୯୮୪୩୮୧୫୦୦] କିମ୍ବା ଅଧ୍ୟକ୍ଷା, ଶିଶୁ ମଙ୍ଗଳ ସମିତି, ଦେବଗଡ଼ [୦୬୬୪୧-୨୨୬୬୪୩]କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟସୀମା ଅତିକ୍ରାନ୍ତ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ । ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଅଧିନିୟମ - ୨୦୧୫ ଅନ୍ତର୍ଗତ ଧାରା - ୩୮(୧) ଓ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ମାଧ୍ୟମରେ ଥଇଥାନ କରାଯିବ ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼

| କ୍ରମିକ ସଂଖ୍ୟା | ଶିଶୁର ନାମ | ଲିଙ୍ଗ/ ବୟସ | ଶିଶୁ ଗୃହରେ ପ୍ରବେଶ ତାରିଖ | ଶିଶୁ ଯତ୍ନ ଅନୁଷ୍ଠାନର ନାମ | ଫଟୋ |
|---|---|---|---|---|---|
| ୧ | ବର୍ଷା ସ୍ୱାଇଁ | ଝିଅ (୮ ବର୍ଷ) | ୨୮/୦୧/୨୦୨୧ | ସପୋର୍ଟ ଶିଶୁ ଗୃହ |  |
| ୨ | ଅନାମ ମୁଣ୍ଡା | ପୁଅ (୧୦ ବର୍ଷ) | ୦୫/୦୪/୨୦୨୪ | ସପୋର୍ଟ ଶିଶୁ ଗୃହ |  |
| ୩ | ଅଜୟ ମୁଣ୍ଡା | ପୁଅ (୧୩ ବର୍ଷ) | ୦୫/୦୪/୨୦୨୪ | ସପୋର୍ଟ ଶିଶୁ ଗୃହ |  |
| ୪ | ଶିବାନନ୍ଦ | ପୁଅ (୭ ମାସ) | ୦୨/୦୬/୨୦୨୫ | ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର |  |

OIPR-

# ଉଠାଦୋକାନୀଙ୍କୁ ଆକ୍ରମଣ, ଭଦ୍ରକ କଚେରି ବଜାରରେ ଉତ୍ତେଜନା

ଭଦ୍ରକ,୧୧ (ସନାତନ ରାଉତ)


ଘଟଣାସ୍ଥଳରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବୁଝାଶୁଝା କରୁଛନ୍ତି।

■ ଆକ୍ରମଣକାରୀ ଥାନାରେ ଅଟକ
■ ପ୍ରତିବାଦରେ ରାସ୍ତାରୋକୋ କଲା ହିନ୍ଦୁ ସଙ୍ଗଠନ

ଭଦ୍ରକ ସହର କଚେରି ବଜାରରେ ଉଠାଦୋକାନୀଙ୍କ ବିବାଦ ଉଗ୍ରରୂପ ନେଇଛି। ଜଣେ ଫଳ ଦୋକାନୀଙ୍କୁ ଅନ୍ୟ ସମ୍ପ୍ରଦାୟର ଜଣେ ପରିବା ଦୋକାନୀ ବ୍ଲେଡ୍‌ରେ ଆକ୍ରମଣ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କୁ ପୋଲିସ ଅଟକ ରଖିଥିବା ବେଳେ ତାଙ୍କ ସମ୍ପର୍କୀୟମାନେ ପୁର୍ନବାର ଜଣେ ମହିଳା ଫଳ ଦୋକାନୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଧମକ ଦେବାରୁ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇପଡ଼ିଛି।

ସୂଚନା ଅନୁଯାୟୀ, ଅପରହିବା ଛକରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଫଳ ଦୋକାନୀ ସପନ ଦେ ଓ ଅନ୍ୟ ସମ୍ପ୍ରଦାୟର ଜଣେ ପରିବା ଦୋକାନୀଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ପରିବା ଦୋକାନୀ ଯୁବକ ଜଣକ ସପନଙ୍କ କାନ ମୁଣ୍ଡକୁ ଧାରୁଆ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ ଆହତ ସପନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସପନଙ୍କ ଭାଇ ତପନ ଟାଉନ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୧/୨୬) ରୁଜୁ ହୋଇଛି। ପୋଲିସ ଆକ୍ରମଣକାରୀ ଯୁବକଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ଗୁରୁବାର ସକାଳେ ଅନ୍ୟ ଜଣେ ମହିଳା ଦୋକାନ ଖୋଲିବା ପରେ ଉକ୍ତ ପରିବା ଦୋକାନୀଙ୍କ ସାନଭାଇ ଓ ତାଙ୍କ ସମ୍ପର୍କୀୟମାନେ ପହଞ୍ଚି ତାଙ୍କ ଭାଇ ନାଁରେ ଥାନାରେ କାହିଁକି ଅଭିଯୋଗ କରିଛ ବୋଲି ପଚାରିବା ସହ ଏଠାରେ ଦୋକାନ ଖୋଲିପାରିବ ନାହିଁ, ଦୋକାନ ଖୋଲିଲେ ସମସ୍ତଙ୍କୁ ହାଣିଦେବେ ବୋଲି ଧମକ ଦେଇ ଗାଳିଗୁଲଜ କରିଥିଲେ। ଏହି ଘଟଣା ପରେ ବିଭିନ୍ନ ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତା ପହଞ୍ଚି ପ୍ରତିବାଦ କରିବା ସହ ଆକ୍ରମଣକାରୀମାନଙ୍କୁ ତୁରନ୍ତ ଗିରଫ ଦାବିରେ ଅପରହିବା ଟ୍ରାଫିକ ଛକରେ ରାସ୍ତାରୋକୋ କରିଥିଲେ। ଫଳ ଦୋକାନୀଙ୍କୁ ଆକ୍ରମଣ ବେଳେ ପୋଲିସ କର୍ମଚାରୀମାନେ ଛକରେ ଉପସ୍ଥିତ ଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିଲେ ବୋଲି ବିଶ୍ୱ ହିନ୍ଦୁ ପରିଷଦର ମାନସ ମହାନ୍ତି କହିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେହି ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ବଢ଼ିବାରୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଡିଆଇଜି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ପହଞ୍ଚି ଆଲୋଚନା କରିଥିଲେ। କଚେରି ବଜାରରୁ ସମସ୍ତ ଉଠାଦୋକାନୀଙ୍କୁ ଉଠାଇ ଦିଆଯିବ। କୌଣସି ଦୋକାନୀ ରାସ୍ତାପାର୍ଶ୍ୱରେ ବସିପାରିବେ ନାହିଁ ବୋଲି ନିଷ୍ପତ୍ତି ହେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଅତିରିକ୍ତ ଏସ୍‌ପି ବେହେରା କହିଛନ୍ତି, ଫଳ ଦୋକାନୀଙ୍କୁ ଆକ୍ରମଣ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଆଲୋଚନା ପରେ ରାସ୍ତାରୋକୋ ହଟିଛି। ରାସ୍ତାକଡ଼ରେ ବସୁଥିବା ଉଠା ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ପରିସ୍ଥିତି ଶାନ୍ତ ପଡ଼ିଥିଲେ ମଧ୍ୟ ଉକ୍ତ ଛକରେ ପୋଲିସ ମୁତୟନ ରହିଛି।

## ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର

ବାହାନଗା,୧୧ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତଥା ଗୋପାଳପୁର ଥାନା ଅଞ୍ଚଳରେ ନୂଆବର୍ଷରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୨୮ ବର୍ଷୀୟ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଚନ୍ଦ୍ରଧର ତ୍ରିପାଠୀ (୫୪)। ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା୩୦ରେ ପୀଡ଼ିତା ଏକୁଟିଆ ଥିବା ସୁଯୋଗରେ ଚନ୍ଦ୍ରଧର ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ସେହି ସମୟରେ ପୀଡ଼ିତାଙ୍କ ମା' ଘରକୁ ଫେରି ଝିଅର ଚିତ୍କାର ଶୁଣି ପାଟି ପକାଇଥିଲେ। ଅଭିଯୁକ୍ତ ସେଠାରୁ ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଶୁକ୍ରବାର ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ହେମଗିର,୧୧ (ଚୈତନ୍ୟ ପଟେଲ)

■ ଅଭିଯୁକ୍ତ ସ୍ୱାମୀ ଗିରଫ

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଖୁଟିପାଲି ଗ୍ରାମରେ ବୁଧବାର ରାତିରେ ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ ହୋଇଛି। ଏହି ଘଟଣାରେ ହେମଗିର ପୋଲିସ ଅଭିଯୁକ୍ତ ସ୍ୱାମୀ ମଙ୍ଗୁଳ ଧନୱାର(୩୪)ଙ୍କୁ ଗୁରୁବାର ଗିରଫ କରିଛି। ଘଟଣା ସ୍ଥଳରେ ଥାନା ଅଧିକାରୀ ମନୋରଞ୍ଜନ ବିଶି, ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର ମିତ୍ରଭାନୁ ସା, ସବ୍‌ଇନ୍‌ସପେକ୍ଟର ହରିଶ କୁମାର ଛତର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା (ନଂ.୧/୨୬) ରୁଜୁ କରିଛି। ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିଥିବା ଆଉଆଇସି ବିଶି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗୁଳ ଏବଂ ସ୍ତ୍ରୀ ପୁଷ୍ପ ଧନୱାର (୩୦) ବୁଧବାର ହେମଗିର ସାପ୍ତାହିକ ହାଟ ସାରି ଘରକୁ ଫେରୁଥିଲେ। ହଠାତ୍ କୌଣସି କଥାକୁ ନେଇ ରାସ୍ତା ମଝିରେ ୨ ଜଣଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ମଙ୍ଗୁଳ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ଥିଲେ। ପରେ ତାଙ୍କୁ ୩ ଶହ ମିଟର ଦୂରରେ ଥିବା ନିଜ ଘରକୁ ଘୋଷାଡ଼ି ନେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ଘଟଣା ସମ୍ପର୍କରେ ସେ କାହାକୁ କିଛି ଜଣାଇ ନ ଥିଲେ। ତେବେ ଗୁରୁବାର ପୁଷ୍ପ ବାହାରକୁ ନ ବାହାରିବାରୁ ପଡ଼ୋଶୀ ତାଙ୍କୁ ହତ୍ୟା କରାଯାଇଥିବା ଆଶଙ୍କା କରିଥିଲେ। ଏହାକୁ ନେଇ ଗାଁରେ ଚର୍ଚ୍ଚା ବଢ଼ିଥିଲା। କୌଣସି ସୂତ୍ରରୁ ହେମଗିର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତନଘନ କରିଥିଲେ। ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷରେ ପୁଷ୍ପଙ୍କ ବାପା ଗୁଞ୍ଜଲାଲ ଦାନୱାର ଅନେକ ଥର ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା ବୋଲି କହିଛନ୍ତି। ଏବେ ଝିଅଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି।

# ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ହତ୍ୟା

ଦିଗପହଣ୍ଡି,୧୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଞ୍ଚଳରେ ନୂଆବର୍ଷର ପ୍ରଥମ ଦିନ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ନାତୁଣୀଙ୍କୁ ହଇରାଣ ନ କରିବା ପାଇଁ ତାଗିଦ୍ କରିବାରୁ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମର ସନିଆ ଗୌଡ଼(୮୫)। କେ.ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ୨ ଅଭିଯୁକ୍ତ ସିନ୍ଧବା ଗ୍ରାମର ଶିବ ଗୌଡ଼ ଏବଂ ଚିକୁନ ଗୌଡ଼ଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଗତ କିଛିଦିନ ହେଲା ଗାଁରେ ରହୁଥିବା ସନିଆଙ୍କ ନାତୁଣୀଙ୍କୁ ଶିବ ହଇରାଣ ହରକତ କରୁଥିଲେ। ସନିଆ ତାଙ୍କୁ ଏଭଳି କାମରୁ ନିବୃତ୍ତ ହେବାକୁ ଚେତାବନୀ ଦେଇଥିଲେ। ଗତ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଶିବ ପୁଣି ନାତୁଣୀଙ୍କୁ ଦୁର୍ବ୍ୟବହାର କରିଥିବା ଓ ଗୁରୁବାର ସକାଳେ ଘର ସମ୍ମୁଖରେ ଶିବଙ୍କୁ ଦେଖି ସନିଆ ତାଗିଦ୍ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଶିବ ଓ ତାଙ୍କ ସମ୍ପର୍କୀୟ ଚିକୁନ ସନିଆଙ୍କୁ ଆପତ୍ତିଜନକ ଭାଷାରେ ଗାଳି କରିଥିଲେ। ସନିଆ ଏହାର ପ୍ରତିବାଦ କରିବାରୁ ଶିବ ଏକ ଭଙ୍ଗା ଠେସ କାଠରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଗୁରୁତର ଅବସ୍ଥାରେ ସନିଆଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ, ଏଏସଆଇ ସି. ତାରକେଶ୍ୱର ରାଓ ସଦଳବଳ ଗାଁରେ ପହଞ୍ଚି ତଦନ୍ତ କରିବା ସହ ଦିଗପହଣ୍ଡି ମେଡିକାଲରୁ ମୃତଦେହ ଜବତ କରିଥିଲେ। ଏ ନେଇ ସନିଆଙ୍କ ପୁଅ ବିଚିତ୍ର ଗୌଡ଼ଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ.୧/୨୬ରେ ମାମଲା ରୁଜୁ କରିଛି। ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ, ୨ ଗିରଫ

ଅନୁଗୋଳ,୧୧ (ଜ୍ୟୋତିରଞ୍ଜନ ସାହୁ)


ପୋଲିସ ହାତରେ ଧରାପଡ଼ିଥିବା ୨ ଅଭିଯୁକ୍ତ।

■ ସାଇବର ଠକଙ୍କ ସହ ରହିଛି ସମ୍ପର୍କ
■ ଆକାଉଣ୍ଟରେ ୧ କୋଟି ୧୯ ଲକ୍ଷ ଟଙ୍କାର କାରବାର

ସାଇବର ଠକେଇ ଓ ଆର୍ଥିକ ଅପରାଧ ବିରୋଧରେ ଚାଲିଥିବା 'ଅପରେଶନ ମ୍ୟୁଲ୍ ହଣ୍ଟ' ଅଭିଯାନରେ ଅନୁଗୋଳ ଜିଲା ପୋଲିସକୁ ବଡ଼ ସଫଳତା ମିଳିଛି। ଠକେଇ ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟାଙ୍କରେ ଏକାଧିକ ଆକାଉଣ୍ଟ ଖୋଲି ବେଆଇନ ଟଙ୍କା କାରବାର କରୁଥିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲାର ତନ୍ମୟ କୁମାର ମଲିକ (୨୧) ଓ ଅନୁଶ କୁମାର ନାୟକ (୨୨)।

ସୂଚନା ଅନୁଯାୟୀ, ସାଇବର କ୍ରାଇମ ଓ ଆର୍ଥିକ ଅପରାଧ ଥାନାର ସବ୍‌ଇନ୍‌ସପେକ୍ଟର ତପନ କୁମାର ଗଡ଼ନାୟକଙ୍କ ରିପୋର୍ଟ ଆଧାରରେ ନଂ. ୩୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ନାଲ୍‌କୋନଗରସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ ନୂଆ ପାସ୍‌ବୁକ ଯାଞ୍ଚ ସମୟରେ ୨ ଯୁବକଙ୍କ ଚଳାଚଳ ଓ କାଗଜପତ୍ରରେ ଅସଙ୍ଗତି ଦେଖାଦେବା ପରେ ବ୍ୟାଙ୍କ କର୍ମଚାରୀମାନେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ଯାଞ୍ଚରୁ ଜଣାପଡ଼ିଥିଲା, ଭଦ୍ରକର ତନ୍ମୟ ଓ ଅନୁଗୋଳର ଅମାନ୍ତ ବେହେରା ପୂର୍ବରୁ ଏକ ଆକାଉଣ୍ଟ ଥିବା ସତ୍ତ୍ୱେ ଅନ୍ୟ ଜଣଙ୍କ ନାମରେ ଆକାଉଣ୍ଟ ଖୋଲିବାକୁ ଚେଷ୍ଟା କରୁଥିଲେ। ପୋଲିସ ପଚରାଉଚରା ସମୟରେ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସାଇବର ଠକେଇ ସମ୍ପୃକ୍ତ ଅବୈଧ ଟଙ୍କା ଲେଣଦେଣ କରୁଥିବା ତନ୍ମୟ ସ୍ୱୀକାର କରିଥିଲେ। ରାଜ୍ୟ ବାହାର ଓ ଅନ୍ୟ ଜିଲାରୁ ଆସୁଥିବା ଠକେଇ ଟଙ୍କା ଏହି ଆକାଉଣ୍ଟ ମାଧ୍ୟମରେ ଅନ୍ୟାନ୍ୟ ଆକାଉଣ୍ଟକୁ ପଠାଯାଉଥିଲା। ପୋଲିସ ଯାଞ୍ଚରେ ୪ଟି ବ୍ୟାଙ୍କ ଆକାଉଣ୍ଟରେ ମୋଟ ୧ କୋଟି ୧୯ ଲକ୍ଷ ଟଙ୍କାରୁ ଅଧିକ କାରବାର ହୋଇଥିବା ତଥ୍ୟ ପାଇଥିଲା। ଏହାପରେ ଆକାଉଣ୍ଟରେ ଥିବା ୨ ଲକ୍ଷ ୫୮ ହଜାର ଟଙ୍କାକୁ ଫ୍ରିଜ୍ କରାଯାଇଥିଲା। ଏଥିସହ ତନ୍ମୟ ଓ ଭଦ୍ରକରୁ ସହଯୋଗୀ ଅନୁଶଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ଅନ୍ୟ କୌଣସି ଥାନାରେ ମାମଲା ରହିଛି କି ନାହିଁ, ସେ ନେଇ ପୋଲିସ ଯାଞ୍ଚ କରୁଛି। ଏହି ଠକେଇ ର୍‍ୟାକେଟ ପଛରେ ଥିବା ମୁଖ୍ୟ ମାଷ୍ଟରମାଇଣ୍ଡ ଓ ଅନ୍ୟ ସହଯୋଗୀଙ୍କୁ ଧରିବା ପାଇଁ ତଦନ୍ତକୁ ଆହୁରି ତୀବ୍ର କରାଯାଇଛି ବୋଲି ପୋଲିସ କହିଛି।

# ତ୍ରିକୋଣୀୟ ପ୍ରେମରୁ ଗଡ଼ିଲା ମୁଣ୍ଡ

ଭୁବନେଶ୍ୱର,୧୧ (ତ୍ରିନାଥ ମହାନ୍ତି)

■ ମୁଖ୍ୟ ଅଭିଯୁକ୍ତ ନଣ୍ଡାଙ୍କୁ ଗିରଫ ଦାବିରେ ରାସ୍ତାରୋକୋ
■ ଚିକିତ୍ସାଧୀନ ଅବସ୍ଥାରେ ଜିତୁନଙ୍କ ମୃତ୍ୟୁ

ନୟାପଲ୍ଲୀ ଡିଏଭି ସ୍କୁଲ ନିକଟରେ ଗତ ୨୭ ତାରିଖରେ ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜିତୁନ ଦାସ ଓରଫ ବବୁଲଙ୍କ ଗୁରୁବାର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନୟାପଲ୍ଲୀ ନୂଆସାହିର ଜିତୁନ୍ ଜଣେ ଡ୍ରାଇଭର ଭାବେ କାମ କରୁଥିଲେ। ଘଟଣା ରାତିରେ ଘରକୁ ଫେରୁଥିବାବେଳେ ବିଚ୍ ରାସ୍ତାରେ ତାଙ୍କୁ ଆକ୍ରମଣ ହୋଇଥିଲା। ଏନେଇ ନୟାପଲ୍ଲୀ ଥାନା ପକ୍ଷରୁ ପ୍ରଥମେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇ ପୋଲିସ ୨ଜଣ ନାବାଳକ ଏବଂ ଦଶପଲ୍ଲାର ସୁମନ ନାୟକଙ୍କୁ ପୂର୍ବରୁ ଗିରଫ କରିଥିଲା। ହତ୍ୟା ପଛରେ ଥିବା ମାଷ୍ଟରମାଇଣ୍ଡ ନଣ୍ଡାଙ୍କୁ ସହଯୋଗ କରିଥିବା ଜଣେ ନାବାଳକଙ୍କୁ ପୋଲିସ ଅଟକ ରଖିପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସିବିଆଇ ଅଫିସ ସମ୍ମୁଖ ରାସ୍ତାକୁ ମୃତକଙ୍କ ପରିବାର ଏବଂ ପଡ଼ୋଶୀ ରାସ୍ତାରୋକୋ କରିଥିଲେ। ନ୍ୟାୟ ନ ମିଳିଲେ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଥିଲେ। ଖବରପାଇ ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ବୁଝାସୁଝା କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା। ଫେରାର ନଣ୍ଡାଙ୍କୁ ଧରିବା ପାଇଁ ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ପୋଲିସ ତଦନ୍ତରୁ ଏହି ହତ୍ୟାକାଣ୍ଡ ତ୍ରିକୋଣୀୟ ପ୍ରେମକୁ ନେଇ ଘଟିଥିବା ଜାଣିବାକୁ ପାଇଛି। ଫେରାର ଅଭିଯୁକ୍ତ ନଣ୍ଡା ନୟାପଲ୍ଲୀ ନୂଆ ସାହିର ବବୁଲ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ବବୁଲ ଉକ୍ତ ଯୁବତୀଙ୍କ ଅତି ନିକଟତର ହେବା ପରେ ନଣ୍ଡା କ୍ରୋଧାନ୍ୱିତ ହୋଇଥିଲେ। ଏପରିକି ବବୁଲଙ୍କୁ ତାଙ୍କ ରାସ୍ତାରୁ ହଟିଯିବା ପାଇଁ କହିଥିଲେ। ବୁବଲ ଯୁବତୀଙ୍କ ଠାରୁ ଦୂରେଇବା ବଦଳରେ ଅତି ନିକଟତର ହୋଇଥିଲା। ଯେଉଁଥି ପାଇଁ ନଣ୍ଡା ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ତାଙ୍କୁ ସହଯୋଗ କରିବା ପାଇଁ ସୁମନ ନାୟକଙ୍କୁ କହିଥିଲେ। ସୁମନ ତାଙ୍କ ନାବାଳକ ଗ୍ୟାଙ୍ଗକୁ ଧରି ହତ୍ୟାକରିବା ପାଇଁ ଯୋଜନା କରିଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳପଥ ପ୍ରବନ୍ଧକ/ଇଏନ୍‌ଜିକି/ ଏସ୍.ଇ. ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଏବଂ ଇଏମ୍‌ଡି ମୂଲ୍ୟ ଯଥାକ୍ରମେ: (୧); ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୧୩୨-୨୦୨୫; ରାଞ୍ଚି ମଣ୍ଡଳର କ୍ଷେତ୍ରାଧିକାର ପାଇଁ ବାକୁଡିହ/ ରାଜଗ୍ରାମ/ ପିନରଗଡ଼ିଆ କ୍ୱାରୀ ସାଇଡିଂଠାରେ ୫୦ ମିମି ଆକାରର ୯୬୧୧୨ ସିୟୁଏମ୍ ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ରେଳ ୱାଗନ/ହପର୍ସରେ ବୋଝେଇ ତଥା ଖଲାସ କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୨୦,୫୬,୧୮,୧୬୮.୩୨; ₹୧୧,୭୮,୧୦୦.୦୦। (୨); ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୧୩୩-୨୦୨୫; ରାଞ୍ଚି ମଣ୍ଡଳର କ୍ଷେତ୍ରାଧିକାର ପାଇଁ ପାକୁର/ ତାଲଝରି/ ବଡ଼ହରୱା କ୍ୱାରୀ ସାଇଡିଂଠାରେ ୫୦ ମିମି ଆକାରର ୧୦୦୦୧୮ ସିୟୁଏମ୍ ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ରେଳ ୱାଗନ/ହପର୍ସରେ ବୋଝେଇ ତଥା ଖଲାସ କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୨୧,୩୯,୭୪,୫୦୮.୪୮; ₹୧୨,୧୯,୯୦୦.୦୦। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୧।୦୧।୨୦୨୬ରିଖ ୧୫.୦୦ ଘଟିକା (କ୍ର.ସଂ. ୧ ଓ ୨ ପାଇଁ)। ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1022)



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025060, ତା.23.12.2025ରିଖ

**କାର୍ଯ୍ୟର ନାମ :** ପୁରୀ ରେଳ ଷ୍ଟେସନରେ ପ୍ଲାଟଫର୍ମ ସେଲ୍‌ଟର ନିର୍ମାଣ, ପ୍ଲାଟଫର୍ମ ସେଲ୍‌ଟର ଅପଗ୍ରେଡେସନ, ପ୍ଲାଟଫର୍ମ ପୃଷ୍ଠରେ ଉନ୍ନତି ସହିତ ବିଦ୍ୟୁତକରଣ କାର୍ଯ୍ୟ (ପ୍ଲାଟଫର୍ମ 1A, 1B, 1, 2, 3, 4, 5 ଏବଂ 6)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2868.23 ଲକ୍ଷ, EMD : ₹ 15,84,100/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.01.2026ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-212/CI/25-26



## କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଫ୍-୪, ୨ୟ ମହଲା
ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଭୁବନେଶ୍ୱର ସହିଦ ନଗର ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ଭୁବନେଶ୍ୱର ସହିଦ ନଗର ଶାଖା (୨୪୮୭) / (ସାଙ୍କେତିକ ଦଖଲ)**<br>**ଋଣଗ୍ରହୀତା: ମେସର୍ସ ମୁନ୍ ୱାକ୍ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ**, ୨ୟ ମହଲା, ପ୍ଲଟ୍ ନଂ.: ୩୬୯/୨୧୬୭, ପ୍ରମିଳା ଟାୱାର, ପାଣ୍ଟାଲୁନ୍ ପଛପାର୍ଶ୍ୱ, ପଟିଆ ଛକ, ଭୁବନେଶ୍ୱର, ପିନ୍-୭୫୧୦୨୪, **ଅଂଶୀଦାର, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ଝରଣା ସାହୁ**, ସ୍ୱାମୀ: ଶ୍ରୀ ଚନ୍ଦ୍ର ଶେଖର ସାହୁ, ଟାଙ୍ଗର, ଭିଟିସି: ପୁରୁଣାଘାଟି, ଆନନ୍ଦପୁର, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୨୧, **ଅଂଶୀଦାର ଏବଂ ଜାମିନ୍‌ଦାର: ଶ୍ରୀମତୀ କବିତା ରଣା**, ସ୍ୱାମୀ: ଶ୍ରୀ ସୁଶୀଲ ପରିଡା, ଶର୍ମା ଛକ, ଜନସେବା କେନ୍ଦ୍ର, ତାଳଚେର, ଅନୁଗୁଳ-୭୫୯୧୦୦ / **ଜାମିନ୍‌ଦାର: ଶ୍ରୀ ଚନ୍ଦ୍ର ଶେଖର ସାହୁ**, ପିତା: ଶ୍ରୀ ତ୍ରିଲୋଚନ ସାହୁ, ପ୍ଲଟ୍ ନଂ.: ୩୩, କେ-୧, କଳିଙ୍ଗ ନଗର, ଭୁବନେଶ୍ୱର-୭୫୧୦୦୩ | (କ) ଶ୍ରୀମତୀ ଝରଣା ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଖଣ୍ଡଗିରି, ଥାନା ନଂ. ୫୦, ଏସ୍‌ଆର୍‌ଓ: ଖଣ୍ଡଗିରି, ମୌଜା: ଘାଟିକିଆ, ହାଲ୍ ଖାତା ନଂ.: ୧୯୮/୩୮୩, ହାଲ୍ ପ୍ଲଟ୍ ନଂ.: ୬୪୯୯, କ୍ଷେତ୍ର: ଏକର୦.୧୦୩ ଡିସିମିଲି, ଅନୁରୂପ ଜିଏ ଡ୍ରଇଂ ନଂ. ବି/୩୬୦, ଜିଏ ପ୍ଲଟ୍ ନଂ. ୩୩(ସି), ସାବିକ ଖାତା ନଂ.: ୪୪୩, ସାବିକ ପ୍ଲଟ୍ ନଂ.: ୫୩ (ଅଂଶ), କ୍ଷେତ୍ର: ଏକର୦.୧୨୪ ଡିସିମିଲି (୬୦ X ୯୦ ଫୁଟ), କ୍ରେତାଙ୍କ ସପକ୍ଷରେ ହସ୍ତାନ୍ତରିତ ହୋଇଥିବା ଆନୁପାତିକ ଅବିଭକ୍ତ ଅଂଶ ଯାହାର କ୍ଷେତ୍ର: ଏକର୦.୦୧୦.୩୩ ଡିସିମିଲି, ଯାହାକି '**ଶିବ ଦର୍ଶନ**' ଆପାର୍ଟମେଣ୍ଟର ୩ୟ ମହଲାର ଫ୍ଲାଟ୍ ନଂ.: ସି-୩ ଭାବରେ ଚିହ୍ନିତ, ଯାହାର ସୁପର ବିଲ୍ଟ ଅପ୍ ଏରିଆ ୧୫୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୩୨, ଉତ୍ତର: ପ୍ଲଟ୍ ନଂ. ୩୪, ଦକ୍ଷିଣ: ରାସ୍ତା, **ସିଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୮୧୧୨୦୪୭୫/**<br>(ଖ) ୨୨.୧୦.୨୦୨୫ / (ଗ) ୩୦.୧୨.୨୦୨୫ / (ଘ) ଟ.୮୨,୬୫,୯୮୧.୨୧ (ବୟାଅଶୀ ଲକ୍ଷ ପଞ୍ଚଷଠି ହଜାର ନଅ ଶହ ଏକାଅଶୀ ଟଙ୍କା ଏବଂ ଏକୋଇଶ ପଇସା ମାତ୍ର) ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୧.୦୧.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



## ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Ph. No.: 06815-222052, e-Mail: parala.mply@gmail.com
Letter No. 4594 Dated: 30.12.2025

### QUOTATION CALL NOTICE

No. C-1934: Sealed quotations are invited from the intending Registered Firms/Agencies for supply & fixing of RCC precast concrete chair (as per the specification & photo given) at different location/public places of Paralakhemundi Municipality area.

| | |
|---|---|
| Schedule Paper Cost (Non-refundable) | Rs.4,000/- (in shape of Demand Draft in favour of Executive Officer, Paralakhemundi Municipality |
| Sale of Schedule Paper (Start Date) | 01.01.2026, 10.00 A.M. |
| Sale of Schedule Paper (End Date) | 08.01.2026, upto 05.00 P.M. |
| Last date of receipt of Schedule Paper | 09.01.2026 upto 05.00 P.M. |
| Opening of Bid | 12.01.2026, 11.00 A.M. at Paralakhemundi Municipality |

The details of quotation call document will be available in the district website of Gajapati i.e. **https://gajapati.odisha.gov.in** from 01.01.2026 to 08.01.2026.
The authority reserves the right to reject any or all the EOI without assigning any reason thereof.

OIPR-
Sd./- Executive Officer
Paralakhemundi Municipality



## ଓଡ଼ିଶା ସରକାର
No. A-1212
## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାରକା ଜଳସେଚନ ବିଭାଜନ

ଇମେଲ: eeidjaraka@yahoo.com

### "e" Procurement Notice
Bid Identification No. JKID-04/2025-26

| | | |
|---|---|---|
| 1. | କାର୍ଯ୍ୟର ନାମ | Irrigation Project Works as per DTCN |
| 2. | ମୋଟ କାର୍ଯ୍ୟ ସଂଖ୍ୟା | ୩୮ ((ଅଠତିରିଶ ଗୋଟି କାର୍ଯ୍ୟ) |
| 3. | ଅଟକଳ ମୂଲ୍ୟ | ୪.୬୦ ଲକ୍ଷରୁ ୬୮.୮୪ ଲକ୍ଷ |
| 4. | ଇ.ଏମ୍.ଡି. (Bid Security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE dated 05.12.2017 as Mentioned in DTCN. |
| 5. | କାର୍ଯ୍ୟର ସମାପ୍ତି ସମୟ | କ୍ର.ନଂ. ୧ରୁ ୩୮ – ୯୦ ଦିନ। |
| 6. | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | |
| | I. Procurement Officer | ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ, ଜାରକା |
| | II. ଅନଲାଇନ Biddingର ସମୟ ସୀମା | ତା୦୫।୦୧।୨୦୨୬ଦିନ ୧୧ଘଟିକାରୁ ତା୧୫।୦୧।୨୦୨୬ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂ Financial Bid ଖୋଲାଯିବାର ତାରିଖ ଓ ସମୟ | ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା୧୬।୦୧।୨୦୨୬ ଦିବା ୧୧.୦୦ ଘଟିକା |
| | IV. Transparent Lotteryର ତାରିଖ ଓ ସମୟ | ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା୨୮।୦୧।୨୦୨୬ଦିବା ୧୧.୦୦ ଘଟିକା ସମୟରେ। |

Further details can be seen from the Govt. website **www.tendersorissa.gov.in**.
Sd./- ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ, ଜାରକା



## NOTICE INVITING BID (TENDER)

Tender Reference No. 3708 /
Dr. ACHMC&H, Bhubaneswar Dt.31.12.25

### TENDER FOR SUPPLY OF DIETARY ARTICLES FOR INDOOR PATIENTS OF DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR (FOR THE YEAR 2025-26)

No. E-640: Sealed tenders are invited from the eligible registered dietary articles suppliers or catering firms having valid GST Registration Certificate to supply dietary articles. Women Self Help Groups [SHGs] can also apply. The bid is invited for supply of dietary articles to the indoor patients on annual contract basis from the eligible firms to the attached hospital of Dr. Abhin Chandra Homoeopathic Medial College & Hospital, Bhubaneswar for the financial year 2025-26.

| | | |
|---|---|---|
| 1. | Value of Tender | Rs. 6 lakhs only (approx) |
| 2. | Cost of Tender Book | Rs.500.00 (Five hundred only including GST) |
| 3. | Availability of tender book | From the office of the Principal Dr. Abhin Chandra Homoeopathic Medical College & Hospital, Bhubaneswar |
| 4. | Mode of Payment of cost of Tender Book | On payment of Rs.500/- to the Office of the Principal-cum-Superintendent or in shape of Demand Draft in favour of Principal Dr. Abhin Chandra Homoeopathic Medical College & Hospital, Bhubaneswar payable at Bhubaneswar |
| 5. | Date of commencement of sale of tender book | Dt.03.01.2026 from 10.30 A.M. |
| 6. | Last date & time for submission of tender | Dt.27.01.2026 upto 4.30 P.M. |
| 7. | Mode of submission of tender | To be received through a sealed tender box kept in the office chamber of the Principal Dr. Abhin Chandra Homoeopathic Medical College & Hospital, Bhubaneswar |
| 8. | Date, Time & Place for opening of tenders | Technical Bids & Financial Bid will be opened on Dt.28.01.2026 at 3.30 P.M. at the Office of the Principal Dr. Abhin Chandra Homoeopathic Medical College & Hospital, Bhubaneswar |

The tender inviting authority reserves the right to accept/reject any or all the bids without assigning any reason thereof.

Sd./- Principal-cum-Superintendent
Dr. Abhin Chandra Homoeopathic Medical College & Hospital, Bhubaneswar
OIPR:



## PANCHAYAT SAMITI OFFICE, DHENKANAL SADAR, DHENKANAL

Mail Id: ori-bdhenkanal@od.gov.in
Tender Call Notice No. 6925/Dt.30.12.2025 BDO/DHENKANAL SADAR

No. i-447: "Block Development Officer, Dhenkanal Sadar on behalf of Governor Odisha invites tenders/quotation from eligible bidders adhering to required criteria for supply of Dual Desk Bench to different Schools under Sadar Block, Dhenkanal".
For detail visit our website **https://dhenkanal.odisha.gov.in**
For detailed information please visit the website **http//dhenkanal.odisha.gov.in.**
OIPR: Sd.- Block Development Officer, Dhenkanal Sadar



## GOVERNMENT OF ODISHA
## HEALTH & FAMILY WELFARE DEPARTMENT
## OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017

E-mail: vimsarsuptd24@gmail.com
No. 20107/VIMSAR Dated, Burla, the 30th December, 2025

### TENDER CALL NOTICE

No. E-636: Sealed tenders are hereby invited by the undersigned from the reputed Authorized Dealers & Registered firms under GST Act for repair of 02 (two) Nos. P.S.A. Plant of Pulmonary Medicine Department of VIMSAR, Burla, so as to reach this office of the Superintendent, VSS Institute of Medical Sciences & Research, Burla on or before Dt.16.01.2026 upto 5.00 P.M. through Regd. Post/Speed Post/Couriers only and that will be opened on next working day at 17.01.2026 at 11.30 A.M. The tenderer may attend the office at the time of opening of the tenders. The delay in receipt of tender paper is the responsibility of the tenderer.
The detail terms and conditions of this Tender Call Notice can be downloaded from Dist. website **http://sambalpur.odisha.gov.in** & **www.vimsar.ac.in**.
The undersigned/committee reserves the full right to accept in full or reject any or all the tenders without assigning any reason thereof.

OIPR-
Sd./- Superintendent
VIMSAR, Burla



## ODISHA PUBLIC SERVICE COMMISSION

19, Dr. P.K. Parija Road, Cuttack - 753001

### NOTICE

No. 9001/PSC, Dt.31.12.2025
1E-07-2025/26 [DR-II]

### ADVERTISEMENT No. 06 of 2025-26

Website: https://opsc.gov.in

| | |
|---|---|
| I. | Assistant Agriculture Officer (Group - B) of Odisha Agriculture and Food Production Service, under Department of Agriculture & Farmers' Empowerment |
| II. | No. of Vacancies - 118 (40-w) |

No. D-291: Online applications are invited from the prospective candidates through proforma application to be made available on the Website of the Commission **(https://opsc.gov.in)** for recruitment to **118 (One Hundred Eighteen)** posts of **Assistant Agriculture Officer** in Class-II (Group-B), of the **Odisha Agriculture and Food Production Service,** under the Department of Agriculture & Farmers' Empowerment in Level-10, Cell-1 of ORSP Rules, 2017 with usual dearness and other allowances as may be sanctioned by the Government of Odisha from time to time. The posts are permanent and likely to continue.

**2. VACANCY POSITION:** As per requisition furnished by the Agriculture & Farmers' Empowerment Department, Government of Odisha, the vacancy position for the posts of **Assistant Agriculture Officer** is **118 (40-w)**. Out of which 61 (20-W) vacancies are for UR Category, 14 (05-W) vacancies are reserved for SEBC, 29 (10-W) vacancies are reserved for SC category and 14 (05-W) vacancies are reserved for ST category.
Also, 05 (01-W) posts are reserved for PwDs whose permanent disability is 40% or more, 01 post for Sports Persons and 04 posts for Ex-Servicemen. Candidates belonging to the categories of Ex-Servicemen, Sports Persons & PWDs shall be adjusted against the categories to which they belong.

**3. AGE:** A candidate must have attained the age of **21 (Twenty One)** years and must not be above the age of **42 (Forty two)** years as on the **1st day of January 2025** i.e. he/she must not have been born **earlier than 2nd January 1983** and **not later than 1st January 2004**.

**4. EDUCATIONAL QUALIFICATION:** A candidate must have possessed a Bachelor's Degree in Agriculture [B.Sc. (Ag.)] or Horticulture [B.Sc. (Horticulture)] from any University or Institution recognzied by any State Government or the Government of India.
**No other equivalent qualification except Degree in Agriculture or Horticulture will be accepted**.

**5. EXAMINATION FEE:** The candidates other than SC, ST and PwD category shall have to pay the examination fee amounting to **Rupees Seven Hundred (Rs.700/-) only** through online mode while filling the Online Application Form. The examination fees paid shall be **refunded only to those candidates who actually appear in the both the papers of Written Examination. Applications without payment of examination fees (except SC/ST/PwD candidates) will be taken as incomplete and outrightly be rejected**.
Refund shall be issued in due course after completion of the Written Examination. Refunds will be processed to the original mode of payment used at the time of the transaction by the candidate. (Credit Card, Debit Card, UPI, Net Banking, Wallet, etc.)

**6. METHOD OF SELECTION:** The selection of candidates for recruitment to the posts of Assistant Agriculture Officer shall be made on the basis of **Written Examination (MCQ Pattern)** and Pesonality Test **(Interview)**.

**7. WRITTEN EXAMINATION:** The Written Examination will be held tentatively on **19.02.2026 (Thursday)**. The detailed Schedule and Centre of Examination will be notified in due course.
**The link for Registration and Payment of Examination fee shall be available from 10.01.2026 to 27.01.2026 (5.00 P.M.) (Note: 30.01.2026 (5.00 P.M.) is the last date/closing date for submission of Registered Online Application).**
The candidates are advised to visit the Website of the Commission at **http://opsc.gov.in for detailed information for applying to the above post**. Applications received through any other mode would not be accepted and summarily be rejected.

**Cuttack**
**Date: 31.12.2025**
Sd./- Secretary
Odisha Public Service Commission
Cuttack

# ମେଗା ଇଭେଣ୍ଟର ବର୍ଷ

୨୦୨୬ ହେଉଛି କ୍ରୀଡ଼ା ଜଗତ ପାଇଁ ମେଗା ଇଭେଣ୍ଟର ବର୍ଷ। ବିଶ୍ୱର ସବୁଠାରୁ ଲୋକପ୍ରିୟ ଫିଫା ବିଶ୍ୱକପ ଏହିବର୍ଷ ହେବାକୁଥିବାବେଳେ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ମହିଳା ଓ ପୁରୁଷ ଟି୨୦ କ୍ରିକେଟ ବିଶ୍ୱକପ ପରି ଅନେକ ବଡ଼ ଇଭେଣ୍ଟ ଅନୁଷ୍ଠିତ ହେବ। ସେହିପରି ବରଫ ପରିବେଶରେ ୱିଣ୍ଟର ଅଲିମ୍ପିକ୍ସର ମଜାନେବେ କ୍ରୀଡ଼ାପ୍ରେମୀ। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ହେବା ପରଠାରୁ ଓଡ଼ିଶାରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏ ବର୍ଷ ମଧ୍ୟ ଇଣ୍ଡିଆନ ଓପନ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ମିଟ୍‌ରୁ ଆରମ୍ଭ କରି ଏଫ୍ଆଇଏଚ୍ ପ୍ରୋ ଲିଗ୍, ହକି ଇଣ୍ଡିଆ ଲିଗ୍, ନ୍ୟାଶନାଲ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍, ଇଣ୍ଡିଆନ ଇନ୍‌ଡୋର ଓପନ କମ୍ବାଇନ୍‌ଡ ଇଭେଣ୍ଟ ଆଦି ଏଠାରେ ଆୟୋଜନ ହେବ...

## ମିଲାନୋ, କର୍ଟିନା ୱିଣ୍ଟର ଅଲିମ୍ପିକ୍ସ



ଫେବୃଆରୀ ୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୱିଣ୍ଟର ଅଲିମ୍ପିକ୍ସ ଇଟାଲୀର ମିଲାନୋ ଓ କର୍ଟିନାଠାରେ ଅନୁଷ୍ଠିତ ହେବ। ଏହା ୱିଣ୍ଟର ଅଲିମ୍ପିକ୍ ଗେମ୍ସର ୨୫ତମ ସଂସ୍କରଣ ହେବ। ଏହାପରେ ୱିଣ୍ଟର ପାରାଲିମ୍ପିକ୍ସ ମାର୍ଚ୍ଚ ୬ରୁ ୧୫ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଛି। ଉଭୟ ଇଭେଣ୍ଟ ଲାଗି ୨୦୧୯ ଜୁନ ୨୪ରେ ବସିଥିବା ୧୩୪ତମ ଆଇଓସି ସେସନରେ ମିଲାନୋ ଓ କର୍ଟିନା ଡି' ଆମ୍ପେଜୋକୁ ମିଳିତ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିଲା। ମିଲାନୋରେ ମୁଖ୍ୟତଃ ଆଇସ୍ ଇଭେଣ୍ଟ ଅନୁଷ୍ଠିତ ହେବାକୁ ଥିବା ବେଳେ ବଳକା ଇଭେଣ୍ଟ କର୍ଟିନା, ଭାଲଟେଲିନା ଓ ଫିଏମେ ଭ୍ୟାଲିରେ ହେବ। ମୋଟ ଉପରେ ଚତୁର୍ଥ ଥର ପାଇଁ ଇଟାଲୀ ୱିଣ୍ଟର ଅଲିମ୍ପିକ୍ସ ଆୟୋଜନ କରିବାକୁ ଯାଉଛି। ଅନ୍ତିମ ଥର ୧୯୫୬ରେ ଇଟାଲୀ ୱିଣ୍ଟର ଗେମ୍ସ ଆୟୋଜନ କରିଥିଲା। ଆଗାମୀ ସଂସ୍କରଣରେ ସ୍କି ମାଉଣ୍ଟେନିଅରିଂ ଅଲିମ୍ପିକ୍ ଇଭେଣ୍ଟ ଭାବେ ପଦାର୍ପଣ କରିବ। ଆଇଓସିର ନୂଆ ସଭାପତି କ୍ରିଷ୍ଟି କଭେଣ୍ଟ୍ରିଙ୍କ ନେତୃତ୍ୱରେ ଏହା ପ୍ରଥମ ଅଲିମ୍ପିକ୍ ଗେମ୍ସ ହେବ। ଏହି ସଂସ୍କରଣରେ ୧୬ ବିଭାଗରେ ୧୧୬ ମେଡାଲ ଇଭେଣ୍ଟରେ ପ୍ରତିଯୋଗିତା ହେବ, ଯାହାକି ୨୦୨୨ ବେଜିଂ ସଂସ୍କରଣ ଅପେକ୍ଷା ୭ଟି ଅଧିକ।

ଏହି ପ୍ରତିଯୋଗିତାରେ ୯୦ ଦେଶ ଓ ଯୋଗ୍ୟତା ହାସଲ କରିଥିବା ସ୍ୱାଧୀନ ଅଲିମ୍ପିକ୍ ଆଥଲେଟ୍ସ ଭାଗ ନେବେ। ୨୦୨୨ରେ ୟୁକ୍ରେନ ଉପରେ ସୈନିକ କାର୍ଯ୍ୟାନୁଷ୍ଠାନ ଯୋଗୁ ରୁଷିଆ ଓ ବେଲାରୁସକୁ ସସ୍‌ପେଣ୍ଡ ରହିବେ। କିନ୍ତୁ ଦୁଇ ଦେଶର ଯୋଗ୍ୟତାପ୍ରାପ୍ତ ଆଥଲେଟ୍‌ମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ହେଲେ ଆଇସ୍ ହକି ଭଳି ଦଳଗତ ପ୍ରତିଯୋଗିତାରେ ଉଭୟ ଦେଶର ଖେଳାଳିମାନେ ଅଂଶଗ୍ରହଣ କରିପାରିବେ ନାହିଁ। କାରଣ ନ୍ୟୁଟ୍ରାଲ ଆଥଲେଟ୍ସଙ୍କ ଗ୍ରୁପ୍‌କୁ ଏକ ଦଳ ଭାବେ ଗଣନା କରାଯାଇ ପାରିବ ନାହିଁ। ଭାରତୀୟଙ୍କ ମଧ୍ୟରେ ଏପର୍ଯ୍ୟନ୍ତ କେବଳ ଆଲପାଇନ ସ୍କିଅର ଆରିଫ ଖାନ ଯୋଗ୍ୟତା ହାସଲ କରିଛନ୍ତି। ସେ ସ୍ଲାଲୋମ ଇଭେଣ୍ଟରେ ୨୦୨୨ ବେଜିଂ ଗେମ୍ସରେ ଭାରତର ପ୍ରତିନିଧିତ୍ୱ କରି ଇତିହାସ ରଚିଥିଲେ।

## ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍



ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ପୁରୁଷ ଟି୨୦ ବିଶ୍ୱକପ୍ ଖେଳାଯିବ। ଟି୨୦ ବିଶ୍ୱକପ୍‌ର ଏହା ହେଉଛି ୧୦ମ ସଂସ୍କରଣ। ଏହି ବିଶ୍ୱକପ୍ ଆୟୋଜନ ଲାଗି ଆଇସିସି ପକ୍ଷରୁ କେବଳ ଭାରତକୁ ଅଧିକାର ଦିଆଯାଇଥିଲା। କିନ୍ତୁ ପାକିସ୍ତାନ ବିଶ୍ୱକପ୍‌ରେ ଭାଗ ନେଉଥିବାରୁ ଶ୍ରୀଲଙ୍କାକୁ ଦ୍ୱିତୀୟ ଭେନ୍ୟୁ ଭାବେ ଚୟନ କରାଯାଇଛି। ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଏହି ଟୁର୍ନାମେଣ୍ଟରେ ଗତ ସଂସ୍କରଣ ଭଳି ୨୦ ଦଳ ଭାଗ ନେବେ। ସମସ୍ତ ଦଳକୁ ୪ ଗ୍ରୁପ୍‌ରେ ଭାଗ ଭାଗ କରାଯାଇଛି। ପୂରା ଟୁର୍ନାମେଣ୍ଟରେ ଫାଇନାଲକୁ ମିଶାଇ ମୋଟ ୫୫ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଫର୍ମାଟ୍‌ରେ ପ୍ରତ୍ୟେକ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ର ଟପ୍-୨ ଦଳ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିବେ। ଏହି ସଂସ୍କରଣରେ ଇଟାଲୀ ପଦାର୍ପଣ କରିବାକୁ ଯାଉଛି। ଗତ ସଂସ୍କରଣର ଚାମ୍ପିୟନ ଭାରତୀୟ ଦଳ ପାଖରେ ଏଥର ଟାଇଟଲ ଡିଫେଣ୍ଡ କରିବାର ସୁଯୋଗ ରହିଛି। ୨୦୨୪ ସଂସ୍କରଣର ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ଏହି ଟୁର୍ନାମେଣ୍ଟ ଲାଗି ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରାଯାଇଛି। ଭାରତରେ ମ୍ୟାଚ ଗୁଡ଼ିକ ଅହମଦାବାଦ, ଚେନ୍ନାଇ, ଦିଲ୍ଲୀ, କୋଲକାତା ଓ ମୁମ୍ବାଇ ଏବଂ ଶ୍ରୀଲଙ୍କାରେ କଲମ୍ବୋର ୨ ଭେନ୍ୟୁ ଓ କାଣ୍ଡିରେ ଅନୁଷ୍ଠିତ ହେବ।

## ଏସିଆନ୍ ଗେମ୍ସ

20th Asian Games
Aichi-Nagoya 2026

ଚଳିତ ବର୍ଷ ହେବାକୁ ଯାଉଥିବା ବହୁ ଦେଶଭିତ୍ତିକ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ହେଉଛି ଏସିଆନ୍ ଗେମ୍ସ। ଏସିଆନ୍ ଗେମ୍ସର ୨୦ତମ ସଂସ୍କରଣ ଜାପାନର ଆଇଚି ପ୍ରିଫେକ୍‌ଚର ଓ ନାଗୋୟା ସହରରେ ଆସନ୍ତା ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସଂସ୍କରଣ ସହିତ ଏସିଆନ ଗେମ୍ସ ପାରମ୍ପରିକ ୪ ବର୍ଷିଆ ସାଇକେଲକୁ ଫେରିବାକୁ ଯାଉଛି। ଏଥିପୂର୍ବରୁ ୨୦୨୨ରେ ଚାଇନିଜ୍ ସହର ହାଙ୍ଗ୍‌ଝୌଠାରେ ହେବାକୁଥିବା ସଂସ୍କରଣକୁ କୋଭିଡ୍ ମହାମାରୀ କାରଣରୁ ୨୦୨୩କୁ ଘୁଞ୍ଚାଇ ଦିଆଯାଇଥିଲା। ୨୦୨୬ ସଂସ୍କରଣରେ ଏସିଆର ୪୬ ଦେଶ ଭାଗନେବେ ଏବଂ ୬୧ କ୍ରୀଡ଼ା ବିଭାଗରେ ୪୬୦ ପଦକ ଇଭେଣ୍ଟ ଅନୁଷ୍ଠିତ ହେବ। ଜାପାନର ତୃତୀୟ ସହର ଭାବେ ନାଗୋୟା ଏସିଆନ ଗେମ୍ସ ଆୟୋଜନ କରିବାକୁ ଯାଉଛି। ଏଥିପୂର୍ବରୁ ୧୯୯୪ରେ ହିରୋଶିମାରେ ଓ ୧୯୫୮ରେ ଟୋକିଓଠାରେ ଏସିଆନ ଗେମ୍ସ ହୋଇଥିଲା।

ଆଇଚି-ନାଗୋୟା ଆୟୋଜକ କମିଟି ଖର୍ଚ୍ଚ କାଟିବା ପାଇଁ ସ୍ଥାୟୀ ଆଥ୍‌ଲେଟ୍ସ ଗାଁ ନିର୍ମାଣ ନ କରିବାକୁ ନିଷ୍ପତ୍ତି ନେଇଛି। ଏହା ବଦଳରେ କିନ୍‌ଜୋ ପିଅରଠାରେ ଡକ୍ ହୋଇଥିବା କ୍ରୁଜ୍ ଶିପ୍‌କୁ ଆଥ୍‌ଲେଟ୍ସ ଗାଁ ଭାବେ ବ୍ୟବହାର କରାଯିବ।

## ଫିଫା ବିଶ୍ୱକପ



ବିଶ୍ୱର ସବୁଠାରୁ ଲୋକପ୍ରିୟ ଫିଫା ବିଶ୍ୱକପର ୨୬ତମ ସଂସ୍କରଣ ଜୁନ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଇତିହାସରେ ଏହା ପ୍ରଥମଥରପାଇଁ ୩ ଦେଶ ଆମେରିକା, ମେକ୍ସିକୋ ଓ କାନାଡାରେ ଅନୁଷ୍ଠିତ ହେବ। ଇଭେଣ୍ଟଗୁଡ଼ିକ ମୋଟ ୧୬ଟି ସହରରେ ଆୟୋଜନ ହେବ। ଏହା ମଧ୍ୟରେ ଆମେରିକାର ୧୧, ମେକ୍ସିକୋର ୩ ଓ କାନାଡାର ୨ଟି ଭେନ୍ୟୁ ସାମିଲ। ପୂର୍ବରୁ ଫିଫା ବିଶ୍ୱକପରେ ସର୍ବାଧିକ ୩୨ଟି ଦଳ ଅଂଶଗ୍ରହଣ କରୁଥିଲେ। ମାତ୍ର ଏଥର ପ୍ରଥମଥରପାଇଁ ଏହି ମେଗା ପ୍ରତିଯୋଗିତାରେ ୪୮ଟି ଦଳ ଅଂଶଗ୍ରହଣ କରିବେ। ମସ୍କୋରେ ଅନୁଷ୍ଠିତ ଫିଫାର ୬୮ତମ କଂଗ୍ରେସ ଅବସରରେ ଅନୁଷ୍ଠିତ ବିଶ୍ୱକପ ବିଡ୍ ଭୋଟିଂରେ ଆମେରିକା ପ୍ରତିଦ୍ୱନ୍ଦ୍ୱୀ ମରକ୍କୋକୁ ପଛରେ ପକାଇ ଦେଇଥିଲା। ୨୦୦୨ରେ ପ୍ରଥମଥରପାଇଁ ବିଶ୍ୱକପ ଏକାଧିକ ସହରରେ ହେବାକୁ ଯାଉଛି। ଅନ୍ୟପକ୍ଷରେ ୧୯୭୦ ଓ ୧୯୮୬ ପରେ ମେକ୍ସିକୋ ପ୍ରଥମ ଦେଶଭାବେ ଏହି ପ୍ରତିଯୋଗିତାକୁ ତୃତୀୟ ଥରପାଇଁ ଆୟୋଜକ କିମ୍ବା ସହ ଆୟୋଜକ ହେବାର ସୁଯୋଗ ପାଇଛି। ଆମେରିକା ପୂର୍ବରୁ ୧୯୯୪ରେ ବିଶ୍ୱକପ ଆୟୋଜନ କରିଥିଲା। କାନାଡା ପ୍ରଥମଥରପାଇଁ ଆୟୋଜକ କିମ୍ବା ସହ ଆୟୋଜକ ହେବାର ସୁଯୋଗ ପାଇଛି। ଆୟୋଜକ ଦେଶଭାବେ ଆମେରିକା, କାନାଡା ଓ ମେକ୍ସିକୋ ସ୍ୱାଭାବିକ ଭାବେ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କେପ୍ ଭର୍ଡେ, କୁରାକାଓ, ଜୋର୍ଡାନ ଓ ଉଜ୍‌ବେକିସ୍ତାନ ଏଥର ବିଶ୍ୱକପ ଡେବ୍ୟୁ କରିବେ। ୨୦୨୨ରେ ଟାଇଟଲ ବିଜୟୀ ଆର୍ଜେଣ୍ଟିନା ଏଥର ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ।

## ମହିଳା ଟି୨୦ ବିଶ୍ୱକପ୍

ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ମହିଳା ଟି୨୦ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହା ମହିଳା ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ହେବ। କ୍ୱାଲିଫିକେଶନ ପ୍ରକ୍ରିୟା ଘୋଷଣା କରାଯାଇଥିଲା। ଆୟୋଜକ ଇଂଲଣ୍ଡ ସମେତ ୨୦୨୪ ସଂସ୍କରଣର ଟପ୍ ୫ ଦଳ ସିଧାସଳଖ ଯୋଗ୍ୟତା ହାସଲ

ICC WOMEN'S T20
WORLD CUP
ENGLAND & WALES 2026

ଏହି ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ୧୨ ଦଳ ଭାଗ ନେବେ। ଟୁର୍ନାମେଣ୍ଟରେ କ୍ୱାଲିଫାଏ କରିଥିବା ୧୨ ଦଳକୁ ଦୁଇ ଗ୍ରୁପ୍‌ରେ ଭାଗ ଭାଗ କରାଯାଇଛି। ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୫ ଲେଖାଏ ଲିଗ୍ ମ୍ୟାଚ୍ ଖେଳିବେ। ଉଭୟ ଗ୍ରୁପ୍‌ର ଟପ୍-୨ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ୨୦୨୨ ଜୁଲାଇରେ ଆଇସିସି ପକ୍ଷରୁ ଟୁର୍ନାମେଣ୍ଟ ଲାଗି କରିଥିଲେ। ବଳକା ୬ ସ୍ଥାନ ପାଇଁ ୨୦୨୪ ଅକ୍ଟୋବର ୨୦ ତାରିଖରେ ଆଇସିସି ମହିଳା ଟି୨୦ଆଇ ଦଳଗତ ର୍ୟାଙ୍କିଙ୍ଗ୍ ଆଧାରରେ ପୂର୍ବରୁ ଯୋଗ୍ୟତା ହାସଲ କରି ନ ଥିବା ଟପ୍ ୬ ଦଳକୁ ଯୋଗ୍ୟତା ପ୍ରଦାନ କରାଯାଇଥିଲା। ଗତ ସଂସ୍କରଣର ଚାମ୍ପିୟନ ନ୍ୟୁଜିଲାଣ୍ଡ ପାଖରେ ଏଥର ତା'ର ଟାଇଟଲ ବଜାୟ ରଖିବାର ସୁଯୋଗ ରହିଛି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ବହୁ ଇଭେଣ୍ଟ ବିଶିଷ୍ଟ ପ୍ରତିଯୋଗିତା ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୩ ଜୁଲାଇରୁ ୨ ଅଗଷ୍ଟ ପର୍ଯ୍ୟନ୍ତ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଆୟୋଜନ ହେବ। ସ୍କଟ୍‌ଲାଣ୍ଡରେ ୪ର୍ଥ ଥରଲାଗି ଏହି ପ୍ରତିଯୋଗିତା ଆୟୋଜନ ହେବ। ପୂର୍ବରୁ ୧୯୭୦ ଓ ୧୯୮୬ରେ ଏଡିନବର୍ଗ ଏବଂ ୨୦୧୪ରେ ଗ୍ଲାସ୍‌ଗୋରେ ଏହା ଆୟୋଜିତ ହୋଇଛି। କୁଇନ୍ ଏଲିଜାବେଥ-୨ଙ୍କ ପରଲୋକ ଏବଂ କିଙ୍ଗ୍ ଚାର୍ଲ୍ସ-୩ ରାଜ୍ୟଗୋଷ୍ଠୀର ମୁଖ୍ୟ ହେବାପରେ ଆଗାମୀ ପ୍ରତିଯୋଗିତା ପ୍ରଥମଥରଲାଗି ଆୟୋଜନ ହେବାକୁ ଯାଉଛି। ଅଷ୍ଟ୍ରେଲୀୟ ରାଜ୍ୟ ଭିକ୍ଟୋରିଆ ଓହରି ଯିବାରୁ ଏକ ସମୟରେ ପ୍ରତିଯୋଗିତା ଆୟୋଜନ ଲାଗି କେହି ଦାବିଦାର ନ ଥିଲେ। ୨୦୨୨ ଏପ୍ରିଲରେ ଭିକ୍ଟୋରିଆ ଆୟୋଜକ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ୨୦୨୩ରେ ଖର୍ଚ୍ଚକାଟ ଯୋଜନାରେ ଏହାର ରାଜ୍ୟ ସରକାର ଓହରି ଯାଇଥିଲେ। କୁଇନ୍ସଲାଣ୍ଡର ଗୋଲ୍ଡକୋଷ୍ଟ ସହ ଆୟୋଜକ ହେବବୋଲି ପ୍ରକାଶ ପାଇଥିଲା, ମାତ୍ର ସମାନ କାରଣରୁ ସେ ମଧ୍ୟ ଓହରି ଯାଇଥିଲା। ଫଳରେ ପ୍ରତିଯୋଗିତା ସ୍ଥଗିତ ରହିବା ଆଶଙ୍କା ପ୍ରକାଶ ପାଇଥିଲା। ୨୦୨୪ ଅଗଷ୍ଟ ୧୧ରେ ଗ୍ଲାସ୍‌ଗୋ ଏକ ଚୁକ୍ତି ମାଧ୍ୟମରେ ଆୟୋଜନ ଅଧିକାର ପାଇଥିଲା। ମାତ୍ର ଏହାର ପରଦିନ ସ୍ପଷ୍ଟ କରାଯାଇଥିଲା ଯେ କିଛି ଚୂଡ଼ାନ୍ତ ଏଗ୍ରିମେଣ୍ଟ ପରେ ଅଷ୍ଟ୍ରେଲିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆର୍ଥିକ ସହଯୋଗରେ ସ୍କଟ୍‌ଲାଣ୍ଡ ସରକାର ଏହାକୁ ଆୟୋଜନ ପାଇଁ ରାଜି ହୋଇଥିଲେ।



## କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ସିଲଭର ଲେଭଲ ମିଟ୍



ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆଉ ଦୁଇଟି ବଡ଼ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ପକ୍ଷରୁ ପ୍ରକାଶିତ ୨୦୨୬ ଘରୋଇ କ୍ୟାଲେଣ୍ଡରରୁ ଏହା ଜଣାପଡ଼ିଛି। ତଦନୁସାରେ ନ୍ୟାଶନାଲ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୨୪ ଓ ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ସେହିପରି ଇଣ୍ଡିଆନ ଓପନ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ମିଟ୍ ମଧ୍ୟ ଏଠାରେ ଅଗଷ୍ଟ ୨୨ରେ ଆୟୋଜନ ହେବ। ଏହା ବ୍ୟତୀତ ମେ ୨ ଓ ୩ରେ ପ୍ରଥମ ଇଣ୍ଡିଆନ ଇନ୍‌ଡୋର ଓପନ କମ୍ବାଇନ୍‌ଡ ଇଭେଣ୍ଟ ଏବଂ ପୋଲଭଲ୍ଟ ପ୍ରତିଯୋଗିତା ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଜୁଲାଇ ୮ରୁ ୧୨ ପର୍ଯ୍ୟନ୍ତ ୬୫ତମ ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ଭୁବନେଶ୍ୱର ଆୟୋଜନ କରିବ। ୨୦୨୬ ଘରୋଇ କ୍ୟାଲେଣ୍ଡରରେ ୪୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ଆୟୋଜନ ହେବ ବୋଲି ଦର୍ଶାଯାଇଛି। ପ୍ରକାଶ ଯୋଗ୍ୟ ଯେ ୨୦୨୫ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତାକୁ ଓଡ଼ିଶା ସରକାର ସଫଳତାର ସହ କଳିଙ୍ଗ ଷ୍ଟାଡିୟମକୁ ଆୟୋଜନ କରିଥିଲେ। ଭବିଷ୍ୟତରେ ଏଠାରେ ସିଲଭର ଏବଂ ଗୋଲ୍ଡ ଲେଭଲ ପ୍ରତିଯୋଗିତା ଆୟୋଜନ ହେବ ବୋଲି ପ୍ରକାଶ କରାଯାଇଥିଲା।


ବୁଲଗେରିଆର ସୋଫିଆରେ ନୂଆବର୍ଷ ୨୦୨୬କୁ ସ୍ୱାଗତ କରୁଛନ୍ତି ଲୋକେ। (ଫଟୋ ସୌଜନ୍ୟ: ରଏଟର୍ସ)

# ଆଉ ଜଣେ ହିନ୍ଦୁଙ୍କୁ ଜାଳିଦେବାକୁ ଉଦ୍ୟମ

**ଦୁବାଇ,୧ା୧**

- ପୋଖରୀକୁ ଡେଇଁ ବର୍ତ୍ତିଗଲେ
- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ବାଂଲାଦେଶରେ ସଂଖ୍ୟାଲଘୁ ଅସୁରକ୍ଷିତ

ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କ ଉପରେ ଆକ୍ରମଣ ହୋଇଛି। ଉତ୍ତ୍ୟକ୍ତ ଲୋକେ ତାଙ୍କୁ ମାଡ଼ ମାରି ଗୁରୁତର କରିଛନ୍ତି। ପରେ ସେମାନେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ସହ ଜିଅନ୍ତା ଜାଳିଦେବାକୁ ଉଦ୍ୟମ କରିଥିଲେ। ତେବେ ସେ ପାଖରେ ଥିବା ଏକ ପୋଖରୀରୁ ଡେଇଁପଡ଼ିବାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ବୁଧବାର ଶାରିଆତପୁର ଜିଲାରେ ଏହି ଘଟଣା ଘଟିଛି। ଆହତ ବ୍ୟକ୍ତିଙ୍କ ନାମ ଖୋକନ ଦାସ(୫୦)। ସେ ଘରକୁ ଫେରୁଥିବାବେଳେ ଉତ୍ତ୍ୟକ୍ତ ଲୋକେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଖୋକନ ତାଙ୍କ ଔଷଧ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଆକ୍ରମଣକାରୀ ତାଙ୍କୁ ଛୁରି ଭୁସିଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ଏଥିସହିତ ସେମାନେ ଖୋକନଙ୍କ ମୁଣ୍ଡରେ ଆଘାତ ଦେଇଥିଲେ ଓ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତେବେ ଆକ୍ରମଣକାରୀ କିଏ, ତାହା ଆମେ ଜାଣିନାହୁଁ। ସ୍ୱାମୀଙ୍କ ପାଇଁ ମୁଁ ନ୍ୟାୟ ଚାହେଁ ବୋଲି ମହିଳା ଜଣକ କହିଛନ୍ତି। ଖୋକନଙ୍କ ଅବସ୍ଥା ସଙ୍କଟାପନ୍ନ ହେବା ପରେ ତାଙ୍କୁ ଢାକା ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି।


ଗୁରୁତର ଖୋକନଙ୍କୁ ହସ୍ପିଟାଲ ନିଆଯାଉଛି।

ବାଂଲାଦେଶରେ ୨ ସପ୍ତାହ ମଧ୍ୟରେ ଏହା ହିନ୍ଦୁଙ୍କ ଉପରେ ଚତୁର୍ଥ ଆକ୍ରମଣ। ଗତ ୨୪ ତାରିଖରେ ଅମ୍ରିତ ମଣ୍ଡଳ(୨୯)ଙ୍କୁ ଲୋକେ ପିଟି ମାରିଦେଇଥିଲେ। ସେହିପରି ଗତ ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସ ନାମକ ୨୫ ବର୍ଷୀୟ ହିନ୍ଦୁ ଯୁବକ ଭିଡ଼ ହିଂସାରେ ପ୍ରାଣ ହରାଇଥିଲେ। ଉତ୍ତ୍ୟକ୍ତ ଲୋକେ ଦୀପୁଙ୍କୁ ହତ୍ୟା କରିବା ପରେ ଗଛରେ ଝୁଲାଇ ନିଆଁ ଲଗାଇ ଦେଇଥିଲେ।

ବାଂଲାଦେଶରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣ ବଢ଼ିଛି। ଏହାକୁ ନେଇ ସାରା ବିଶ୍ୱର ଜନସାଧାରଣ ଏବଂ ମାନବାଧିକାର ସଂଗଠନ କ୍ଷୁବ୍ଧ ହୋଇଛନ୍ତି। ସଂଖ୍ୟାଲଘୁଙ୍କ ପ୍ରତି କ୍ରମାଗତ ଶତ୍ରୁତାକୁ ନେଇ ଗତ ସପ୍ତାହରେ ଭାରତ ସରକାର ସ୍ୱର ଉଠାଇଥିଲେ। ତେବେ ହିଂସାକାଣ୍ଡକୁ ନେଇ ଭାରତର ଉଦ୍‌ବେଗକୁ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଥିଲା। ୟୁନୁସ୍ ସରକାର ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବାରେ ବିଫଳ ହେବା ସହ ବିଦେଶ ନୀତିରେ ଉଗ୍ରପନ୍ଥୀଙ୍କୁ ସୁଯୋଗ ଦେଉଥିବା କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି।

## ମନ୍ଦିରର ଅଧିକ କଳାକୃତିରୁ ସୁନା ଗାଏବ

**କୋଚି,୧ା୧**

### ସାବରିମାଲା ଦୁର୍ନୀତିର ବଡ଼ ପର୍ଦ୍ଦାଫାଶ



କେରଳ ହାଇକୋର୍ଟଙ୍କ ତରଫରୁ ସାବରିମାଲା ମନ୍ଦିରର ସୁନା ଚୋରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମନ୍ଦିର ଗର୍ଭଗୃହର ଦ୍ୱାରପାଳ ମୂର୍ତ୍ତି ଏବଂ କବାଟ ବନ୍ଧରୁ ସୁନା ଗାଏବ ହୋଇଥିବା ନେଇ ମାମଲା ରୁଜୁ କରିଛି। ମନ୍ଦିରର ଅଧିକ କାଳକୃତିରୁ ସୁନା ଗାଏବ୍ ହୋଇଥିବା ନେଇ ଏସ୍‌ଆଇଟି କୋଲାମସ୍ଥିତ ଭିଜିଲାନ୍ସ କୋର୍ଟରେ ରିପୋର୍ଟ ଦାଖଲ କରିଛି। ଏଥିସହିତ ସୁନା ଗାଏବ ଘଟଣା ୨ଟି କଳାକୃତିରେ ସୀମିତ ନୁହେଁ ବୋଲି ତଦନ୍ତକାରୀ ଟିମ୍ କହିବା ସହ ଅଭିଯୁକ୍ତମାନଙ୍କୁ ଅଧିକ ଜେରା ପାଇଁ ହାଜତକୁ ନେବା ନିମନ୍ତେ ନିବେଦନ କରିଛି। ରିପୋର୍ଟ ଅନୁଯାୟୀ, ମନ୍ଦିରର ପ୍ରଭା ମଣ୍ଡଳମ୍‌ରେ ଥିବା ୭ଟି ତମ୍ବା ପ୍ଲେଟ୍‌ରେ ଲାଗିଥିବା ସୁନା ନାହିଁ। ଏହା ଶିବ ମୂର୍ତ୍ତି ଏବଂ ବ୍ୟାଲି ରୂପମ୍‌କୁ ଆଚ୍ଛାଦିତ କରି ରଖିଥିଲା।

## ପୀଡ଼ିତାଙ୍କୁ ହତ୍ୟା ଧମକ ଦେଇଥିଲେ ଅଭିଯୁକ୍ତ

**ଫରିଦାବାଦ,୧ା୧(ପି.ଟି.)**

### ଫରିଦାବାଦ ଗଣବଳାତ୍କାର

ଫରିଦାବାଦରେ ଜଣେ ୨୫ ବର୍ଷୀୟା ମହିଳାଙ୍କୁ ଚଳନ୍ତା ଭ୍ୟାନ୍‌ରେ ରାତି ସାରା ଗଣବଳାତ୍କାର କରାଯିବା ପରେ ଦ୍ରୁତ ବେଗରେ ଥିବା ଉକ୍ତ ଭ୍ୟାନ୍‌ରୁ ଫିଙ୍ଗିଦିଆଯାଇଥିଲା। ଏହି ଖବର ପ୍ରକାଶ ପାଇବାର ଦିନକ ପରେ ଅଭିଯୁକ୍ତମାନଙ୍କ ବର୍ବରତା ସାମ୍ନାକୁ ଆସିଛି। ପୀଡ଼ିତା ଜଣକ ୩ ପିଲାର ମାଆ। ତାଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ପୀଡ଼ିତା ସାହାଯ୍ୟ ପାଇଁ ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାରିଦେବାର ଧମକ ଦେଇଥିଲେ। ଏହା ପରେ ସେମାନେ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ୩ ଘଣ୍ଟାର ଡ୍ରାଇଭିଂ ପରେ ସେମାନେ ଦ୍ରୁତ ବେଗରେ ଥିବା ଭ୍ୟାନ୍‌ରୁ ଗୁରୁଗ୍ରାମ-ଫରିଦାବାଦ ରୋଡ୍‌ରେ ଫିଙ୍ଗିଦେଇଥିଲେ। ବିଳମ୍ବିତ ରାତି ଏବଂ କୁହୁଡ଼ି ଯୋଗୁ ରାସ୍ତା ଜନଶୂନ୍ୟ ଥିଲା। ଏହି ଘଟଣା ୧୩ ବର୍ଷ ପୂର୍ବେ ଦିଲ୍ଲୀରେ ଘଟିଥିବା ନିର୍ଭୟା ବଳାତ୍କାର ଘଟଣାର ବୀଭତ୍ସତାକୁ ମନେ ପକାଇଦେଉଛି।

ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଉତ୍ତରପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣେ ମଧ୍ୟପ୍ରଦେଶର ବୋଲି ଜଣାପଡ଼ିଛି। ସେମାନଙ୍କୁ ପୋଲିସ ଗିରଫ କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁବାର ସ୍ଥିର ରହିଛି। ତାଙ୍କୁ ହସ୍ପିଟାଲରେ ଭେଟିଥିବା ହରିୟାଣା କଂଗ୍ରେସ ସଭାପତି ରାଓ ନରେନ୍ଦ୍ର ସିଂ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିରେ ଅଧୋଗତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଅମାନବୀୟ ଏବଂ ବୀଭତ୍ସ ଅପରାଧ ମାମଲାର ବିଚାର ଫାଷ୍ଟଟ୍ରାକ୍ କୋର୍ଟରେ କରିବାକୁ ଆହ୍ୱାନ ଦେଇଛନ୍ତି।

## ରୁଷିଆ ଅଧିକୃତ ଅଞ୍ଚଳରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ: ୨୪ ମୃତ

**କିଭ୍,୧ା୧**

ରୁଷିଆ ଅଧିକୃତ ଖେର୍‌ସନ ଅଞ୍ଚଳର ଏକ ଗ୍ରାମରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟୂନ ୫୦ ଜଣ ଆହତ ହୋଇଛନ୍ତି। ଶାନ୍ତି ଆଲୋଚନା ସକାରାତ୍ମକ ହୋଇଥିବା ନେଇ କୂଟନୀତିଜ୍ଞମାନେ କହୁଥିବାବେଳେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଉତ୍ତେଜନା ଲାଗି ରହିଛି। କୃଷ୍ଣ ସାଗର ଉପକୂଳରେ ଥିବା ଖୋର୍ଲି ରିସର୍ଟ ସହରର ଏକ କାଫେ ଏବଂ ହୋଟେଲ ଉପରେ ୩ଟି ଡ୍ରୋନ୍ ମାଡ଼ ହୋଇଥିଲା ବୋଲି ସେଠାରେ ମସ୍କୋ ଦ୍ୱାରା ନିୟୋଜିତ ନେତା ଭ୍ଲାଡିମିର ସାଲ୍‌ଡୋ କହିଛନ୍ତି। ତେବେ ୟୁକ୍ରେନୀୟ ଅଧିକାରୀମାନଙ୍କଠାରୁ କୌଣସି ମତାମତ ମିଳିନାହିଁ। ତେବେ ଆକ୍ରମଣରେ ସମ୍ପୃକ୍ତ ଗୋଟିଏ ଡ୍ରୋନ୍ ଖସୁଥିବାର ଭିଡିଓ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଜାରି କରିଛି। ୩ ଦିନ ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଆକ୍ରମଣ କରିଥିବା ନେଇ ମସ୍କୋ ଅଭିଯୋଗ କରିଥିବାବେଳେ କିଭ୍ ଏହାକୁ ଖଣ୍ଡନ କରିଥିଲା। ନୂଆବର୍ଷ ଅଭିଭାଷଣରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଶାନ୍ତି ଚୁକ୍ତିନାମାର ୯୦ ପ୍ରତିଶତ ପ୍ରସ୍ତୁତ ହୋଇଛି। ତେବେ ଅବଶିଷ୍ଟ ୧୦ ପ୍ରତିଶତରେ ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ସ୍ଥଳ ରହିବ, ଯାହା ଶାନ୍ତି ତଥା ୟୁକ୍ରେନ୍ ଓ ୟୁରୋପର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ସେ ସତର୍କ କରାଇଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ କହିଛନ୍ତି, ତାଙ୍କ ସମେତ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ତଥା ଉପଦେଷ୍ଟା ଜାରେଦ୍ କୁଶନରଙ୍କର ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ ଏବଂ ୟୁକ୍ରେନ୍ ଜାତୀୟ ସୁରକ୍ଷା ଉପଦେଷ୍ଟାଙ୍କ ସହ ଶାନ୍ତି ପ୍ରକ୍ରିୟା ନେଇ ଫଳପ୍ରଦ ଆଲୋଚନା ହୋଇଛି।

## ଦୂଷିତ ପାଣି ପିଇ ୭ ମୃତ, ୧୬୨ ଅସୁସ୍ଥ

**ଇନ୍ଦୋର,୧ା୧**

ସ୍ୱଚ୍ଛତା ସର୍ବେକ୍ଷଣରେ ଲଗାତର ଭାବେ ଦେଶରେ ୧ ନମ୍ବର ସ୍ଥାନରେ ରହୁଥିବା ମଧ୍ୟପ୍ରଦେଶର ଇନ୍ଦୋର ସହର ଏବେ ବିପରୀତ କାରଣକୁ ନେଇ ଚର୍ଚ୍ଚାରେ। ଇନ୍ଦୋରରେ ଦୂଷିତ ପାଣି ପିଇ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟୂନ ୧୬୨ ଜଣ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ଇନ୍ଦୋରର ଭାଗୀରଥପୁରା ଅଞ୍ଚଳରେ ଦୂଷିତ ପାଣି ଯୋଗୁ ଝାଡ଼ାବାନ୍ତି ବ୍ୟାପିଛି। ଏହି ପାଣି ପିଇବା ପରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ଲୋକେ କହୁଥିବାବେଳେ ସ୍ଥାନୀୟ ମେୟର ପୁଷ୍ୟମିତ୍ର ଭାର୍ଗବ ମୃତ୍ୟୁସଂଖ୍ୟା ୭ ବୋଲି କହିଛନ୍ତି। ଗତ ସପ୍ତାହେ ମଧ୍ୟରେ ୧୧୦୦ ଜଣ ଝାଡ଼ାବାନ୍ତିରେ ପଡ଼ିଥିବାବେଳେ ଶତାଧିକ ଲୋକଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିସହ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅସୁସ୍ଥମାନଙ୍କୁ ଭେଟିଛନ୍ତି। ସମସ୍ୟାର ସମାଧାନ ପାଇଁ ଇନ୍ଦୋର ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି। ପ୍ରାୟ ୪୦,୦୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୨,୪୫୬ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ୨୧୨ ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କୌଣସି ପ୍ରକାର ଅବହେଳାକୁ ସରକାର ବରଦାସ୍ତ କରିବେ ନାହିଁ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ନିମେସୁଲାଇଡ୍ ପେନ୍‌କିଲର ବ୍ୟାନ୍

**ନୂଆଦିଲ୍ଲୀ,୧ା୧**

ନିମେସୁଲାଇଡ୍ ପେନ୍‌କିଲର୍‌ର ଉତ୍ପାଦନ, ବିକ୍ରି ଓ ବିତରଣକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଯନ୍ତ୍ରଣାରୁ ତତ୍କାଳ ମୁକ୍ତି ପାଇଁ ସେବନ କରାଯାଉଥିବା ନିମେସୁଲାଇଡ୍ ପେନ୍‌କିଲରରେ ୧୦୦ରୁ ଅଧିକ ଏମ୍‌ଜି ଫର୍ମୁଲେଶନ୍ ରହୁଛି, ଯାହାକି ମଣିଷ ସ୍ୱାସ୍ଥ୍ୟ ଲାଗି ହାନିକାରକ ବୋଲି ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହାର ବିକଳ୍ପ ଔଷଧ ବଜାରରେ ଉପଲବ୍ଧ ଥିବାରୁ ତାକୁ କିଣି ସେବନ କରିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି। ୧୯୪୦ରେ ପ୍ରଣୀତ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆଇନର ଧାରା ୨୬ଏ ଅନୁସାରେ ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ ସହ ଆଲୋଚନା ପରେ ଏହି ବ୍ୟାନ୍ ତତ୍କାଳ ଲାଗୁ ହୋଇଥିବା ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଭାରତ-ପାକ୍ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ

**ଇସ୍‌ଲାମାବାଦ,୧ା୧(ପି.ଟି.)**

ଭାରତ ଓ ପାକିସ୍ତାନ ଗୁରୁବାର କୂଟନୈତିକ ଚ୍ୟାନେଲ ଜରିଆରେ ପରସ୍ପର ମଧ୍ୟରେ ଆଣବିକ ପ୍ରତିଷ୍ଠାନଗୁଡ଼ିକର ତାଲିକା ବିନିମୟ କରିଛନ୍ତି। ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ରୋକିବା ପାଇଁ ହୋଇଥିବା ଚୁକ୍ତିନାମା ଅନୁଯାୟୀ ପ୍ରତିବର୍ଷର ପ୍ରଥମ ଦିନରେ ଏଭଳି ତାଲିକା ବିନିମୟ ହୋଇଥାଏ। ୧୯୮୮ ଡିସେମ୍ବର ୩୧ରେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏଥିସହିତ ୨ ଦେଶ ୨୦୦୮ ମେ’ ୨୧ରେ ସ୍ୱାକ୍ଷର କରିଥିବା କନ୍‌ସୁଲାର ଆକ୍ସେସ୍ ଚୁକ୍ତି ଅନୁଯାୟୀ, ଭାରତ ଓ ପାକିସ୍ତାନ ବନ୍ଦୀ ତାଲିକା ବିନିମୟ କରିଛନ୍ତି। ତଦନୁଯାୟୀ ପାକିସ୍ତାନ ଜେଲରେ ୧୯୯ ମତ୍ସ୍ୟଜୀବୀଙ୍କ ସମେତ ୨୫୭ ଜଣ ଭାରତୀୟ ବନ୍ଦୀ ରହିଥିବା ନେଇ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ପାକିସ୍ତାନ କର୍ତ୍ତୃପକ୍ଷ ତାଲିକା ପ୍ରଦାନ କରିଛନ୍ତି।


**ଫୁର୍‌ସତ୍**

# ସିଟି ବଜାଇ ପରସ୍ପରକୁ ଡାକନ୍ତି

**ସା**ରା ବିଶ୍ୱରେ ଅନେକ ଗାଁ ଅନନ୍ୟ କାରଣ ପାଇଁ ଜଣାଶୁଣା। ଭାରତରେ ଏପରି ଏକ ଗାଁ ଅଛି, ଯାହା ଏହାର ଅନନ୍ୟ ଶୈଳୀ ପାଇଁ ବେଶ୍ ପରିଚିତ। ଦୁନିଆରେ ଏପରି କୌଣସି ଲୋକ ନାହିଁ ଯାହାର ନାଁ ନାହିଁ। ଲୋକମାନେ ପରସ୍ପରକୁ ସେମାନଙ୍କ ନାଁ ଧରି ଡାକିଥାନ୍ତି। ସାଧାରଣତଃ ଲୋକମାନେ ସେମାନଙ୍କ ମା’ବାପାଙ୍କ ଦ୍ୱାରା ଦିଆଯାଇଥିବା ନାଁ ଦ୍ୱାରା ଚିହ୍ନଟ ହୋଇଥାନ୍ତି। କିନ୍ତୁ ଭାରତର ଏକ ଗାଁରେ ଲୋକଙ୍କୁ ସେମାନଙ୍କ ନାଁ ଦ୍ୱାରା ନୁହେଁ, ବରଂ ଏକ ସ୍ୱର ଦ୍ୱାରା ବା ସିଟି ବଜାଇ ଡକାଯାଏ। ମେଘାଳୟ ରାଜ୍ୟରେ ଅବସ୍ଥିତ ଏହି ଅନନ୍ୟ ଗାଁ, ଯେଉଁଠାରେ ଲୋକମାନେ ପରସ୍ପରକୁ ସିଟି ବଜାଇ ଡାକନ୍ତି। ଯେତେବେଳେ ଏକ ପିଲା ଜନ୍ମ ହୁଏ, ତା’ ନାମରେ ଏକ ସ୍ୱର ଦିଆଯାଏ, ଯାହା ତା’ ନାମ ହୋଇଯାଏ। ମେଘାଳୟର ଖାସି ପାହାଡ଼ରେ ଅବସ୍ଥିତ ଏହି ଗାଁକୁ କାଙ୍ଗଥାନ କୁହାଯାଏ। ଅନନ୍ୟ ବୈଶିଷ୍ଟ୍ୟ ପାଇଁ ସିଟି ଗାଁ ଭାବରେ ମଧ୍ୟ ଜଣାଶୁଣା। ଗାଁରେ ଯେତେବେଳେ ଏକ ଶିଶୁ ଜନ୍ମ ହୁଏ, ସେମାନଙ୍କ ମାଆ ଏକ ଅନନ୍ୟ ସ୍ୱର ରଚନା କରନ୍ତି ଏବଂ ବଜାଇ ଦିଅନ୍ତି। ଧିରେ ଧିରେ ପିଲାଟି ସେହି ସ୍ୱରକୁ ନିଜ ନାମ ଭାବରେ ଚିହ୍ନିପାରେ। ଏହା ପରେ ଲୋକମାନେ ସେମାନଙ୍କୁ ଡାକିବା ପାଇଁ ସିଟି ବଜାଇଥାନ୍ତି। ଏହି ସ୍ୱର ପକ୍ଷୀଙ୍କ କିଚିରିମିଚିରି ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ସ୍ୱରକୁ ଜିଙ୍ଗରାୱାଇ ଲୋବେଇ କୁହାଯାଏ। ଆପଣ ଏହାର ଅନେକ ଭିଡିଓ ସୋସିଆଲ ମିଡିଆରେ ପାଇପାରିବେ। ପ୍ରକୃତରେ ସିଟି ପର୍ବତରେ ପ୍ରତିଧ୍ୱନିତ ହୁଏ, ଯାହା ଫଳରେ ଲୋକମାନେ ପରସ୍ପରକୁ ଡାକିବା ପାଇଁ ସିଟି ବଜାଇଥାନ୍ତି। ଯାହା ଦ୍ୱାରା ଶବ୍ଦ ଦୂର ଦୂରାନ୍ତ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହୁଏ ଏବଂ ଶୁଣାଯାଇପାରେ। ଏଠାରେ ଲୋକଙ୍କ ନାଁ ମଧ୍ୟ ଅଛି, ଯାହା ଡକ୍ୟୁମେଣ୍ଟରେ ଲେଖାଯାଇଥାଏ। ତଥାପି ସାଧାରଣତଃ ସେମାନଙ୍କୁ ଡାକିବା ପାଇଁ ସିଟି ବଜା ଯାଇଥାଏ।



# ଅନୁପମଙ୍କ ପ୍ରତିଜ୍ଞା


ଅନୁପମ ଖେର

**ବ**ଲିଉଡ୍ ନୂଆବର୍ଷକୁ ଜୋରଦାର୍ ସ୍ୱାଗତ କରିଛି। କିଏ ନିଜ ପରିବାର ସହିତ ସମୟ ବିତାଉଛନ୍ତି ତ ଆଉ କିଏ ମନ୍ଦିରରେ ପ୍ରାର୍ଥନା କରି ଆଶୀର୍ବାଦ ନେଉଛନ୍ତି। ଅଭିନେତା ଅନୁପମ ଖେର ନୂଆବର୍ଷରେ ଏକ ବଡ଼ ପ୍ରତିଜ୍ଞା କରିଛନ୍ତି। ସେ ତାଙ୍କ ପ୍ରଶଂସକଙ୍କ ସହିତ ମନର କଥା ଶେୟାର କରିଛନ୍ତି। ଅନୁପମ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ’ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେ ଗରିବଙ୍କୁ ସାହାଯ୍ୟ କରିବାକୁ ଏବଂ ନିଜ କାନ୍ଧରେ ଦୁନିଆର ବୋଝ ବୋହିବାକୁ ପ୍ରତିଜ୍ଞା କରିଛନ୍ତି। ଭିଡିଓରେ ସେ କହିଛନ୍ତି, ଜୀବନର ପ୍ରତ୍ୟେକ ବର୍ଷ ଆମକୁ କିଛି ନୂଆ ଶିଖାଏ, ଏବଂ ମୁଁ ୨୦୨୫ରୁ ଯାହା ଶିଖିଛି ୨୦୨୬ରେ ମୋ ଜୀବନରେ ସେଗୁଡ଼ିକୁ ପ୍ରୟୋଗ କରିବାକୁ ଚାହେଁ। ତାହା ହେଉଛି ଏହି ଛୋଟ ଛୋଟ ଜିନିଷ। ନିଜ ଉପରେ ଅତ୍ୟଧିକ ବୋଝ ନ ନେବା, ଗରିବଙ୍କୁ ସାହାଯ୍ୟ କରିବା, ପନିପରିବା ବିକ୍ରେତାଙ୍କ ସହିତ ମୂଲଚାଲ ନ କରିବା ଏବଂ ଭୁଲ କାମ କରୁଥିବା ଲୋକଙ୍କ ତ୍ରୁଟି ସୁଧାରିବା ଦାୟିତ୍ୱ ନିଜେ ନେବା ବିଷୟରେ କହିଛନ୍ତି। ସେ ଆହୁରି ଲେଖିଛନ୍ତି, ଆପଣ ମଧ୍ୟ ଏହି ଜିନିଷଗୁଡ଼ିକ ମଧ୍ୟରୁ କିଛି ଶିକ୍ଷା ପାଇବେ। ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା। ଭଗବାନ ଆପଣଙ୍କୁ ସୁଖ ଏବଂ ଶାନ୍ତି ସହିତ ଆଶୀର୍ବାଦ କରନ୍ତୁ। ନିଜ ପାଇଁ, ପରିବାର, ସମାଜ ଏବଂ ଦେଶ ପାଇଁ ଚିନ୍ତା କରନ୍ତୁ ଏବଂ ଭଲ କାମ କରନ୍ତୁ ବୋଲି ଅନୁପମ କହିଛନ୍ତି।।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରକାରୀ ଯୋଜନାରେ ସହରାଞ୍ଚଳ ଆର୍ଥିକ ଅନଗ୍ରସରଙ୍କୁ ଯୋଡ଼ିବା ଲକ୍ଷ୍ୟ

## ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଭ୍ୟାନ୍ 'ସହଯୋଗ' ଶୁଭାରମ୍ଭ

**ନବରଙ୍ଗପୁର, ୧।୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଭ୍ୟାନ୍ ସହଯୋଗର ଶୁଭାରମ୍ଭ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ପୌରାଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ। ଏହ ସହଯୋଗ ଭ୍ରାମ୍ୟମାଣ ସଚେତନତା ଭ୍ୟାନ୍ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ ବୁଲି ସରକାରଙ୍କ ୧୩ଟି ଯୋଜନାର ସୂଚନା ଓ ପ୍ରଚାର କରିବ। କୌଣସି ହିତାଧିକାରୀ ଏହି ୧୩ ଯୋଜନାରୁ ବଞ୍ଚିତ ହୋଇଥିଲେ ସହଯୋଗ ପୋର୍ଟାଲ ଦ୍ୱାରା ନିଜର ନ୍ୟାଯ୍ୟ ସହାୟତାକୁ ପାଇପାରିବେ। ଏହି ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ସରକାରୀ ଯୋଜନା ସହ ସହରାଞ୍ଚଳ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ଯୋଡ଼ିବାର ମାଧ୍ୟମ । ଏହା ୧୩ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ), ରାଶନ କାର୍ଡ, ଆୟୁଷ୍ମାନ କାର୍ଡ, ଶ୍ରମିକ କାର୍ଡ, ଇ-ଶ୍ରମ କାର୍ଡ, ସୁଭଦ୍ରା ଯୋଜନା, ଗାରିମା ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା, ପାଇପ ଯୋଗେ ଜଳ ଯୋଗାଣ, ପିଡବ୍ଲ୍ୟୁଡି ପରିଚୟ ପତ୍ର ପରି ଯୋଜନାର ଅନ୍ତର୍ଭୁକ୍ତ ହିତାଧିକାରୀ ଏହି ସହଯୋଗ କାର୍ଯ୍ୟକ୍ରମରୁ ଲାଭ ପାଇପାରିବେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଯଦୁମଣି ନାଏକ, ଡିଆଇପିଆର୍‌ଓ ମନୋଜ ବେହେରା, ପୌର ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଜିଲାସ୍ତରୀୟ ଅଧିକାରୀ, ସ୍ୱଚ୍ଛସାଥୀ, ସୁପରଭାଇଜର, ମ୍ୟୁନିସିପାଲିଟି କର୍ମଚାରୀ, ଜିଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଉପସ୍ଥିତ ଥିଲେ।


ଅତିଥିମାନେ ପତାକା ଦେଖାଇ ସହଯୋଗର ଶୁଭାରମ୍ଭ କରୁଛନ୍ତି।

# ବାଳିକା ଆଶ୍ରମ ଅନ୍ତେବାସୀଙ୍କ ପାଇଁ ପାଠ୍ୟୋପକରଣ


ସହାୟତା ପ୍ରଦାନ ଅବସରରେ ଅଧିକାରୀ ଓ ଅନ୍ୟମାନେ ।

**ନନ୍ଦାହାଣ୍ଡି, ୧।୧ (ପ୍ରତୀପ କୁମାର ଦାଶ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମାଝୀଗୁଡ଼ାସ୍ଥିତ ଉତ୍କଳ ବାଳିକା ଆଶ୍ରମକୁ ପାଠ୍ୟୋପକରଣ ପ୍ରଦାନ କରାଯାଇଛି। ନବରଙ୍ଗପୁର ସହର ବାସିନ୍ଦା ଡ ବିଭୁତି ଭୂଷଣ ପଟ୍ଟନାୟକ ଲଣ୍ଡନରେ ରହି ଏକ ଘରୋଇ ସଂସ୍ଥା ଓସିଏଏଲ୍ ସହିତ ଜଡିତ ଅଛନ୍ତି। ସେ ପୂର୍ବରୁ ଏହି ଆଶ୍ରମକୁ ଆସି ସେମାନଙ୍କର ଆବଶ୍ୟକତା ବିଷୟରେ ବୁଝିଥିଲେ। ଏହି ଆଶ୍ରମରେ ୪୬ ଜଣ ଛାତ୍ରୀ ପଢୁଥିବାବେଳେ ସେମାନଙ୍କର କମ୍ପ୍ୟୁଟର ଶିକ୍ଷା ପାଇଁ ଆଗ୍ରହ ଥିବା ଜାଣିବାକୁ ପାଇଥିଲେ। ଏହାପରେ ବିଭୂତି କମ୍ପ୍ୟୁଟର ଦେବା ପାଇଁ ମନସ୍ଥ କରିଥିଲେ। ନବରଙ୍ଗପୁର ଜିଲା ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଆଶ୍ରମ ନିରୀକ୍ଷକ ବୈଜୟନ୍ତୀ ପଟ୍ଟନାୟକ, ଅର୍ଚ୍ଚନା ଜାଲ, ଲଣ୍ଡନରୁ ଆସିଥିବା ଲକ୍ଷ୍ମୀ ପଟ୍ଟନାୟକ, ନିହାରିକା ତ୍ରିପାଠୀ ଓ କାହ୍ନୁ ସିଂହ ସାଧୁଙ୍କ ଉପସ୍ଥିତିରେ ଡ ବିଭୁତି ଓଡିଶା ସୋସାଇଟି ଅଫ ୟୁ. କେ ଓ ଓଡିଶା କଲଚରାଲ ଆସୋସିଏଶନ ଅଫ ଲଣ୍ଡନ ପକ୍ଷରୁ ଆଶ୍ରମକୁ ୪ ଟି ଡେସ୍କ ଓ ୨ ଟି କମ୍ପ୍ୟୁଟର ପ୍ରଦାନ କରିଥିଲେ। ପୂର୍ବରୁ ମଧ ସେ ୮ ଟି ଡେସ୍କ ପ୍ରଦାନ କରିଥିଲେ। ଆଶ୍ରମରେ ଗାଧୁଆ ଘରର ଆବଶ୍ୟକତା ଜାଣିବା ପରେ ୟୁକେର ଜଣେ ଉଦ୍ୟୋଗପତି ଅରୁଣ କର ୧ ଲକ୍ଷ ୮୨ ହଜାର ଟଙ୍କାର ସହାୟତା ଦେଇଥିବା ଡ ବିଭୁତି ଭୂଷଣ କହିଛନ୍ତି। ଛାତ୍ରୀଙ୍କ କମ୍ପ୍ୟୁଟର ଶିକ୍ଷା ପାଇଁ ସହଯୋଗ କରିଥିବାରୁ ଆଶ୍ରମ କର୍ତ୍ତୃପକ୍ଷ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରାମକୃଷ୍ଣଙ୍କ ମହତ ବାଣୀ, ଚୈତନ୍ୟ ଲାଭ କଥା ଶୁଣିଲେ ଶ୍ରଦ୍ଧାଳୁ

## ଡାବୁଗାଁରେ କଳ୍ପତରୁ ଉତ୍ସବ

**ଡାବୁଗାଁ, ୧।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନିକଟ ଗରୁଡ଼ଗୁଡ଼ା ଗ୍ରାମସ୍ଥିତ ରାମକୃଷ୍ଣ ମିଶନରେ ଡାବୁଗାଁ ରାମକୃଷ୍ଣ ଶାରଦା ସେବାସଙ୍ଘର କଳ୍ପତରୁ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବତନ ରାଜ୍ୟସଭା ସଦସ୍ୟ ଭଗବାନ ମାଝୀଙ୍କ ସଭାପତିତ୍ୱ କରିଥିଲେ। ରାମକୃଷ୍ଣ ଶାରଦା ସେବା ସଂଘର ସଭାପତି ସୁରେଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେବା ସହ କଳ୍ପତରୁର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ଏଥିରେ ନବରଙ୍ଗପୁର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ରାଧାନାଥ ବେହେରା ଠାକୁର ରାମକୃଷ୍ଣଙ୍କର କଳ୍ପତରୁ ବିଷୟ, ଠାକୁରଙ୍କ ମହତ ବାଣୀ ଓ ଚୈତନ୍ୟ ଲାଭ ସମ୍ପର୍କରେ କହିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ସୁରେନ୍ଦ୍ର ନାଥ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ବରିଷ୍ଠ ସଦସ୍ୟ ହରେନ୍ଦ୍ରନାଥ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଡାବୁଗାଁ ସଂଘ ଉପସଭାପତି ଚୈତନ୍ୟ ବିଷୋୟୀ, ସମ୍ପାଦକ ଦିବାକର ବାରିକ, କୋଷାଧ୍ୟକ୍ଷ ରଘୁନାଥ ବିଷୋୟୀ, ଗଙ୍ଗାଧର ମହାକୁଡ଼, ରଞ୍ଜିତ ବିଷୋୟୀ, ଶଙ୍କର ବିଷୋୟୀ ଓ ଅନ୍ୟ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଉତ୍ସବରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସଂଘର ସଭ୍ୟ ବାବି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଗାଧୁ ଭତ୍ରା, ଜ୍ୟୋତି ମାଝି, କପିଳାସ ଭତ୍ରା, ତିଲୋତ୍ତମା ବାରିକ, ଅଞ୍ଜୁ ବିଷୋୟୀ ଭଜନ ପରିବେଷଣ କରିଥିଲେ।


ଶ୍ରଦ୍ଧାଳୁମାନେ ଭଜନଗାନ କରୁଛନ୍ତି।

# ଡାବୁଗାଁର ୨ ଆଇନଜୀବୀ ସରକାରୀ ଓକିଲ ନିଯୁକ୍ତ

**ଡାବୁଗାଁ, ୧।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**


ଦିବାନ ସିଂ


ଦିବ୍ୟ ରଞ୍ଜନ ରାୟପାତ୍ର

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ୨ ଜଣ ଆଇନିଜୀବୀ ସହକାରୀ ସରକାରୀ ଅଧିବକ୍ତା (ଏପିପି) ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାରଙ୍କ ଆଇନ ବିଭାଗର ବିଜ୍ଞପ୍ତି ନଂ ୧-ଏଲ୍‌ଆର-୨୧/୨୦୨୫ -୨୧୬୬୮ ତା. ୩୦.୧୨.୨୦୨୫ ଅନୁସାରେ ସରକାର ଡାବୁଗାଁର ୨ ଜଣ ଓକିଲ ଦିବ୍ୟ ରଞ୍ଜନ ରାୟପାତ୍ର ଓ ଦିବାନ ସିଂଙ୍କୁ ସହକାରୀ ସରକାରୀ ଅଧିବକ୍ତା ଭାବେ ଡାବୁଗାଁ ତହସିଲରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ସେମାନେ ଡାବୁଗାଁ ବ୍ଲକରେ ଆଇନ ପରାମର୍ଶଦାତାଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଗରିବ ଅସହାୟ ଲୋକଙ୍କୁ ମାଗଣାରେ ଆଇନ ସହାୟତା ପ୍ରଦାନ କରୁଥିଲେ। ଏହି ୨ ଆଇନଜୀବୀ ସରକାରଙ୍କ ତରଫରୁ ଅଧିବକ୍ତା ଭାବେ ନିଯୁକ୍ତି ପାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଏନେଇ କେନ୍ଦ୍ର ସରକାର, ରାଜ୍ୟ ସରକାର, ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଏବଂ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝିଙ୍କ ନିକଟରେ ଉଭୟ ଆଇନିଜୀବୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ପାପଡ଼ାହାଣ୍ଡି, ୧।୧ (ସ୍ୱପ୍ନଜିତ ପଟ୍ଟନାୟକ)**


ଗୁରୁତର ମହାଦେବଙ୍କୁ ଚିକିତ୍ସା କରାଯାଉଛି ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡ଼ା ପଞ୍ଚାୟତ ଅଧୀନ ଝାଡ଼କୁଶମି ଗ୍ରାମ ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଅଛନ୍ତି। ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ଝାଡ଼କୁଶମି ଗ୍ରାମର ମହାଦେବ ଭତରା ଗୁରୁବାର ଖରାବେଳେ ଗାଁ ଜଙ୍ଗଲକୁ ଦାନ୍ତକାଠି ପାଇଁ ଯାଇଥିଲେ। ଦାନ୍ତକାଠି ଭାଙ୍ଗିବା ସମୟରେ ହଠାତ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଏହା ପରେ ସେ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ଜଙ୍ଗଲ ପାଖରେ ଥିବା କେତେଜଣ ଲୋକ ଭାଲୁକୁ ଘଉଡ଼ାଇ ମହାଦେବାଙ୍କୁ ଉଦ୍ଧାର କରିଥିଲେ। ଏହା ପରେ ସେମାନେ ମହାଦେବଙ୍କୁ ଘରକୁ ଆଣି ପରିବାର ଲୋକଙ୍କୁ ଭାଲୁ କାମୁଡ଼ିଥିବା ସୂଚନା ଦେଇଥିଲେ। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ମହାଦେବଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମହାଦେବଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଦୁର୍ଘଟଣାରେ ୨ ଗୁରୁତର

**ଡାବୁଗାଁ, ୧।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ଥାନା ଅଧୀନ ଜଟାବାଲ ଛକ ନିକଟରେ ଗୁରୁବାର ବାଇକ୍ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଓ ଜଣେ ଆହତ ହୋଇଛନ୍ତି। ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ଗ୍ରାମର ସିଦ୍ଧାର୍ଥ ହରିଜନ (୧୭) ଓ ଢେପଗୁଡ଼ା ଗ୍ରାମର ଦେବେନ୍ଦ୍ର କଳିମ (୧୭) ଗୁରୁବାର ବାଇକ୍ (ସିଜି-୦୫ଏଲ୍-୫୯୯୭)ରେ ପାପଡ଼ାହାଣ୍ଡି ଯାଉଥିଲେ। ଜଟାବାଲ ଛକ ନିକଟ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରୁ କେରଣ୍ଡି ଗ୍ରାମର ବିଜୟ ନାୟକ ଚାଲିଚାଲି ଯାଉଥିବା ବେଳେ ପଛପଟୁ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ୩ ଜଣ ରାସ୍ତାରେ ପଡ଼ିଯାଇଥିଲେ। ଖବରପାଇ ଡାବୁଗାଁ ଏଏସ୍‌ଆଇ ସସ୍ମିତା ଦାଶ ଓ ପ୍ରୋବେଶନର ଏସ୍‌ଆଇ ଦଣ୍ଡଚରଣ ସେଠୀ ଓ ଡାବୁଗାଁ ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସିଦ୍ଧାର୍ଥ ଓ ବିଜୟ ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି।

# ୨୦୨୬ରେ ପ୍ରତିଶ୍ରୁତି ପାଳନକୁ ଗୁରୁତ୍ୱ

## ବିଭିନ୍ନ ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ କରିବାକୁ ନିର୍ଦ୍ଦେଶ

**ନବରଙ୍ଗପୁର, ୧।୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁରସ୍ଥିତ ସର୍କିଟ ହାଉସ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଧବାର ଏକ ସମୀକ୍ଷା ବୈଠକ କରିଥିଲେ। ନୂତନ ବର୍ଷରେ ସରକାରଙ୍କ ପକ୍ଷରୁ କରାଯିବାକୁ ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୨୬ରେ ନବରଙ୍ଗପୁର ଜିଲାରେ ନୂଆ ଉଦ୍ଦୀପନାରେ ବିକାଶ ହେବ। ଭାଜପା ସରକାରରେ ଆସିବା ପରେ ଲୋକଙ୍କ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ମାନେ ଦେଇଥିବା ପ୍ରତିଶ୍ରୁତି ପାଳନ ହେବାକୁ ଯାଉଛି ବୋଲି ମନ୍ତ୍ରୀ ଗଣ୍ଡ କହିଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ରାସ୍ତା ଓ ଗୃହନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାନ, ନବରଙ୍ଗପୁର ଓ ପାପଡ଼ାହାଣ୍ଡି ତହସିଲଦାର ଯୋଗଦେଇଥିଲେ।

ଜିଲାରେ ବହୁ ପ୍ରତିକ୍ଷୀତ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ, ସପ୍ତମ ପୋଲିସ ବାଟାଲିୟନର ମୁଖ୍ୟାଳୟ ସ୍ଥାପନ କରାଯିବ। ମାର୍ଚ୍ଚ ସୁଦ୍ଧା ରେଳ ଜମି ଅଧିଗ୍ରହଣ, ସହରର ବାଇପାସ ରାସ୍ତା ନିର୍ମାଣ ଶେଷ ହେବ। ନବରଙ୍ଗପୁର ସହରରେ ୭୦ କୋଟି ବ୍ୟୟରେ ଅତ୍ୟାଧୁନିକ ବସଷ୍ଟାଣ୍ଡ, ଧାରଣାବେଡ଼ାରେ ୨୪ କୋଟି ବ୍ୟୟରେ ୯ ଏକର ଜମିରେ କ୍ରିଡା କମ୍ପ୍ଲେକ୍ସ ତିଆରି କରାଯିବା ଲକ୍ଷ୍ୟ ରହିଛି। ହିର୍ଲିଡଙ୍ଗର ବିକାଶ ପାଇଁ ୫୦କୋଟି, ୫କୋଟି ବ୍ୟୟରେ କୁସୁମଝର ଡାକ ବଙ୍ଗଳା ନିର୍ମାଣ, ୬ କୋଟିରେ ମଣ୍ଡେଇ ପଡିଆର ବିକାଶ କରାଯିବ। ନବରଙ୍ଗପୁର ସହରରେ ୧୦ କୋଟି ବ୍ୟୟରେ ଅତ୍ୟାଧୁନିକ ଟାଉନ ହଲ, ୧୦ କୋଟି ବ୍ୟୟରେ ମଡେଲ ଡିଗ୍ରୀ କଲେଜର ଛାତ୍ରାବାସ, ୧୬ କୋଟିବ୍ୟୟରେ ବୃଦ୍ଧାଶ୍ରମର ଉନ୍ନତିକରଣ, ପାପଡ଼ାହାଣ୍ଡିରେ ଶହୀଦ ମୀନାର ପାଇଁ ୬ କୋଟି, ୬ କୋଟିରେ ଆଦିବାସୀ ଅଡିଟୋରିୟମ, ଇନ୍ଦ୍ରାବତୀ ଜଳଭଣ୍ଡାର ନିକଟରେ ୧୦୦ କୋଟି ବ୍ୟୟରେ ପର୍ଯ୍ୟଟନର ବିକାଶ ହେବ। ବିଇଡି କଲେଜରେ ନାମଲେଖା ପାଇଁ ସରକାରୀସ୍ତରରେ ଉଦ୍ୟମ ହେବ। ନବରଙ୍ଗପୁରରେ ଲିଥେନାଲ ବ୍ୟାଟରୀ କାରଖାନା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ନବରଙ୍ଗପୁର ଜିଲାରେ ଭାରତମାଳା ରାସ୍ତା ଲୋକାର୍ପଣ ହେବ। ସମସ୍ତ ପ୍ରକଳ୍ପ ପାଇଁ ଜାଗା ଚିହ୍ନଟ କରିବାକୁ ମନ୍ତ୍ରୀ ଗଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମେଡିକାଲ କଲେଜ ଓ ସପ୍ତମ ବାଟାଲିୟନ ପାଇଁ ଜାଗା ଚିହ୍ନଟ କରିବାକୁ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କର ମଧ୍ୟରେ ନବରଙ୍ଗପୁର ବଣିକ ସଂଘ ସଭାପତି କାହ୍ନୁ ଦାସ, ଭାଜପା ନେତା ଦେବଦାସ ମହାକୁଡ଼, ଯୁବନେତା ଶୁଭ୍ରଜିତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।


# Classified Everyday
0674-2580101, 9692975378


REAL ESTATE

SALE

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347. D-2878


FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

### ପାଠକଙ୍କ ପାଇଁ ସୂଚନା


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଣ ନୀଳକଣ୍ଠ ସୁନ୍ଦରାୟ
ଭୁବନେଶ୍ୱର, ଶିଶୁପାଳଗଡ଼, ଖଣ୍ଡାଇତ ସାହି
ଆବିର୍ଭାବ: ୦୧।୦୧।୧୯୫୬
ତିରୋଧାନ: ୨୩।୧୨।୨୦୨୫
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।
ଧ-3007

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଣ ଡଃ ବିଜୟ କୁମାର ସାହୁ
ବୟାଳିଶବାଟି, ଗୋପ, ପୁରୀ
ଆବିର୍ଭାବ - ୦୫।୦୨।୧୯୫୬
ତିରୋଧାନ - ୧୩।୦୧।୨୦୨୫
ଦିବ୍ୟ ଆତ୍ମନ୍,
ଆପଣ ଇହଧାମ ତ୍ୟାଗ କରି ଆମକୁ ଛାଡ଼ି ଚାଲିଯିବା ଏକ ବର୍ଷ ବିତିଗଲାଣି। ଆପଣଙ୍କ ସଜଳ ସ୍ମୃତି ଆମକୁ ବ୍ୟଥିତ କରୁଛି। ଯେଉଁଠି ଥିଲେ ବି ଆପଣଙ୍କ ଆଶୀର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ। ବିଶ୍ୱନିୟନ୍ତାଙ୍କ କୋଳରେ ଆପଣ ଚିରଶାନ୍ତି ଲାଭ କରନ୍ତୁ, ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏତିକି କାମନା।
-:ଆପଣଙ୍କର ସ୍ନେହାନୁବନ୍ଧ:-
ପରିବାରବର୍ଗ
ଧ-3006

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ଣ ପୂର୍ଣ୍ଣ ଚନ୍ଦ୍ର ଶ୍ରୀଚନ୍ଦନ
ତୁଳସୀ ନଗର, ବଲାଙ୍ଗୀର
ଆବିର୍ଭାବ: ୦୩।୦୪।୧୯୩୧
ତିରୋଧାନ: ୨୩।୧୨।୨୦୨୫
ଏକ ଇଷ୍ଟକୈନ୍ଦ୍ରିକ ପରୋପକାରୀ ନିଷ୍ଠାପର ସତସଙ୍ଗୀ ରୂପେ ସାରା ଜୀବନ ଅତିବାହିତ କଲେ ଆପଣ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ଶ୍ରୀଚନ୍ଦନ ପରିବାରବର୍ଗ।
ଧ-3005

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଣ ସତ୍ୟ ରଞ୍ଜନ ନାୟକ
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।
-:ଶୋକସନ୍ତପ୍ତ:-
ମାମା, ବାବା, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)।
ଧ-3003

### ଦ୍ୱାଦଶାହ ଉପଲକ୍ଷେ

ଣ ଶାନ୍ତିଲତା ଦାଶ
ତିରୋଧାନ: ୨୨।୧୨।୨୦୨୫
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ଶୂନ୍ୟ ଘରଦ୍ୱାର ଶୂନ୍ୟ ଏ ଅଗଣା
ସଭିଏଁ ହୁଅନ୍ତି ଝୁରି,
ବୈକୁଣ୍ଠପୁରକୁ ଚାଲିଗଲ ମା'
ପ୍ରଭୁଙ୍କ ନାମକୁ ସ୍ମରି।
ପ୍ରଭୁଙ୍କ ପୟରେ ମିନତି ଏତିକି
ତବ ଅମର ଆତ୍ମା ଲଭୁ ଶାନ୍ତି ସ୍ୱସ୍ତି।
ଶୋକାକୁଳ ପରିବାରବର୍ଗ
ଧ-3004

# ଘର ଆଗରେ ସରକାରୀ ସୁବିଧା ଯୋଗାଇଦେବା ଲକ୍ଷ୍ୟ

ରାୟଗଡ଼ା,୧।୧(ଆଶିଷ ରଞ୍ଜନ ପଣ୍ଡା)



ଅତିଥିମାନେ ସହଯୋଗ ସେବା ରଥ ଶୁଭାରମ୍ଭ କରୁଛନ୍ତି ।

ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଚଳିତ ଜନକଲ୍ୟାଣକାରୀ ପଦକ୍ଷେପ 'ସହଯୋଗ' ଅଧୀନରେ ରାୟଗଡ଼ା ଜିଲାର ଦୁଇଟି ପୌରପାଳିକା ଏବଂ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦର ନାଗରିକଙ୍କୁ ସହଜରେ ବିଭିନ୍ନ ସେବା ଯୋଗାଇଦେବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଗୁରୁବାର ପୂର୍ବାହ୍ନ ୧୧ ଟାରେ ଜିଲା ନଗର ଉନ୍ନୟନ ସଂସ୍ଥା (ଡିୟୁଡିଏ) କାର୍ଯ୍ୟାଳୟ ପରିସରରେ ଏହି ସେବା ରଥର ଶୁଭ ଉଦ୍‌ଘାଟନ କରାଯାଇଛି। ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ଖେମୁଣ୍ଡୁ ପତାକା ଦେଖାଇ ରଥ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାଏକ ଏବଂ ଗୁଡ଼ାରି ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ତଥା ଜିଲା ନଗର ଉନ୍ନୟନ ସଂସ୍ଥାର କର୍ମଚାରୀ ଏବଂ ପୌର କର୍ମୀ ଉପସ୍ଥିତ ରହିଥିଲେ। ଏହି ମୋବାଇଲ୍ ୟୁନିଟ୍‌ରେ କମନ୍ ସର୍ଭିସ ସେଣ୍ଟରର କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କୁ ୧୩ଟି ଗୁରୁତ୍ୱପୂର୍ଣ୍ଣ ସେବା ମାଗଣାରେ ଯୋଗାଇ ଦେବେ। ସେଗୁଡ଼ିକ ହେଲା ସୁଭଦ୍ରା ଯୋଜନା, ଗରିମା ଯୋଜନା, ପି.ଏମ୍. ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନସନ୍ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ସୁଜଳ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ୟୁଡିଆଇଡି କାର୍ଡ଼ (ଭିନ୍ନକ୍ଷମ ପ୍ରମାଣପତ୍ର), ଆୟୁଷ୍ମାନ ଭାରତ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା । ଏହି ରଥ ସହରର କୋଣ ଅନୁକୋଣରେ ପହଞ୍ଚି ଲୋକଙ୍କୁ ସେମାନଙ୍କ ଘର ସମ୍ମୁଖରେ ସରକାରୀ ସୁବିଧା ଯୋଗାଇଦେବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ। ଏହାଦ୍ୱାରା ବରିଷ୍ଠ ନାଗରିକ, ମହିଳା ଏବଂ ସାଧାରଣ ଜନତା ସରକାରୀ ଅଫିସ୍ ନ ଦଉଡ଼ି

## ଶୁଭାରମ୍ଭ ହେଲା ସହଯୋଗ ରଥ

ନିଜ ଅଞ୍ଚଳରେ ହିଁ ପଞ୍ଜିକରଣ ଓ ସେବା ପାଇପାରିବେ।

ରାୟଗଡ଼ା ପୌରପାଳିକାରେ ପ୍ରଥମ ପର୍ଯ୍ୟାୟରେ ଏହି ସମସ୍ତ ସେବା ଜାନୁଆରୀ ୧ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପର୍ଯ୍ୟାୟକ୍ରମେ ଏହା ଗୁଣପୁର ପୌର ପରିଷଦ ଏବଂ ଗୁଡାରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ସେବା ଯୋଗାଇଦେବା ସହିତ ପୁନଶ୍ଚ ରାୟଗଡ଼ା ପୌର ପରିଷଦକୁ ପ୍ରତ୍ୟାବର୍ତ୍ତନ କରିବ । ଏହି ସେବା ଯୋଗାଇଦେବାର ପ୍ରକ୍ରିୟା ରାୟଗଡ଼ ଜିଲାରେ ଦୀର୍ଘ ୬ ମାସ ଧରି ଜାରି ରହିବ । ଜିଲାର ଦୁଇ ପୌରପାଳିକା ତଥା ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିବାସୀ ଏହି ସୁବିଧାର ସଦୁପଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ହାତୀ ଆକ୍ରମଣରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

କଲ୍ୟାଣସିଂହପୁର,୧।୧
(ଦୀପକ କୁମାର ପରିଡ଼ା)

ହାତୀ ଆକ୍ରମଣରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ନିୟମଗିରି ପାହାଡ଼ରେ ରହିଥିବା ପାରସାଲି ପଞ୍ଚାୟତ ବୁଡୁନି ଗ୍ରାମର ବାଲା ସିକ୍‌କା। ସୂଚନା ଅନୁଯାୟୀ, ବାଲା ଗତ ଡିସେମ୍ବର ୩ ସକାଳ ୬ଟାରେ କପାଚାଷ ଜଗିବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ଦନ୍ତାହାତୀ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ବିଳମ୍ବିତ ରାତିରେ ବାଲାଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପାର୍ସାଲି ପଞ୍ଚାୟତ ପୂର୍ବତନ ସରପଞ୍ଚ ବାମ କାଡ୍ରାକା କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କୁ ପଚାରିବାରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ କହିଛନ୍ତି।

# ଜୟଦେବ, ସୁକୁଲା, କିଶୋର ଭାଜପା ମଣ୍ଡଳ ସଭାପତି ନିଯୁକ୍ତ

ଗୁଣପୁର,୧।୧
(ପ୍ରଦୀପ କୁମାର ପାଢ଼ୀ)


ସୁକୁଲା କଣ୍ଡାଗିରି, କିଶୋର ଶବର ଏବଂ ଜୟଦେବ ପଣ୍ଡା ।

ରାୟଗଡ଼ା ଜିଲା ଗୁଣପୁର ନଗର ସହ ଜଗନ୍ନାଥପୁର ଏବଂ ଡମ୍ବସରା ମଣ୍ଡଳ ପାଇଁ ଭାଜପା ସଭାପତି ନିଯୁକ୍ତି କରାଯାଇଛି। ଭାଜପା ରାଜ୍ୟ ସଭାପତିଙ୍କ ଅନୁମୋଦନକ୍ରମେ ଜିଲା ସଭାପତି ଗୋପୀ ଆନନ୍ଦ ଗୋଟିଏ ନଗର ମଣ୍ଡଳ ସହ ଦୁଇଟି ଗ୍ରାମୀଣ ମଣ୍ଡଳ ପାଇଁ ସଭାପତି ନିଯୁକ୍ତି କରିଛନ୍ତି। ନଗର ମଣ୍ଡଳ ପାଇଁ ଯୁବନେତା ଜୟଦେବ ପଣ୍ଡାଙ୍କୁ ସଭାପତି ନିଯୁକ୍ତି ଦିଆଯାଇଥିବାବେଳେ ଜଗନ୍ନାଥପୁର ମଣ୍ଡଳ ସଭାପତି ଭାବେ ସୁକୁଲା କଣ୍ଡାଗିରି, ଡମ୍ବସରା ମଣ୍ଡଳ ସଭାପତି ଭାବେ କିଶୋର ଚନ୍ଦ୍ର ଶବରଙ୍କୁ ମନୋନୀତ କରାଯାଇଛି। ସେହିପରି ଜଗନ୍ନାଥପୁର ମଣ୍ଡଳର ସାଧାରଣ ସମ୍ପାଦକ ଭାବେ ପ୍ରଶାନ୍ତ ସାହୁକାରଙ୍କୁ ଚୟନ କରାଯାଇଛି। ଦୀର୍ଘ ମାସ ଧରି ଏହି ମଣ୍ଡଳଗୁଡ଼ିକରେ ସଭାପତି ପଦ ଖାଲି ରହିଥିବାରୁ ଏହାକୁ ନେଇ ଅନେକ ଆଶାୟୀ ଥିବାବେଳେ ଚୟନ କରାଯାଇ ନ ଥିବାରୁ ଅସନ୍ତୋଷ ଲାଗି ରହିଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ଗ୍ରାମୀଣ ସ୍ତରର ନୂତନ ସଭାପତିମାନେ କିପରି ବିଜୟର ସ୍ୱାଦ ଦଳକୁ ଦେଉଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା।

# ସୁଧାକର ନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ବିଧାୟକ

ଗୁଡ଼ାରି,୧।୧ (ପ୍ରମୋଦ କୁମାର ପତି )

ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଗୁରୁବାର ସନ୍ଧ୍ୟାରେ ଗୁଡ଼ାରି ଗସ୍ତରେ ଯାଇଥିଲେ। ସହର ବାସିନ୍ଦା ତଥା ଗୁଡାରି ଏନ୍‌ଏସିର ଅବସରପ୍ରାପ୍ତ କର୍ମଚାରୀ ସୁଧାକର ନନ୍ଦ ଅସୁସ୍ଥ ଥିବା ଶୁଣି ତାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଆଲୋଚନା ସମୟରେ ନନ୍ଦଙ୍କ ଅବସର ପରେ ସମସ୍ତ ଅବସରକାଳୀନ ବକେୟା ଟଙ୍କା ମିଳି ନ ଥିବା ସେ ବିଧାୟକଙ୍କୁ କହିଥିଲେ। ଏ ସମ୍ପର୍କରେ ସେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପରେ କଂଗ୍ରେସ କର୍ମୀ ବାବୁରାଓଙ୍କ ପିତାଙ୍କ ଦେହାନ୍ତ ଖବର ପାଇ ତାଙ୍କ ଘରକୁ ଯାଇ ପରିବାରଙ୍କୁ ସମବେଦନା ଜ୍ଞାପନ କରିବା ସହ ତାଙ୍କ ସ୍ୱର୍ଗତ ପିତାଙ୍କ ଆମରତ୍ମାର ସଦ୍‌ଗତି କାମନା କରିଥିଲେ। ଫେରିବା ସମୟରେ ସ୍ଥାନୀୟ ଦଣ୍ଡାସି ସାହିରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ସାହିବାସିନ୍ଦା ବିଧାୟକଙ୍କୁ ଭେଟି ନବ ବର୍ଷର ଶୁଭେଚ୍ଛା ଜଣାଇବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଅବସରପ୍ରାପ୍ତ ଶିକ୍ଷକ ଡି ଗାନ୍ଧୀ ରାଓ ସହରରେ ବରିଷ୍ଠ ନାଗରିକ ଓ ବୟସ୍କଙ୍କ ନିମନ୍ତେ ଏକ ଧ୍ୟାନ କେନ୍ଦ୍ର ନିର୍ମାଣ କରିବା ପାଇଁ ମୌଖିକ ଅନୁରୋଧ କରିଥିଲେ। ଏ ଦିଗରେ ନିଶ୍ଚୟ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଏମ୍‌ପି ପ୍ରତିନିଧି ଏସ. ମୀନକେଶ, ରମାକାନ୍ତ ମାଝୀ, କେ. ରାମକ୍ରୀଷ୍ଣା, ନୀଳମାଧ ସାହୁ, ବିଭିନ୍ନ ଗ୍ରାମପଞ୍ଚାୟତର ଦଳୀୟ ସଭାପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ବିଧାୟକ ସତ୍ୟଜିତ ଗମାଙ୍ଗ ସୁଧାକର ନନ୍ଦଙ୍କ ସହ ଆଲୋଚନା କରୁଛନ୍ତି।

# ରାୟଗଡ଼ା ଜିଲା ଖେଳାଳିଙ୍କୁ ମିଳିଲା ୨ ସ୍ୱର୍ଣ୍ଣ ସହ ୫ ପଦକ



କୋଚ୍‌ଙ୍କ ସହ ରାୟଗଡା ଜିଲାର କୃତୀ ପ୍ରତିଯୋଗୀ।

ରାୟଗଡ଼ା,୧।୧(ଆଶିଷ ରଞ୍ଜନ ପଣ୍ଡା)

ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ ଏବଂ ୱାକୋ କିକ୍‌ବକ୍ସିଂ ଫେଡେରେସନ ପକ୍ଷରୁ ଅସ୍ମିତା ଖେଲୋ ଇଣ୍ଡିଆ କିକ୍‌ବକ୍ସିଂ ୨୦୨୫-୨୬ ଲିଗ ପ୍ରତିଯୋଗିତା ଯାଜପୁରସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମଠାରେ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ପ୍ରତିଯୋଗୀଙ୍କ ସୁନ୍ଦର ଖେଳ ପ୍ରଦର୍ଶନରେ ୭ଟି ପଦକ ପାଇ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡିଶାରୁ ମୋଟ ୨୨୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ରାୟଗଡା ଜିଲାରୁ ୧୦ଜଣ ପ୍ରତିଯୋଗୀ କୋଚ ଅର୍ଜୁନ ଶବର ଏବଂ ଟିମ ମ୍ୟାନେଜର କାଡ୍ରକା ମାଲାନାଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିଲେ। ରାୟଗଡା ଜିଲା ପ୍ରତିଯୋଗୀଙ୍କୁ ମୋଟ ୭ଟି ପଦକ ମଧ୍ୟରୁ ଦୁଇଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଏବଂ ତିନୋଟି କାଂସ୍ୟ ପଦକ ମିଳିଛି । ରାୟଗଡାର ରିବିକା ସାମଲ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ସାକ୍ଷୀ ପ୍ରଧାନ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ସେହିପରି ଶ୍ରୀୟଙ୍କା ଶବର ଗୋଟିଏ ରୌପ୍ୟ, କିଟିକା ରାଣୀ ଦଲେଇ ଗୋଟିଏ କାଂସ୍ୟ ଏବଂ କେ.ପ୍ରଜ୍ୟୋତ୍ସ୍ନା ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି କୃତୀ ପ୍ରତିଯୋଗୀ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଏହି ସଫଳତା ପାଇଁ ରାୟଗଡା ଜିଲା କିକବକ୍ସିଂ ସଂଘ ସଭାପତି ଡ.ଦୁର୍ଗା ପ୍ରସାଦ ପଣ୍ଡା ରାୟଗଡା ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ।

## ଅସ୍ମିତା ଖେଲୋ ଇଣ୍ଡିଆ କିକ୍‌ବକ୍ସିଂ ପ୍ରତିଯୋଗିତା

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯୋଗିତା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ନାରୀ ସଶକ୍ତିକରଣରେ ଏହାର ପ୍ରମୁଖ ଭୂମିକା ରହିଛି। କିଭଳି ଭାରତର ପ୍ରତ୍ୟେକ ଝିଅ ଆତ୍ମରକ୍ଷା କୌଶଳ ଶିଖି ନିଜକୁ ଶକ୍ତିଶାଳୀ କରିପାରିବେ ଏହା ଅସ୍ମିତା ଖେଲୋ ଇଣ୍ଡିଆର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରତିଯୋଗିତା ସମ୍ପୂର୍ଣ୍ଣ ଦେୟମୁକ୍ତ ଥିଲା ଏବଂ ଏହି ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ କିକବକ୍ସିଂ ଖେଳକୁ ସ୍ଥାନ ମିଳିଥିବାରୁ ୱାକୋ ଓଡିଶା ସଭାପତି କାର୍ତ୍ତିକ ଡାକୁଆଙ୍କ ଅବଦାନ ଅତୁଳନୀୟ ।

# ଟ୍ରେନ୍ ଯାତ୍ରା ସମୟର ପରିବର୍ତ୍ତନ

ଜୟପୁର,୧।୧(ପବନ ପାଣିଗ୍ରାହୀ)

ଟ୍ରେନ୍ ଯାତ୍ରା ସମୟରେ ପରିବର୍ତ୍ତନ ହୋଇଥିବା ନେଇ ରେଳ ବିଭାଗ ତରଫରୁ ସୂଚନା ଦିଆଯାଇଛି । ଜଗଦଲପୁରଠାରୁ ଭୁବନେଶ୍ୱର ହୀରାଖଣ୍ଡ ଦ୍ରୁତଗାମୀ, ଜଗଦଲପୁରରୁ ହାୱଡ଼ା ସମଲେଶ୍ୱରୀ ଓ କିରନ୍ଦୁଲରୁ ବିଶାଖପାଟଣା ରାତ୍ରିକାଳୀନ ଦ୍ରୁତଗାମୀ ଟ୍ରେନର ଯାତ୍ରା ସମୟରେ ପରିବର୍ତ୍ତନ ହୋଇଛି। ଗୁରୁବାରଠାରୁ ନୂତନ ସମୟ ଲାଗୁ ହୋଇଛି। ବିଶାଖପାଟଣାସ୍ଥିତ ୱାଲଟର ଡିଭିଜନର ଡିଭିଜିନାଲ କମର୍ସିଆଲ ମ୍ୟାନେଜର କେ.ପବନ କୁମାର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଜାନୁୟାରୀ ପହିଲାରୁ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ପୂର୍ବରୁ ନିର୍ଦ୍ଧାରିତ ଅପରାହ୍ନ ୪ଟା ୩୦ ବଦଳରେ ଏହାର ଅଧଘଣ୍ଟା ପୂର୍ବରୁ ଅପରାହ୍ନ ୪ଟାରେ ଜଗଦଲପୁର ଷ୍ଟେଶନରୁ ଯାତ୍ରା ଆରମ୍ଭ କରିବ। ଜୟପୁର ଷ୍ଟେଶନରେ ଅପରାହ୍ନ ୫ଟା ୧୮ରେ ପହଞ୍ଚି ୫ଟା ୨୦ରେ ପୁଣି ଯାତ୍ରା ଆରମ୍ଭ କରିବ। କୋରାପୁଟରେ ସନ୍ଧ୍ୟା ୬ଟା ୨୦ରେ ପହଞ୍ଚି ସେଠାରୁ ୬ଟା ୪୫ରେ ଯାତ୍ରା ଆରମ୍ଭ କରିବ। ରାୟଗଡ଼ାରେ ରାତି ୧୧ଟାରେ ପହଞ୍ଚି ୧୧ଟା ୧୦ରେ ଯାତ୍ରା ଆରମ୍ଭ କରିବ। ଏହାର ପରଦିନ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉକ୍ତ ଟ୍ରେନ୍ ଭୁବନେଶ୍ୱରରେ ପହଞ୍ଚିବ। ସେହିପରି ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ ପୂର୍ବରୁ ଥିବା ସମୟ ଅନୁଯାୟୀ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ। କୋରାପୁଟରେ ଏହାର ପରଦିନ କୋରାପୁଟ ଓ ଜୟପୁରରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବ। କିନ୍ତୁ ଜଗଦଲପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ବଦଳରେ ଏକ ଘଣ୍ଟା ବିଳମ୍ବ ଅର୍ଥାତ ମଧ୍ୟାହ୍ନ ୧୨ଟା ୧୫ରେ ପହଞ୍ଚିବ। ହାୱଡ଼ା-ଜଗଦଲପୁର ସମଲେଶ୍ୱରୀ ଦ୍ରୁତଗାମୀ ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ହାୱଡ଼ାରୁ ଯାତ୍ରା ଆରମ୍ଭ କରିବ। କିନ୍ତୁ ରାୟଗଡାରେ ପୂର୍ବ ସମୟ ବଦଳରେ ଅପରାହ୍ନ ୩ଟା ୧୦ରେ ପହଞ୍ଚି ୩ଟା ୩୫ରେ ଯାତ୍ରା ଆରମ୍ଭ କରିବ। କୋରାପୁଟରେ ଏହି ଟ୍ରେନ ରାତି ୭ଟା ୧୫ରେ ପହଞ୍ଚି ୭ଟା ୪୦ରେ ଯାତ୍ରା ଆରମ୍ଭ କରିବ। ଏହା ପରେ ଜୟପୁରରେ ରାତି ୮ଟା ୪୮ରେ ପହଞ୍ଚି ୨ ମିନିଟ ରହଣି ପରେ ଯାତ୍ରା ଆରମ୍ଭ କରି ଜଗଦଲପୁରରେ ରାତି ୧୦ଟା ୩୦ରେ ପହଞ୍ଚିବ। କିରୁଣ୍ଡୁଲ-ବିଶାଖପାଟଣା ରାତ୍ରିକାଳୀନ ଦ୍ରୁତଗାମୀ ଟ୍ରେନ କିରଣ୍ଡୁଲରୁ ୪ଟାରେ ଯାତ୍ରା ଆରମ୍ଭ କରିବ। ଜୟପୁରରେ ରାତି ୮ଟା ୪୩ରେ ପହଞ୍ଚି ୨ ମିନିଟର ରହଣି ପରେ ଯାତ୍ରା ଆରମ୍ଭ କରିବ। କୋରାପୁଟରେ ରାତି ୯ଟା ୧୩ରେ ପହଞ୍ଚି ୨ ମିନିଟ ରହିସେଠାରୁ ଯାତ୍ରା ଆରମ୍ଭ କରି ବିଶାଖପାଟଣାରେ ଏହାର ପରଦିନ ପ୍ରାତଃ ୩ ଟା ୪୦ରେ ପହଞ୍ଚିବ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପଡିଆ,୧।୧(ଭାସ୍କର ରାଓ)

ନୂତନ ବର୍ଷର ପ୍ରଥମ ଦିନରେ ଘରେ ଭଲ ମନ୍ଦ କରି ଖାଇବାକୁ ବଜାର କରିବାକୁ ବାହାରିଥିଲେ ଯେ, ଆଉ ଘରକୁ ଫେରି ନ ଥିଲେ। ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଚାଲିଗଲା ଜଣେ ବ୍ୟକ୍ତିଙ୍କ ଜୀବନ । ମୃତକ ହେଲେ ପଡିଆ ଥାନା ଗଠନପାଲ୍ଲୀ ଗ୍ରାମର ଜଗା ପଡିଆମୀ (୫୧)। ସୂଚନା ଅନୁଯାୟୀ, ଜଗା ଗ୍ରାମର ୨ଜଣ ଲୋକଙ୍କ ସହ ବାଇକ୍‌ରେ ନିକଟସ୍ଥ ମାର୍କେଟକୁ ଯାଉଥିଲେ। ଏହି ସମୟରେ କାଲିମେଳାରୁ ପଡିଆ ମୁଖ୍ୟ ରାସ୍ତାରେ ସାମ୍ନାରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଜଗାଙ୍କୁ ଗୁରୁତର ଅବସ୍ଥାରେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ବାଇକ୍ ଜବତ କରିବା ସହ ସମସ୍ତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଜଗାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଲୁଗାଦୋକାନରେ ନିଆଁ

ରାୟଗଡା,୧।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସହର ମୁଖ୍ୟ ବଜାରରେ ଥିବା ଏକ ଲୁଗା ଦୋକାନରେ ଗୁରୁବାର ସନ୍ଧ୍ୟାରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ରାୟଗଡା ଦମକଳ ବାହିନୀ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଶାଢ଼ୀ ଏବଂ ଅନ୍ୟ ସାମଗ୍ରୀ ପୋଡ଼ି ଯାଇଥିବା ଦୋକାନ ମାଲିକ ସୂଚନା ଦେଇଛନ୍ତି। ସର୍ଟ ଶର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି।


ଜଳିଯାଇଥିବା ଲୁଗା ଓ ଅନ୍ୟ ସାମଗ୍ରୀ ।

# ସାମ୍ବାଦିକତା ପେସା ଓ ନିଶା ସମ୍ବନ୍ଧରେ ଆଲୋଚନା

ମାଲକାନଗିରି,୧।୧(ଗୌରିଶଙ୍କର ପଣ୍ଡା)

## ଖବରଦାତାଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ

ନୂତନ ବର୍ଷ ଉପଲକ୍ଷେ ମାଲକାନଗିରି ଜିଲା କୋରୁକୋଣ୍ଡା ସଦରଠାରେ ବ୍ଲକ ଖବରଦାତାଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ରୂପେ ମାଲକାନଗିରିର ବରିଷ୍ଠ ଖବରଦାତା ବି ଶ୍ରୀନିବାସ ପାତ୍ର, ଅଶୋକ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ପେଶା ଓ ନିଶା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଶେଷକରି ଆଜିର ସମୟରେ ଯୁବ ସାମ୍ବାଦିକଙ୍କ ନିଜର ସାମ୍ବାଦିକତା ସମୟରେ ସତର୍କତା ଅବଲମ୍ବନ ଓ ସମାଜ ପାଇଁ ସେମାନଙ୍କର ଅବଦାନ କ'ଣ ରହିବା ଉଚିତ ସେ ନେଇ ଆଲୋଚନା ହୋଇଥିଲା। ସତ୍ୟ ଓ ନିରପେକ୍ଷ ଭାବେ ସେମାନେ କିପରି ଖବର ପ୍ରସାରଣ କରିବେ ସେ ନେଇ ବରିଷ୍ଠ ଖବରଦାତାମାନେ ବିଭିନ୍ନ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ଖବରଦାତାମାନେ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ପ୍ରୀତି ଭୋଜନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ପ୍ରଦୀପ କୁମାର ମହାରଣା, ବିକ୍ରମ କେଶରୀ ସ୍ୱାଇଁ, ସୁଧାଂଶୁ ଶେଖର ମହାନ୍ତି, ଅବିନାଶ ବେହେରା, ଇସାକ ଖୋସଲା, ନିରଞ୍ଜନ ମଲ୍ଲ, ସୀମାଞ୍ଚଳ ବିଶ୍ୱାଳ, ରାଜେଶ ବେପାରୀ, ଏ ଦେବାଶିଷ ପାତ୍ର, ରାହୁଲ ଗଲୋରୀ, ସୁରେନ୍ଦ୍ର ହାଲବା, ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତା।

# କୋରୁକୋଣ୍ଡାରେ ପୁଣି ଟେଣ୍ଡର ଫିକ୍ସିଂ ଅଭିଯୋଗ

ମାଲକାନଗିରି,୧।୧(ଗୌରି ଶଙ୍କର ପଣ୍ଡା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପକ୍ଷରୁ ଡିସେମ୍ବର ୪ରେ ସେତୁ ଯୋଜନାର କାର୍ଯ୍ୟ ସହ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ମୋଟ ୪ଟି ଟେଣ୍ଡର ଅନ୍‌ଲାଇନ ଯୋଗେ ବାହାରିଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ ଏକ ଅଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, କୋରୁକୋଣ୍ଡା ବ୍ଲକ୍ ଅଧୀନରେ ସେତୁ ଯୋଜନା ଓ ଶିକ୍ଷା ବିଭାଗର ଅନୁଦାନ କାର୍ଯ୍ୟକୁ ମିଶାଇ ମୋଟ ୪ଟି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକାଶିତ ହୋଇଥିଲା। ଜିଲା ପୋର୍ଟାଲରେ ମଧ୍ୟ ଏହି କାର୍ଯ୍ୟ ନେଇ ସୂଚନା ଦିଆଯାଇଥିଲା। ଏଥିରେ ମାତ୍ର ୧୨ ଜଣ ଠିକାଦାର ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇଥିଲେ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ପ୍ରତି କାର୍ଯ୍ୟରେ ସର୍ବନିମ୍ନ ୩ଜଣ ଠିକାଦାର ଟେଣ୍ଡର ପକାଇଲେ ଯାଇ ଏହାକୁ ନିୟମ ଅନୁଯାୟୀ ଠିକ୍ ବୋଲି ଗ୍ରହଣ କରାଯିବାର ପ୍ରାବଧାନ ଥିବାବେଳେ ଟେଣ୍ଡର ବାହାରିଥିବା ଏହି କାର୍ଯ୍ୟଗୁଡିକରେ ମଧ୍ୟ କେବଳ ୩ ଜଣ ଲେଖାଏ ହିଁ ଟେଣ୍ଡର ପକାଇଛନ୍ତି। ଯଦିଓ ଜିଲାର ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ବାହାରିଲେ ଗୋଟିଏ କାର୍ଯ୍ୟରେ ଅନ୍ୟୂନ ୨୦ରୁ ଅଧିକ ଠିକାଦାର ଟେଣ୍ଡର ପକାଉଥିବାବେଳେ ଏଠାରେ କିନ୍ତୁ ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଏହି ବ୍ଲକ୍‌ରେ ବାହାରୁଥିବା କାର୍ଯ୍ୟରେ ଏତେ କମ୍ ସଂଖ୍ୟକ ତଥା ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ କିପରି ଠିକାଦାରମାନେ ଟେଣ୍ଡର ପକାଉଛନ୍ତି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରାୟ ୧କୋଟି ଟଙ୍କା ମୂଲ୍ୟର ଏହି କାର୍ଯ୍ୟଗୁଡିକୁ ନେଇ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ସହ ଏକ ଅଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି; ଯେଉଁଥିରେ ଟେଣ୍ଡର ଫିକ୍ସିଂ ଯୋଗୁ କେତେଜଣ ବ୍ୟକ୍ତିଙ୍କୁ ଟଙ୍କା ଦିଆଯାଇଥିବା କଥା ସ୍ପଷ୍ଟ ଜଣାପଡିଛି। ତେବେ କୋରୁକୋଣ୍ଡା ବ୍ଲକ୍‌ରେ ପୂର୍ବରୁ ମଧ୍ୟ ଟେଣ୍ଡର ଫିକ୍ସିଂ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଏବଂ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତାହାକୁ ବାତିଲ କରାଯାଇଥିଲା। ଏବେ ପୁଣି ସମାନ ଅଭିଯୋଗ ଆସିବା ପରେ ବ୍ଲକ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଆମେ କୋରୁକୋଣ୍ଡା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଆମେ ସମସ୍ତ ନିୟମକୁ ପାଳନକରି ଏହି ଟେଣ୍ଡର ପ୍ରକ୍ରିୟା କରିଛୁ। ତେବେ ଫିକ୍ସିଂ ନେଇ ଆମ ନିକଟରେ ସେପରି କୌଣସି ଅଭିଯୋଗ ପୂର୍ବରୁ ଆସି ନ ଥିଲା ବୋଲି ସେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଆସିଥିବା ଅଭିଯୋଗକୁ ଆଧାରକରି ଆମେ ଏହାର ତଦନ୍ତ କରିବୁ। ଏ ସମ୍ପର୍କରେ ମାଲକାନଗିରି ପିଡି ଡିଆର୍‌ଡିଏ ନରେଶ ଚନ୍ଦ୍ର ଶବରଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ ଏପରି ଅଭିଯୋଗ ହେତୁ ସେ ଅନ୍‌ଲାଇନ ଟେଣ୍ଡର କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସମସ୍ତ ନିୟମ ପାଳନ କରାଯାଇ ଟେଣ୍ଡର ପ୍ରକ୍ରିୟା ହୋଇଥିବା ବେଳେ ଏହି ଘଟଣାକୁ ନେଇ ଆମେ ତଦନ୍ତକରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି । ବରିଷ୍ଠ ଅଧିକାରୀମାନେ ଅଭିଯୋଗ ପାଇବା ପରେ ଯଦିଓ ଘଟଣାର ତଦନ୍ତ କରିବାକୁ କହିଛନ୍ତି, ତେବେ ବାରମ୍ବାର ଏହି ଗୋଟିଏ ବ୍ଲକ୍‌ରେ କାହିଁକି ଏପରି ଅଭିଯୋଗ ଆସୁଛି ଏବଂ ଘଟଣା ପଛରେ କାହାର ହାତ ରହିଛି ଓ କେଉଁ ଅଧିକାରୀ ତଥା ବ୍ୟକ୍ତିମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ଉଚିତ ତଦନ୍ତ କରାଯାଇ ପଦକ୍ଷେପ ନେଲେ ଆଗାମୀ ଦିନରେ ଏପରି ଘଟଣା ଘଟିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ୮୭ ୱାର୍ଡ ବୁଲି କରିବ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ


କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟମାନେ।

**ସହଯୋଗ ଭ୍ରାମ୍ୟମାଣ ସଚେତନତା ରଥ ଉଦ୍ଘାଟିତ**

କୋରାପୁଟ,୧।୧(ଅମିତାଭ ବେହେରା)

କୋରାପୁଟ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ସହଯୋଗ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ବା ସଚେତନତା ରଥ ଗୁରୁବାର ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ ରଥ ଉଦ୍ଘାଟନ କରିଥିଲେ। ସଚେତନତା ରଥର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କୋରାପୁଟ ଜିଲାର ଜୟପୁର, କୋରାପୁଟ, ସୁନାବେଡ଼ା ଓ କୋଟପାଡ଼ ଆଦି ୪ ସହରାଞ୍ଚଳର ୮୭ ୱାର୍ଡରେ ପ୍ରାୟ ୧୮୦ ଦିନ ପରିଭ୍ରମଣ କରି ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ପହଞ୍ଚି ଯୋଗ୍ୟ ହିତାଧିକାରୀଙ୍କର ପଞ୍ଜୀକରଣ କରିବ ବୋଲି ଜିଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ), ପାଇପ ଯୋଗେ ଜଳଯୋଗାଣ, ରାଶନ କାର୍ଡ, ସୁଭଦ୍ରା, ଆୟୁଷ୍ମାନ କାର୍ଡ, ଶ୍ରମିକ କାର୍ଡ, ଇ-ଶ୍ରମ କାର୍ଡ, ଗରିମା ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା, ମଧୁବାବୁ ପେନ୍ସନ ଯୋଜନା, ସୁକନ୍ୟା ସମୃଦ୍ଧି ଆଦି ୧୩ ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ଏଥିରୁ ସୁଫଳ ପାଇପାରିବେ ବୋଲି ବିଧାୟକ ମାଛ କହିଛନ୍ତି। ଏହି ଅବସରରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ମନୋଜ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜୁଡ଼ା ଓ କୋରାପୁଟ ପୌର ପରିଷଦର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରେନ୍ ଯାତ୍ରା ସମୟରେ ପରିବର୍ତ୍ତନ

ଜୟପୁର,୧।୧(ପବନ ପାଣିଗ୍ରାହୀ)

ଟ୍ରେନ୍ ଯାତ୍ରା ସମୟରେ ପରିବର୍ତ୍ତନ ହୋଇଥିବା ନେଇ ରେଳ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଜଗଦଲପୁରଠାରୁ ଭୁବନେଶ୍ୱର ହୀରାଖଣ୍ଡ ଦ୍ରୁତଗାମୀ, ଜଗଦଲପୁରରୁ ହାୱଡ଼ା ସମଲେଶ୍ୱରୀ ଓ କିରନ୍ଦୁଲରୁ ବିଶାଖାପାଟଣା ରାତ୍ରିକାଳୀନ ଦ୍ରୁତଗାମୀ ଟ୍ରେନର ଯାତ୍ରା ସମୟରେ ପରିବର୍ତ୍ତନ ହୋଇଛି। ଗୁରୁବାରଠାରୁ ନୂତନ ସମୟ ଲାଗୁ ହୋଇଛି। ବିଶାଖାପାଟଣାସ୍ଥିତ ୱାଲଟେର ଡିଭିଜନର ଡିଭିଜିନାଲ କମର୍ସିଆଲ ମ୍ୟାନେଜର କେ.ପବନ କୁମାର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଜାନୁୟାରୀ ପହିଲାରୁ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ପୂର୍ବରୁ ନିର୍ଦ୍ଧାରିତ ଅପରାହ୍ନ ୪ଟା ୩୦ ବଦଳରେ ଏହାର ଅଧଘଣ୍ଟା ପୂର୍ବରୁ ଅପରାହ୍ନ ୪ଟାରେ ଜଗଦଲପୁର ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ। ଜୟପୁର ଷ୍ଟେସନରେ ଅପରାହ୍ନ ୫ଟା ୧୮ରେ ପହଞ୍ଚି ୫ଟା ୨୦ରେ ପୁଣି ଯାତ୍ରା ଆରମ୍ଭ କରିବ। କୋରାପୁଟରେ ସନ୍ଧ୍ୟା ୬ଟା ୨୦ରେ ପହଞ୍ଚି ସେଠାରୁ ୬ଟା ୪୫ରେ ଯାତ୍ରା ଆରମ୍ଭ କରିବ। ରାୟଗଡ଼ାରେ ରାତି ୧୧ଟାରେ ପହଞ୍ଚି ୧୧ଟା ୧୦ରେ ଯାତ୍ରା ଆରମ୍ଭ କରିବ। ଏହାର ପରଦିନ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉକ୍ତ ଟ୍ରେନ୍ ଭୁବନେଶ୍ୱରରେ ପହଞ୍ଚିବ। ସେହିପରି ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ ପୂର୍ବରୁ ଥିବା ସମୟ ଅନୁଯାୟୀ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ। କୋରାପୁଟରେ ଏହାର ପରଦିନ କୋରାପୁଟ ଓ ଜୟପୁରରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବ। କିନ୍ତୁ ଜଗଦଲପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ବଦଳରେ ଏକ ଘଣ୍ଟା ବିଳମ୍ବ ଅର୍ଥାତ ମଧ୍ୟାହ୍ନ ୧୨ଟା ୧୫ରେ ପହଞ୍ଚିବ। ହାୱଡ଼ା–ଜଗଦଲପୁର ସମଲେଶ୍ୱରୀ ଦ୍ରୁତଗାମୀ ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ହାୱଡ଼ାରୁ ଯାତ୍ରା ଆରମ୍ଭ କରିବ। କିନ୍ତୁ ରାୟଗଡାରେ ପୂର୍ବ ସମୟ ବଦଳରେ ଅପରାହ୍ନ ୩ଟା ୧୦ରେ ପହଞ୍ଚି ୩ଟା ୩୫ରେ ଯାତ୍ରା ଆରମ୍ଭ କରିବ। କୋରାପୁଟରେ ଏହି ଟ୍ରେନ ରାତି ୭ଟା ୧୫ରେ ପହଞ୍ଚି ୭ଟା ୪୦ରେ ଯାତ୍ରା ଆରମ୍ଭ କରିବ। ଏହା ପରେ ଜୟପୁରରେ ରାତି ୮ଟା ୪୮ରେ ପହଞ୍ଚି ୨ ମିନିଟ ରହଣି ପରେ ଯାତ୍ରା ଆରମ୍ଭ କରି ଜଗଦଲପୁରରେ ରାତି ୧୦ଟା ୩୦ରେ ପହଞ୍ଚିବ। କିରୁଣ୍ଡୁଲ–ବିଶାଖପାଟଣା ରାତ୍ରିକାଳୀନ ଦ୍ରୁତଗାମୀ ଟ୍ରେନ କିରଣ୍ଡୁଲରୁ ୪ଟାରେ ଯାତ୍ରା ଆରମ୍ଭ କରିବ। ଜୟପୁରରେ ରାତି ୮ଟା ୪୩ରେ ପହଞ୍ଚି ୨ ମିନିଟର ରହଣି ପରେ ଯାତ୍ରା ଆରମ୍ଭ କରିବ। କୋରାପୁଟରେ ରାତି ୯ଟା ୧୩ରେ ପହଞ୍ଚି ୨ ମିନିଟ ରହିସେଠାରୁ ଯାତ୍ରା ଆରମ୍ଭ କରି ବିଶାଖପାଟଣାରେ ଏହାର ପରଦିନ ପ୍ରାତଃ ୩ ଟା ୪୦ରେ ପହଞ୍ଚିବ।

# ଜଗନ୍ନାଥ,ବଲ୍ଲଭ ନାରାୟଣ ମନ୍ଦିରରେ ଭିଡ଼



ଜୟପୁର,୧।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରରେ ନବବର୍ଷ ପ୍ରଥମ ଦିନରେ ସମସ୍ତ ମନ୍ଦିରରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଜୟପୁର ଜଗନ୍ନାଥ ମନ୍ଦିର ଓ ଉତ୍ତର ମୁଖୀ ବଲ୍ଲଭ ନାରାୟଣ ମନ୍ଦିର, ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ମନ୍ଦିରରେ ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ପରସ୍ପରକୁ ଅଭିନନ୍ଦନ ଜଣାଇ ନବବର୍ଷ ପାଳିଥିଲେ। ବୁଧବାର ଜୟପୁରର ଗଡ଼ପଦର, ହାତୀଶାଳ, ପାତ୍ରପୁଟ, ଗାଗନାପୁର, ରାଣୀଗଡ଼ ଓ ଶୀତଳା ମନ୍ଦିର ଆଦି ଅଞ୍ଚଳରେ ପିକ୍‌ନିକ୍ କରିବାକୁ ଶତାଧିକ ଲୋକଙ୍କ ଭିଡ଼ ଜମିଛି। ଅପ୍ରୀତିକର ପରିସ୍ଥିତି ଏଡାଇବାକୁ ଜିଲା ପୋଲିସ ପକ୍ଷରୁ ସୁରକ୍ଷା କଡାକଡି କରାଯାଇଥିଲା।

# ନବବର୍ଷ ପ୍ରଥମ ଦିନରେ ଶାବର ଶ୍ରୀକ୍ଷେତ୍ରରେ ଭିଡ଼

କୋରାପୁଟ,୧।୧(ଅମିତାଭ ବେହେରା)


ଜଗନ୍ନାଥଙ୍କ ରାଜରାଜେଶ୍ୱର ବେଶ ।

ଇଂଲିଶ ନୂତନ ବର୍ଷ ଅବସରରେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ରାଜରାଜେଶ୍ୱର ବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ଼ ଗୁରୁବାର ଦେଖିବାକୁ ମିଳିଛି। ରାଜ୍ୟ ତଥା ବାହାରୁ ଭକ୍ତଙ୍କ ଭିଡ଼ ଜମୁଛି। ସକାଳ ୫ଟା ୪୫ରେ ଦ୍ୱାର ଖୋଲି ମଙ୍ଗଳ ଆରତି ପରେ ଅବକାଶ ନୀତି ପହିଲି ଭୋଗ କରାଯାଇଥିଲା। ଦିନତମାମ ଠାକୁରଙ୍କ ବିଭିନ୍ନ ନୀତି ରହିଥିଲା। ନବବର୍ଷର ନୂଆ ଉଦ୍ଦୀପନା ନେଇ ଭକ୍ତମାନେ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଦର୍ଶନ ସାରିବା ପରେ ଲୋକେ ପାହାଡ଼ ଉପରେ କୋରାପୁଟର ସୌନ୍ଦର୍ଯ୍ୟ ଉପଭୋଗ କରିଛନ୍ତି। ନବବର୍ଷ ଅବସରରେ ଜିଲାର ଗୁପ୍ତେଶ୍ୱର, ଦେଓମାଳି, ପୁଞ୍ଜିସିଲ, କୋଲାବ, ରାଣୀଡୁଡୁମା, ଡୁଡୁମା ଓ ରାଣୀଗଡ଼ ଆଦି ବିଭିନ୍ନ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

ପଟ୍ଟାଙ୍ଗି,୧।୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ଦେଓପଟ୍ଟାଙ୍ଗି ପଞ୍ଚାୟତ ସଦର ମହକୁମାସ୍ଥିତ ଚିଲିଗୁଡ଼ା ସଲପଗୁଡ଼ା ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁବାର ଆହତ ହୋଇଛନ୍ତି। ମୃତକ ହେଲେ ସମ୍ବାଇ ପଞ୍ଚାୟତ ଗୁଡ଼ିଆମ୍ବଗୁଡ଼ାର ବୁଦୁ ସାଗର।

ସୂଚନାନୁଯାୟୀ, ଗୁରୁବାର ପୁକାଲି ପଞ୍ଚାୟତ ସାନପାଟୁ ଗ୍ରାମର ସନ୍ତୋଷ ବୁରୁଡ଼ି, ବାବୁଲୁ ହନ୍ତାଳ ଓ ଅନ୍ୟ ଜଣଙ୍କ ସହ ବାଇକ୍(ଓଡି୧୦–ୟୁ–୮୧୫୫) ପଟ୍ଟାଙ୍ଗି ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ବାଇକ୍(ଓଡି୧୦–ୱାଇ–୪୩୧୨) ସହ ଚିଲିଗୁଡ଼ା ସଲପଗଡ଼ା ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସନ୍ତୋଷ ଗୁରୁତର ହୋଇଥିଲେ। ଅନ୍ୟ ୨ଜଣ ସାମାନ୍ୟ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି। ବୁଦୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ସହ ଯାଉଥିବା ଅନ୍ୟ ଜଣେ ପତି ସାଗର ମଦ୍ୟପାନ କରିଥିବାରୁ ଦୁର୍ଘଟଣାକୁ ନେଇ କୌଣସି ତଥ୍ୟ ଦେଇପାରୁନାହାନ୍ତି। ପଟ୍ଟାଙ୍ଗି ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ୨ ବାଇକ୍ ଜବତ କରିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତମାନଙ୍କୁ ପଚରାଉଚରା କରୁଛି। ଏ ନେଇ ଗୁଡିଆମ୍ବଗୁଡା ଗ୍ରାମବାସୀ ପଟ୍ଟାଙ୍ଗି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିଳମ୍ବ ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ କରାଯାଇପାରିନାହିଁ। ଶୁକ୍ରବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁହସ୍ତାନ୍ତର କରିବ ବୋଲିଜଣାପଡ଼ିଛି।

# ସାଇବାବାଙ୍କୁ ଦର୍ଶନକରି ନବବର୍ଷ ପାଳିଲେ ଲୋକେ



ସୁନାବେଡା,୧।୧(କୃତ୍ତିବାସ ପ୍ରଧାନ)

ନବବର୍ଷର ପ୍ରଥମ ଦିନରେ ସୁନାବେଡ଼ା ଅଞ୍ଚଳବାସିନ୍ଦା ସାଇବାବାଙ୍କ ଦର୍ଶନ କରି ଦିନ ଆରମ୍ଭ କରିଛନ୍ତି। ସକାଳୁ ହାଲ 'ବି' ଜୋନସ୍ଥିତ ଶିରିଡି ସାଇ ମନ୍ଦିରରେ ଲୋକଙ୍କ ଭିଡ଼ ଜମିଥିଲା। ମନ୍ଦିର କମିଟି ପକ୍ଷରୁ ବାବାଙ୍କ ଚଳନ୍ତି ପ୍ରତିମାକୁ ପାଲିଙ୍କିରେ ଧରି ସହର ପ୍ରରିକ୍ରମା କରାଯାଇଛି। ଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ପରେ ବାବାଙ୍କ ସେଜ ଆରତୀ ହୋଇଥିଲା। ନୂଆବର୍ଷ ଗୁରୁବାରରୁ ଆରମ୍ଭ ହୋଇଥିବାରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଅଧିକ ସମାଗମ ଦେଖିବାକୁ ମିଳିଛି ବୋଲି ମନ୍ଦିର ପରିଚାଳକ କହିଛନ୍ତି।

# ରାଣୀଡୁଡୁମା ପର୍ଯ୍ୟଟନସ୍ଥଳକୁ ଛୁଟୁଛି ପର୍ଯ୍ୟଟକଙ୍କ ସୁଅ

ନନ୍ଦପୁର,୧।୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲାର ପର୍ଯ୍ୟଟନ ମାନଚିତ୍ରରେ ଐତିହାସିକ କିମ୍ବଦନ୍ତୀ ସ୍ଥଳ ନନ୍ଦପୁର ଓ ପ୍ରକୃତିର ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ରାଣୀଡୁଡୁମାର ସ୍ଥାନ ସ୍ୱତନ୍ତ୍ର। ପର୍ଯ୍ୟଟନ ଋତୁରେ ନନ୍ଦପୁରକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପର୍ଯ୍ୟଟକ ବତ୍ରିସ ସିଂହାସନ, ଗଣେଷ ମନ୍ଦିର, ୩ ଭୈରବ, ସର୍ବେଶ୍ୱରଙ୍କ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ହାତୀ ପଥର ଆଦି ବୁଲି ରାଣୀଡୁଡୁମାର ସୌନ୍ଦର୍ଯ୍ୟରେ ବିମୋହିତ ହେଉଛନ୍ତି। ନୂଆବର୍ଷରେ ରାଣୀଡୁଡୁମାରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ୩ ଶହରୁ ଊର୍ଦ୍ଧ୍ୱ ଦଳ ରାଣୀଡୁଡୁମା ପରିସର ପାର୍କ ଓ ଗଙ୍ଗେଇଗୁଣି ନଦୀ କୂଳରେ ବଣଭୋଜି କରୁଥିବା ଦେଖିବାକୁ ମିଳିଛି। ଏହି କ୍ଷେତ୍ରରେ ରାଣୀଡୁଡୁମା ପରିସରର ପରିଚାଳନା, ସଫେଇ, ପାର୍କିଂ ଓ ଅନ୍ୟ ବ୍ୟବସାୟ ଆଦି କାର୍ଯ୍ୟରେ ନିୟୋଜିତ ହୋଇ ସ୍ଥାନୀୟ ମହିଳା ଓ ପୁରୁଷ ରୋଜଗାରକ୍ଷମ ହୋଇପାରିଛନ୍ତି। ରାଣୀ ଡୁଡୁମାରେ ପ୍ରବେଶ ଓ ନିକାସ ପଥ ନିର୍ମାଣ, ଅଧିକ ପାର୍କିଂ ସ୍ଥଳ, ହୋଟେଲ ବ୍ୟବସ୍ଥା, ବନଜାତ ଦ୍ରବ୍ୟ ଓ ସ୍ଥାନୀୟ କୃଷି ଉତ୍ପାଦ ବିକ୍ରି ନେଇ କିଛି ଦୋକାନ ଖୋଲିବାକୁ କୁହାଯାଇଛି। ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ବନ ବିଭାଗର ଇକୋ ଟୁରିଜମ ପରିଷଦ ଓ ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ ପକ୍ଷରୁ ରାଣୀଡୁଡୁମାର ପରିଚାଳନା କରାଯାଉଛି। ଜଳପ୍ରପାତ ସମେତ ଭିତର ପାର୍ଶ୍ୱ ପାର୍କର ଉନ୍ନତି, ବଣଭୋଜି ପିଣ୍ଡି ପ୍ରସ୍ତୁତ, ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ବିଭିନ୍ନ ପ୍ରକାର ଚାରାରୋପଣ ଓ ପରିସର ପରିଷ୍କାର ପରିଚ୍ଛନ୍ନ କରିବା ବନବିଭାଗର ଦାୟିତ୍ୱ। ମହିଳା ଓ ପୁରୁଷଙ୍କୁ ନେଇ ଗଠିତ ବନସୁରକ୍ଷା ସମିତିର ୪୦ ମହିଳା ଓ ୨୦ ପୁରୁଷ ରାଣୀଡୁଡୁମାରେ ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ପର୍ଯ୍ୟଟକଙ୍କଠାରୁ ଆଦାୟ ଅର୍ଥରେ ସେମାନଙ୍କୁ ପାରିଶ୍ରମିକ ଦିଆଯାଉଥିବା ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗୀ ସୂଚନା ଦେଇଛନ୍ତି। ପର୍ଯ୍ୟଟକଙ୍କ ଗାଡ଼ି ମୋଟର ସୁରକ୍ଷା ପାଇଁ ୬ ଜଣଙ୍କୁ ନିଯୁକ୍ତି ଦେଇଛି। ଆଦାୟ ପାର୍କିଂ ଫିରୁ ସେମାନେ ପାରିଶ୍ରମିକ ପାଉଛନ୍ତି। ରାଣୀଡୁଡୁମା ପରିସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବତୀ ଯୁବକ, ମହିଳା ପୁରୁଷଙ୍କ ଅସ୍ଥାୟୀ ଦୋକାନ ଖୋଲିଛି। ସେମାନେ ବିଭିନ୍ନ ଖାଦ୍ୟ ଓ ସାମଗ୍ରୀ ବିକି ରୋଜଗାର କରୁଛନ୍ତି। ପରିସରରେ ଶୌଚାଳୟ, ପାର୍କିଂ ସ୍ଥଳ, ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ବ୍ଲକ, ଜିଲା ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।


ରାଣୀଡୁଡୁମାକୁ ଆସିଥିବା ପର୍ଯ୍ୟଟକ ।

# ଲୁଗା ଦୋକାନରେ ନିଆଁ

ରାୟଗଡା,୧।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସହର ମୁଖ୍ୟ ବଜାରରେ ଥିବା ଏକ ଲୁଗା ଦୋକାନରେ ଗୁରୁବାର ସନ୍ଧ୍ୟାରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ରାୟଗଡା ଦମକଳ ବାହିନୀ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଶାଢ଼ୀ ଏବଂ ଅନ୍ୟ ସାମଗ୍ରୀ ପୋଡ଼ି ଯାଇଥିବା ଦୋକାନ ମାଲିକ ସୂଚନା ଦେଇଛନ୍ତି। ସର୍ଟ ଶର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି।

# ନୂତନ ବର୍ଷର ପ୍ରଥମ ଦିନରେ ବାଇକ୍ ଦୁର୍ଘଟଣାରେ ବ୍ୟକ୍ତି ମୃତ

ପଡିଆ,୧।୧(ଭାସ୍କର ରାଓ)

ନୂତନ ବର୍ଷର ପ୍ରଥମ ଦିନରେ ଘରେ ଭଲ ମନ୍ଦ କରି ଖାଇବାକୁ ବଜାର କରିବାକୁ ବାହାରିଥିଲେ ଯେ, ଆଉ ଘରକୁ ଫେରି ନ ଥିଲେ। ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଚାଲିଗଲା ଜଣେ ବ୍ୟକ୍ତିଙ୍କ ଜୀବନ। ମୃତକ ହେଲେ ପଡିଆ ଥାନା ଗଠନପାଲ୍ଲୀ ଗ୍ରାମର ଜଗା ପଡିଆମୀ (୫୧)। ସୂଚନା ଅନୁଯାୟୀ, ଜଗା ଗ୍ରାମର ୨ଜଣ ଲୋକଙ୍କ ସହ ବାଇକ୍‌ରେ ନିକଟସ୍ଥ ମାର୍କେଟ୍‌କୁ ଯାଉଥିଲେ। ଏହି ସମୟରେ କାଲିମେଳାରୁ ପଡିଆ ମୁଖ୍ୟ ରାସ୍ତାରେ ସାମ୍ନାରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଜଗାଙ୍କୁ ଗୁରୁତର ଅବସ୍ଥାରେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ବାଇକ୍ ଜବତ କରିବା ସହ ସମସ୍ତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଜଗାଙ୍କ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଜୟପୁର-ଭୁବନେଶ୍ୱର-ବିଶାଖାପାଟଣା ଯାତ୍ରୀବାହୀ ବିମାନ ଭଡ଼ା ବୃଦ୍ଧି

ଜୟପୁର,୧।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରରୁ ଭୁବନେଶ୍ୱର ଓ ବିଶାଖପାଟଣାକୁ ଚଳଚାଳ କରୁଥିବା ଯାତ୍ରୀବାହୀ ବିମାନର ଭଡ଼ାରେ ବୃଦ୍ଧି କରାଯାଇଛି। ଅବିଭକ୍ତ କୋରାପୁଟ ଜିଲାର ବିମାନ ଯାତ୍ରୀ ଭଡା ପ୍ରାୟ ୫ଶହରୁ ୧ହଜାର ଟଙ୍କା ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂତନ ବର୍ଷରେ ଯାତ୍ରୀଙ୍କୁ ବିମାନ ଚଳାଚଳ ଦାୟିତ୍ୱରେ ଥିବା ଇଣ୍ଡିଆ ୱାନ କମ୍ପାନୀକୁ ସମାଲୋଚନା କରିଛନ୍ତି। ୨୦୨୨ଠାରୁ ଆରମ୍ଭ ହୋଇଥିବା ୯ ସିଟ୍ ବିଶିଷ୍ଟ ଏହି ଯାତ୍ରୀବାହୀ ବିମାନ ସେବା ପୂର୍ବରୁ ଭୁବନେଶ୍ୱର ପାଇଁ ଯାତ୍ରୀ ଭଡା ୩ହଜାର ୬୭୪ ଟଙ୍କା ଥିଲା। ଏହି ଦରରେ ବୃଦ୍ଧି କରାଯାଇ ୪ ହଜାର ୬୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ବିଶାଖପାଟଣାକୁ ପୂର୍ବରୁ ୨୫୦୦ ଟଙ୍କା ଥିବା ବେଳେ ବର୍ତ୍ତମାନ ଏହା ୩୦୪୦ ଟଙ୍କା ହୋଇଛି।

# ସାମ୍ବାଦିକତା ପେସା ଓ ନିଶା ସମ୍ବନ୍ଧରେ ଆଲୋଚନା

ମାଲକାନଗିରି,୧।୧(ଗୌରିଶଙ୍କର ପଣ୍ଡା)

**ଖବରଦାତାଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ**

ନୂତନ ବର୍ଷ ଉପଲକ୍ଷେ ମାଲକାନଗିରି ଜିଲା କୋରୁକୋଣ୍ଡା ସଦରଠାରେ ବ୍ଲକ ଖବରଦାତାଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ରୂପେ ମାଲକାନଗିରିର ବରିଷ୍ଠ ଖବରଦାତା ବି ଶ୍ରୀନିବାସ ପାତ୍ର, ଅଶୋକ ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ପେଶା ଓ ନିଶା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଶେଷକରି ଆଜିର ସମୟରେ ଯୁବ ସାମ୍ବାଦିକଙ୍କ ନିଜର ସାମ୍ବାଦିକତା ସମୟରେ ସତର୍କତା ଅବଲମ୍ବନ ଓ ସମାଜ ପାଇଁ ସେମାନଙ୍କର ଅବଦାନ କ'ଣ ରହିବା ଉଚିତ ସେ ନେଇ ଆଲୋଚନା ହୋଇଥିଲା। ସତ୍ୟ ଓ ନିରପେକ୍ଷ ଭାବେ ସେମାନେ କିପରି ଖବର ପ୍ରସାରଣ କରିବେ ସେ ନେଇ ବରିଷ୍ଠ ଖବରଦାତାମାନେ ବିଭିନ୍ନ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ଖବରଦାତାମାନେ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ପ୍ରୀତି ଭୋଜନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ପ୍ରଦୀପ କୁମାର ମହାରଣା, ବିକ୍ରମ କେଶରୀ ସ୍ୱାଇଁ, ସୁଧାଂଶୁ ଶେଖର ମହାନ୍ତି, ଅବିନାଶ ବେହେରା, ଇସାକ ଖୋସଲା, ନିରଞ୍ଜନ ମଲ୍ଲ, ସୀମାଞ୍ଚଳ ବିଶ୍ୱାଳ, ରାଜେଶ ବେପାରୀ, ଏ ଦେବାଶିଷ ପାତ୍ର, ରାହୁଲ ଗଲୋରୀ, ସୁରେନ୍ଦ୍ର ହାଲବା, ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତା।

# କୋରୁକୋଣ୍ଡାରେ ପୁଣି ଟେଣ୍ଡର ଫିକ୍ସିଂ ଅଭିଯୋଗ

ମାଲକାନଗିରି,୧।୧(ଗୌରି ଶଙ୍କର ପଣ୍ଡା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପକ୍ଷରୁ ଡିସେମ୍ବର ୪ରେ ସେତୁ ଯୋଜନାର କାର୍ଯ୍ୟ ସହ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ମୋଟ ୪ଟି ଟେଣ୍ଡର ଅନ୍‌ଲାଇନ ଯୋଗେ ବାହାରିଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମରେ ଏକ ଅଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, କୋରୁକୋଣ୍ଡା ବ୍ଲକ୍ ଅଧୀନରେ ସେତୁ ଯୋଜନା ଓ ଶିକ୍ଷା ବିଭାଗର ଅନୁଦାନ କାର୍ଯ୍ୟକୁ ମିଶାଇ ମୋଟ ୪ଟି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକାଶିତ ହୋଇଥିଲା। ଜିଲା ପୋର୍ଟାଲରେ ମଧ୍ୟ ଏହି କାର୍ଯ୍ୟ ନେଇ ସୂଚନା ଦିଆଯାଇଥିଲା। ଏଥିରେ ମାତ୍ର ୧୨ ଜଣ ଠିକାଦାର ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇଥିଲେ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ପ୍ରତି କାର୍ଯ୍ୟରେ ସର୍ବନିମ୍ନ ୩ଜଣ ଠିକାଦାର ଟେଣ୍ଡର ପକାଇଲେ ଯାଇ ଏହାକୁ ନିୟମ ଅନୁଯାୟୀ ଠିକ୍ ବୋଲି ଗ୍ରହଣ କରାଯିବାର ପ୍ରାବଧାନ ଥିବାବେଳେ ଟେଣ୍ଡର ବାହାରିଥିବା ଏହି କାର୍ଯ୍ୟଗୁଡିକରେ ମଧ୍ୟ କେବଳ ୩ ଜଣ ଲେଖାଏ ହିଁ ଟେଣ୍ଡର ପକାଇଛନ୍ତି। ଯଦିଓ ଜିଲାର ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ବାହାରିଲେ ଗୋଟିଏ କାର୍ଯ୍ୟରେ ଅନ୍ୟୂନ ୨୦ରୁ ଅଧିକ ଠିକାଦାର ଟେଣ୍ଡର ପକାଉଥିବାବେଳେ ଏଠାରେ କିନ୍ତୁ ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଏହି ବ୍ଲକ୍‌ରେ ବାହାରୁଥିବା କାର୍ଯ୍ୟରେ ଏତେ କମ୍ ସଂଖ୍ୟକ ତଥା ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ କିପରି ଠିକାଦାରମାନେ ଟେଣ୍ଡର ପକାଉଛନ୍ତି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରାୟ ୧କୋଟି ଟଙ୍କା ମୂଲ୍ୟର ଏହି କାର୍ଯ୍ୟଗୁଡିକୁ ନେଇ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ସହ ଏକ ଅଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି; ଯେଉଁଥିରେ ଟେଣ୍ଡର ଫିକ୍ସିଂ ଯୋଗୁ କେତେଜଣ ବ୍ୟକ୍ତିଙ୍କୁ ଟଙ୍କା ଦିଆଯାଇଥିବା କଥା ସ୍ପଷ୍ଟ ଜଣାପଡିଛି। ତେବେ କୋରୁକୋଣ୍ଡା ବ୍ଲକ୍‌ରେ ପୂର୍ବରୁ ମଧ୍ୟ ଟେଣ୍ଡର ଫିକ୍ସିଂ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଏବଂ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତାହାକୁ ବାତିଲ କରାଯାଇଥିଲା। ଏବେ ପୁଣି ସମାନ ଅଭିଯୋଗ ଆସିବା ପରେ ବ୍ଲକ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଆମେ କୋରୁକୋଣ୍ଡା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଆମେ ସମସ୍ତ ନିୟମକୁ ପାଳନକରି ଏହି ଟେଣ୍ଡର ପ୍ରକ୍ରିୟା କରିଛୁ। ତେବେ ଫିକ୍ସିଂ ନେଇ ଆମ ନିକଟରେ ସେପରି କୌଣସି ଅଭିଯୋଗ ପୂର୍ବରୁ ଆସି ନ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଆସିଥିବା ଅଭିଯୋଗକୁ ଆଧାରକରି ଆମେ ଏହାର ତଦନ୍ତ କରିବୁ। ଏ ସମ୍ପର୍କରେ ମାଲକାନଗିରି ପିଡି ଡିଆର୍‌ଡିଏ ନରେଶ ଚନ୍ଦ୍ର ଶବରଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ ଏପରି ଅଭିଯୋଗ ହେତୁ ସେ ଅନ୍‌ଲାଇନ ଟେଣ୍ଡର କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସମସ୍ତ ନିୟମ ପାଳନ କରାଯାଇ ଟେଣ୍ଡର ପ୍ରକ୍ରିୟା ହୋଇଥିବା ବେଳେ ଏହି ଘଟଣାକୁ ନେଇ ଆମେ ତଦନ୍ତକରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ବରିଷ୍ଠ ଅଧିକାରୀମାନେ ଅଭିଯୋଗ ପାଇବା ପରେ ଯଦିଓ ଘଟଣାର ତଦନ୍ତ କରିବାକୁ କହିଛନ୍ତି, ତେବେ ବାରମ୍ବାର ଏହି ଗୋଟିଏ ବ୍ଲକ୍‌ରେ କାହିଁକି ଏପରି ଅଭିଯୋଗ ଆସୁଛି ଏବଂ ଘଟଣା ପଛରେ କାହାର ହାତ ରହିଛି ଓ କେଉଁ ଅଧିକାରୀ ତଥା ବ୍ୟକ୍ତିମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ଉଚିତ ତଦନ୍ତ କରାଯାଇ ପଦକ୍ଷେପ ନେଲେ ଆଗାମୀ ଦିନରେ ଏପରି ଘଟଣା ଘଟିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରି ୨/୨୦୨୬ Bhubaneswar, Friday, January 2/ 2026


# କାର୍ଯ୍ୟକାରୀ ହେଲା କ୍ରୀଡ଼ା ଶାସନ ଆଇନ

**ନୂଆଦିଲ୍ଲୀ,୧୧(ପି.ଟି.)**

ଜାତୀୟ କ୍ରୀଡ଼ା ଶାସନ ଆଇନ ଆଂଶିକ ଭାବେ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ଏଥିରେ କ୍ରୀଡ଼ା ସମ୍ପର୍କିତ ବିବାଦର ସମାଧାନ କରିବା ପାଇଁ ଏକ ଟ୍ରିବ୍ୟୁନାଲ ଓ ଆର୍ଥିକ ଅନିୟମିତତା ସହ ପ୍ରତ୍ୟେକ ଫେଡେରେଶନର ସ୍ୱଚ୍ଛ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନ୍ୟାଶନାଲ ସ୍ପୋର୍ଟ୍ସ ବୋର୍ଡ (ଏନ୍‌ଏସ୍‌ବି)ରେ ବ୍ୟବସ୍ଥା ରହିଛି। ଏହି ଆଇନକୁ ଗତବର୍ଷ ଅଗଷ୍ଟ ୧୮ ତାରିଖରେ ଅଧିସୂଚିତ କରାଯାଇଥିଲା। କ୍ରୀଡ଼ା ଶାସନ ଆଇନର ଧାରା ୧ରୁ ୩ ପର୍ଯ୍ୟନ୍ତ ପ୍ରାବଧାନ, ଧାରା ୪ର ସବ୍-ସେକ୍ସନ ୧, ୨ ଓ ୪, ଧାରା ୫ର ସବ୍-ସେକ୍ସନ ୧ ଓ ୨, ଧାରା ୮ର ସବ୍-ସେକ୍ସନ ୫, ଧାରା ୧୧ର ସବ୍-ସେକ୍ସନ ୧, ଧାରା ୧୪ ଓ ୧୫, ଧାରା ୧୭ର ସବ୍-ସେକ୍ସନ ୧ରୁ ୭ ପର୍ଯ୍ୟନ୍ତ ଓ ୧୦, ଧାରା ୩୦ ଓ ୩୧ ଏବଂ ଧାରା ୩୩ରୁ ୩୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବା ଉଚିତ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ବିଜ୍ଞପ୍ତି ଜାରି କରାଯାଇଛି।

ଏହି ଆଇନ ଅନୁଯାୟୀ, ନିର୍ବାଚନ ହେବା ପରେ ସମସ୍ତ କ୍ରୀଡ଼ା ମହାସଂଘକୁ କାର୍ଯ୍ୟକାରୀ କମିଟିକୁ ୧୫ ସଦସ୍ୟଙ୍କ ମଧ୍ୟରେ ସୀମିତ ରଖିବାକୁ ପଡ଼ିବ; ଯେଉଁଥିରେ ଅତିକମ୍‌ରେ ଦୁଇ ପୂର୍ବତନ କ୍ରୀଡ଼ାବିତ୍ ରହିବେ। ନ୍ୟାଶନାଲ ସ୍ପୋର୍ଟ୍ସ ବୋର୍ଡ (ଏନ୍‌ଏସ୍‌ବି) ଓ ନ୍ୟାଶନାଲ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ (ଏନ୍‌ଏସ୍‌ଟି)ର ସମ୍ବିଧାନ ମଧ୍ୟ କାର୍ଯ୍ୟକାରୀ ହୋଇଛି। ଏନ୍‌ଏସ୍‌ବିରେ ଜଣେ ଚେୟାରପର୍ସନ ରହିବେ ଏବଂ ଲୋକ ପ୍ରଶାସନ, କ୍ରୀଡ଼ା ଶାସନ, କ୍ରୀଡ଼ା ଆଇନ ଓ ଅନ୍ୟ ସମ୍ପର୍କିତ ଫିଲ୍ଡରେ କାର୍ଯ୍ୟ କରିବାର ଅଭିଜ୍ଞତା ଆଧାରରେ ଅନ୍ୟ ସଦସ୍ୟଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ। ଏହି ନିଯୁକ୍ତି ସର୍ଚ୍ଚ-କମ୍-ସିଲେକ୍ସନ କମିଟିର ସୁପାରିସ ଆଧାରରେ କରାଯିବ। ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ଆଇନ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ନ ହେଲା ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଫେଡେରେଶନକୁ ନିର୍ବାଚନକୁ ସ୍ଥଗିତ ରଖିବାକୁ ଅନୁମତି ଦିଆଯାଇଛି। ଏହାର ଅର୍ଥ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ନିର୍ବାଚନ ଚଳିତବର୍ଷ ବିଳମ୍ବରେ ହେବ।

ଏନ୍‌ଏସ୍‌ବିରେ ମୋଟ ୩ ସଦସ୍ୟ ରହିବେ। ଏହି ବୋର୍ଡ ପାଖରେ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ୍)କୁ ସ୍ୱୀକୃତି ଦେବାର ଓ ପ୍ରତ୍ୟାହାର କରିବାର ଅଧିକାର ରହିଛି। ଏଥିସହିତ ପରିଚାଳନାଗତ ତ୍ରୁଟି ଓ ଆର୍ଥିକ ଅନିୟମିତତା କ୍ଷେତ୍ରରେ ଫେଡେରେଶନକୁ ଦଣ୍ଡିତ ମଧ୍ୟ କରିପାରିବ। ପ୍ରତ୍ୟେକ ଏନ୍‌ଏସ୍‌ଏଫ୍ ଲାଗି ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବା ବାଧ୍ୟତାମୂଳକ କରାଯାଇଛି। ଏନ୍‌ଏସ୍‌ବିର ବିନା ସ୍ୱୀକୃତିରେ କୌଣସି ଫେଡେରେଶନ ସରକାରୀ ପାଣ୍ଠି ବ୍ୟବହାର କରିପାରିବେ ନାହିଁ।



କର୍ମକର୍ତ୍ତାଙ୍କ ଗହଣରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଥ୍ରୋବଲ୍ ଦଳ।

# ଓଡ଼ିଶା ଥ୍ରୋ ବଲ ପୁରୁଷ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୧ (ଅନାଦି କର)**

କେରଳର କୋଟାୟମଠାରେ ଅନୁଷ୍ଠିତ ୪୩ତମ ସିନିୟର ଥ୍ରୋ ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ୨-୦ ସେଟରେ ରାଜସ୍ଥାନକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ହେଲେ ସେମିରେ ଓଡ଼ିଶା ୧-୨ ସେଟ୍‌ରେ ୩ ଥରର ଚାମ୍ପିୟନ ଦିଲ୍ଲୀଠାରୁ ପରାସ୍ତ ହୋଇଥିଲା। ଏହାପରେ ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨-୧ ସେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଓଡ଼ିଶା ମହିଳା ଦଳ କ୍ୱାର୍ଟର ଫାଇନାଲରେ ଚାରି ଥରର ବିଜେତା ଦିଲ୍ଲୀଠାରୁ ୨-୧ ସେଟ୍‌ରେ ପରାସ୍ତ ହୋଇ ଅଭିଯାନ ଶେଷ କରିଛି। ସଫଳ ପ୍ରଦର୍ଶନ ଲାଗି ଓଡ଼ିଶା ପୁରୁଷ ଦଳକୁ ପ୍ରୋଗ୍ରାମିଂ ଅଫିସର ହରେଶ ମିଶ୍ର, ଓଡ଼ିଶା ଥ୍ରୋ-ବଲ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଯଶବନ୍ତ ପରମଗୁରୁ, ଉପସଭାପତି ମଧୁସୂଦନ ମିଶ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଖୋ ଖୋ ଏଚ୍‌ପିସିର ଆଥ୍‌ଲେଟଙ୍କ ସଫଳତା




ଟ୍ରଫି ସହ ଶୁଭମ ଶୁଭ୍ରଜିତ ଦଳାଇ। ସବ୍ ଜୁନିୟର ଚାମ୍ପିୟନ ପୁରୀ ଖୋ ଖୋ ଦଳ।

**ଭୁବନେଶ୍ୱର,୧୧ (ଅନାଦି କର)**

ଜଗତ୍‌ସିଂପୁରର ତିର୍ତୋଲଠାରେ ଅନୁଷ୍ଠିତ ୧୭ତମ ସବ-ଜୁନିୟର ରାଜ୍ୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଥିବା ୧୩ ବର୍ଷୀୟ ଆଥଲେଟ ଶୁଭମ ଶୁଭ୍ରଜିତ ଦଳାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବାଳକ ବିଭାଗରେ ପୁରୀ ପକ୍ଷରୁ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରି ଦଳକୁ ଟାଇଟଲ ଜିତାଇଥିଲେ। ଶୁଭମଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା କହିଛନ୍ତି, ପ୍ରତିଭା ଚିହ୍ନଟ ଓ ଆରମ୍ଭରୁ ପ୍ରଶିକ୍ଷଣ ପ୍ରଦାନ ମାଧ୍ୟମରେ ଓଡ଼ିଶାରେ ଖୋ ଖୋର ଦୃଢ଼ ମୂଳଦୁଆ ପ୍ରତିଷ୍ଠା କରିବା ଆମର ସର୍ବଦା ମୁଖ୍ୟ ଲକ୍ଷ୍ୟ ଥିଲା। ପୁରୀ ଦଳ ପାଇଁ ଶୁଭମଙ୍କ ସଫଳତା କଠିନ ପରିଶ୍ରମ, ଶୃଙ୍ଖଳା ଓ ପ୍ରଶୀକ୍ଷଣକୁ ଦର୍ଶାଉଛି। ଆମେ ତାଙ୍କ ଉପଲବ୍ଧିରେ ଗର୍ବିତ ଓ ଆମେ ନିଶ୍ଚିତ ଯେ, ଏହି ପ୍ରୋଗ୍ରାମରୁ ଭବିଷ୍ୟତର ଆହୁରି ଚାମ୍ପିୟନ ବାହାରିବେ।

# ଟି୨୦ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା

**ମେଲବୋର୍ନ (ଅଷ୍ଟ୍ରେଲିଆ),୧୧ (ଏପି):** ଶ୍ରୀଲଙ୍କା ଓ ଭାରତରେ ହେବାକୁଥିବା ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆର ଚୟନକର୍ତ୍ତାମାନେ ଏକ ୧୫ଜଣିଆ ଦଳ ଘୋଷଣା କରିଛନ୍ତି। ଦଳରେ ସ୍ପିନରଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ମିଚେଲ ଷ୍ଟାର୍କ ଟି୨୦ରୁ ଅବସର ନେବା ପରେ ୨୦୨୧ ଟୁର୍ନାମେଣ୍ଟ ବିଜେତା ତାଙ୍କ ସ୍ଥାନରେ ଜଣେ ବାମହାତୀ ପେସ୍ ବୋଲର ନ ନେବା ଲାଗି ସ୍ଥିର କରିଥିଲା। ଅଷ୍ଟ୍ରେଲିଆର ଗତ ୧୨ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଖେଳି ନ ଥିବା ଧିମା ରକ୍ଷଣଶୀଳ ବାମହାତୀ ବୋଲର ତଥା ବ୍ୟାଟର କୁପର କନୋଲିଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ଦଳରେ ସ୍ଥାନ ଦିଆଯାଇଛି। ଆଇସିସିର ଗତ ୬ଟି ଟି୨୦ ଇଭେଣ୍ଟ ମଧ୍ୟରୁ ଷ୍ଟାର୍କ ମାତ୍ର ଗୋଟିଏରେ ଖେଳି ନ ଥିଲେ। ଗତ ବର୍ଷ ସେ ଏହି ଫର୍ମାଟରେ ଅନ୍ତର୍ଜାତୀୟ ସ୍ତରରୁ ତାଙ୍କର ଅବସର ନେଇଥିଲେ। ଅଷ୍ଟ୍ରେଲିଆ ଫେବୃଆରୀ ୧୧ରେ କଲମ୍ବୋଠାରେ ଆୟର୍ଲାଣ୍ଡକୁ ଭେଟି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ପରେ ଦଳ କାଣ୍ଡିଠାରେ ଫେବୃଆରୀ ୧୩ରେ ଜିମ୍ବାୱେ ଏବଂ ଫେବୃଆରୀ ୧୬ରେ ଶ୍ରୀଲଙ୍କା ଏବଂ ଫେବୃଆରୀ ୨୦ରେ ଓମାନ ସହ ମୁକାବିଲା କରିବ। ଚଳିତ ମାସ ପରବର୍ତ୍ତୀ ଭାଗରେ ପ୍ୟାଟ କମିନ୍ସଙ୍କ ପିଠିରେ ସ୍କାନ କରାଯିବା ପରେ ସେ ଟୁର୍ନାମେଣ୍ଟ ଖେଳିବେ କି ନା ତାହା ସ୍ଥିର କରାଯିବ। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରୀରୁ ମୁକ୍ତି ପାଇବା ପରେ ଜୋଶ ହାଜେଲଉଡ୍ ଓ ଟିମ୍ ଡେଭିଡ୍ ଦଳକୁ ଫେରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନିୟମାନୁସାରେ ଜାନୁଆରୀ ୩୧ ପର୍ଯ୍ୟନ୍ତ ଦଳରେ ପରିବର୍ତ୍ତନ ପାଇଁ ଅନୁମତି ରହିଛି। ଚଳିତମାସ ପରବର୍ତ୍ତୀ ଭାଗରେ ପାକିସ୍ତାନ ବିପକ୍ଷରେ ଏକ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଶ୍ରୀଲଙ୍କାରେ ଖେଳାଯିବ। ମାତ୍ର ଦଳ ଯଦି ଯୋଗ୍ୟତା ଅର୍ଜନ କରେ ତେବେ କେତୋଟି ସୁପର-୮ ମ୍ୟାଚ ଖେଳିବା ଲାଗି ଭାରତ ଗସ୍ତ କରିବ। **ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ୍, କୁପର କନୋଲି, ପ୍ୟାଟ କମିନ୍ସ, ଟିମ୍ ଡେଭିଡ, କାମେରନ ଗ୍ରୀନ୍, ନାଥାନ ଏଲିସ, ଜୋଶ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ମାଥ୍ୟୁ କୁହ୍ନେମାନ, ଗ୍ଲେନ ମାକ୍ସୱେଲ, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ ଓ ଆଡାମ ଜାମ୍ପା।

# ଟପ୍ସ କୋର୍ ଗ୍ରୁପ୍‌ରୁ ବାଦ୍ ପଡ଼ିଲେ ରୀତିକା



**ନୂଆଦିଲ୍ଲୀ, ୧୧ (ପି.ଟି.)**

କ୍ରୀଡ଼ା ମନ୍ତ୍ରଣାଳୟର ପ୍ରମୁଖ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ଆଥ୍‌ଲେଟିକ୍ସ ତାଲିକାରୁ ବାଦ୍ ପଡ଼ିଛନ୍ତି ଡୋପ୍ କଳଙ୍କିତ କୁସ୍ତିଯୋଦ୍ଧା ରୀତିକା ହୁଡା। ପରଣିତ କୌର ଓ ଅଭିଷେକ ବର୍ମାଙ୍କ ଭଳି କମ୍ପାଉଣ୍ଡ ତୀରନ୍ଦାଜମାନଙ୍କୁ କୋର୍ ଗ୍ରୁପ୍‌କୁ ପଦୋନ୍ନତି ଦିଆଯାଇଥିବା ବେଳେ ଡେକାଥଲେଟ ତେଜସ୍ୱିନୀ ଶଙ୍କରଙ୍କ ନାମ ବିକାଶମୂଳକ ତାଲିକାରେ ସ୍ଥାନ ପାଇଛି। ଗତବର୍ଷ ତାଲିକାରେ ଆଥ୍‌ଲେଟଙ୍କ ସଂଖ୍ୟା ୧୭୯ରୁ ୯୪କୁ ହ୍ରାସ ପାଇଥିଲା, ଯାହାକୁ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ର ଅନ୍ତିମ ସାଇକେଲ (ଚକ୍ର) ଥିଲା। ଗତ ଏକ ବର୍ଷର ପ୍ରଦର୍ଶନକୁ ଭିତ୍ତିକରି ପ୍ରସ୍ତୁତ କୋର୍ ଗ୍ରୁପ୍ ତାଲିକାରେ ଆଥ୍‌ଲେଟଙ୍କ ସଂଖ୍ୟା ବର୍ତ୍ତମାନ ୧୧୮ରେ ପହଞ୍ଚିଛି। ଏଥିରେ ୫୭ଜଣ ସକ୍ଷମ ଆଥ୍‌ଲେଟ୍ ଏବଂ ୬୧ ପାରା-ଆଥ୍‌ଲେଟ ସ୍ଥାନ ପାଇଛନ୍ତି। ହୁଡା ହେଉଛନ୍ତି ଜଣେ ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା। ସେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ଗତବର୍ଷ ଜୁଲାଇରେ ଏକ ସିଲେକ୍ସନ ଟ୍ରାଏଲ ବେଳେ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଗତବର୍ଷ ଫେବୃଆରୀରେ ରିଲିଜ କରାଯାଇଥିବା ଟପ୍ସ କୋର୍ ଗ୍ରୁପ୍ ତାଲିକାରେ ତାଙ୍କ ନାମ ସ୍ଥାନ ପାଇଥିଲା। ତେବେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜେତା ସ୍ପ୍ରିଣ୍ଟର ସିମରନଙ୍କ ଗାଇଡ୍ ଉମର ସୈଫି ଗତ ଅକ୍ଟୋବରରେ ଏକ ଡୋପ୍ ଟେଷ୍ଟକୁ ଏଡାଇଦେଇଥିଲେ ମଧ୍ୟ ସେ କୋର୍ ଗ୍ରୁପ୍‌ରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ଜନ୍ମରୁ ଦୃଷ୍ଟି ଶକ୍ତି ହରାଇଥିବା ସିମରନ ପ୍ୟାରିସ ପାରାଲିମ୍ପିକ୍ସ ୨୦୦ମିଟର ଇଭେଣ୍ଟ ବ୍ରୋଞ୍ଜ ବିଜେତା ମଧ୍ୟ। ସଦ୍ୟ ପ୍ରକାଶିତ ତାଲିକାରେ ୮ଜଣ କମ୍ପାଉଣ୍ଡ ତୀରନ୍ଦାଜ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପରଣିତ, ଅଭିଷେକ ଓ ଜ୍ୟୋତି ସୁରେଖା। ୩ଜଣ ରିକର୍ଭ ଷ୍ଟାର ଦୀପିକା କୁମାରୀ, ଧୀରଜ ବୋମାଦେବରା ଓ ଅଙ୍କିତା ଭକତ ପ୍ରମୁଖଙ୍କୁ ମଧ୍ୟ ସ୍ଥାନ ମିଳିଛି। ଅପ୍‌ଡେଟ୍ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ କମ୍ପାଉଣ୍ଡ ତୀରନ୍ଦାଜଙ୍କ ମଧ୍ୟରେ ଅଛନ୍ତି ଅଦିତି ଗୋପୀଚାନ୍ଦ ସ୍ୱାମୀ, ଓଜାସ ପ୍ରବୀଣ ଡେଓଟେଲ୍, ପ୍ରିୟାଂଶ ପ୍ରଥମେଶ ସାମାଧାନ ଜକାର ଓ ରିଷଭ ଯାଦବ। ଆଥଲେଟିକ୍ସରେ ଜାଭେଲିନଥ୍ରୋୟର ନୀରଜ ଚୋପ୍ରାଙ୍କ ସହ ଯୋଗ ଦେଇଛନ୍ତି ସଚିନ ଯାଦବ, ଯିଏ କି ବିଶ୍ୱ ଚାମ୍ପିୟନଶିପ୍‌ରେ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ତାଲିକାରେ ସ୍ଥାନ ପାଇଥିବା ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟମାନଙ୍କ ମଧ୍ୟରେ ଅଛନ୍ତି ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ, ଲଙ୍ଗ ଜମ୍ପର ଏମ୍. ଶ୍ରୀଶଙ୍କର ଏବଂ ନବାଗତ ହାଇଜମ୍ପର ସର୍ଭେସ କୁଶାରେ, ଯିଏ କି ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ୬ଷ୍ଠ ସ୍ଥାନରେ ରହିଥିଲେ।

# ଦିନିକିଆ କ୍ରିକେଟର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଲେ ଅଶ୍ୱିନ

**ଚେନ୍ନାଇ,୧୧(ପି.ଟି.)**

ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅବସର ଓ ୨୦୨୭ ଦିନିକିଆ ବିଶ୍ୱକପ୍ ପରେ ଦିନିକିଆ ଅନ୍ତର୍ଜାତୀୟ ଫର୍ମାଟ ନିଜର ଅସ୍ତିତ୍ୱ ଓ ପ୍ରାସଙ୍ଗିକ ହୋଇ ରହିବା ପାଇଁ ସଂଘର୍ଷ କରିବ। ଭାରତର ମହାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଗୁରୁବାର ଏହା କହିଛନ୍ତି। ୨୦୨୭ ବିଶ୍ୱକପ୍ ପରେ ଦିନିକିଆ କ୍ରିକେଟର ଭବିଷ୍ୟତକୁ ନେଇ ମୁଁ ନିଶ୍ଚିତ ନୁହେଁ। ମୁଁ ଏହାକୁ ନେଇ ଚିନ୍ତିତ ଅଛି। ମୁଁ ବିଜୟ ହଜାରେ ଟ୍ରଫି ଦେଖୁଛି। କିନ୍ତୁ ଯେଉଁ ଭଳି ସୟଦ ମୁସ୍ତାକ ଅଲୀ ଟ୍ରଫି ଟି-୨୦ ଦେଖେ ସେଭଳି ଦିନିକିଆ କ୍ରିକେଟକୁ ଦେଖିବା କଷ୍ଟକର। ଏଥିସହିତ ଆମକୁ ଜାଣିବାକୁ ପଡ଼ିବ ଯେ, ଦର୍ଶକ କ'ଣ



ଚାହୁଁଛନ୍ତି। ମୋ ମତରେ ଟେଷ୍ଟ କ୍ରିକେଟର ସ୍ଥାନ ସୁରକ୍ଷିତ ରହିଛି। କିନ୍ତୁ ଦିନିକିଆ କ୍ରିକେଟ ପାଇଁ ମୋ ମତରେ ସ୍ଥାନ ନାହିଁ। ରୋହିତ ଓ କୋହଲି ବିଜୟ ହଜାରେ ଟ୍ରଫିକୁ ଫେରିବା ପରେ ଲୋକେ ଏହାକୁ ଦେଖିବା ଆରମ୍ଭ କଲେ। ଆମ ସଭିଙ୍କୁ ଜଣା କ୍ରୀଡ଼ା ସର୍ବଦା ବ୍ୟକ୍ତିବିଶେଷଙ୍କଠାରୁ ବଡ଼। କିନ୍ତୁ ବର୍ତ୍ତମାନ ସମୟରେ ଦିନିକିଆ କ୍ରିକେଟକୁ ପ୍ରାସଙ୍ଗିକ କରି ରଖିବା ପାଇଁ ରୋ-କୋଙ୍କୁ ଫେରିବାକୁ ପଡ଼ିବ। ବିଜୟ ହଜାରେ ଟ୍ରଫି ଏକ ଘରୋଇ ପ୍ରତିଯୋଗିତା, ଯାହାକୁ ଅଧିକ ଲୋକେ ଦେଖନ୍ତି ନାହିଁ। କିନ୍ତୁ ରୋ-କୋଙ୍କ ଉପସ୍ଥିତି ଯୋଗୁ ଲୋକେ ଦେଖିବା ଆରମ୍ଭ କରୁଛନ୍ତି। ମାତ୍ର ଏମାନେ ଖେଳ ଛାଡ଼ିବା ପରେ ଦିନିକିଆ କ୍ରିକେଟ୍ କ'ଣ ହେବ ବୋଲି ଅଶ୍ୱିନ ତାଙ୍କ ୟୁଟ୍ୟୁବ ଚ୍ୟାନେଲ 'ଆଶ କି ବାତ୍'ରେ କହିଛନ୍ତି।

# ଏମ୍‌ବାପେ ଆହତ

**ପ୍ୟାରିସ,୧୧(ଏପି)**

ରିଅଲ ମାଡ୍ରିଡ୍ ଫରୱାର୍ଡ କିଲିଆନ ଏମ୍‌ବାପେଙ୍କ ବାମ ଆଣ୍ଠୁ ଆଘାତ ଲାଗିଛି। ଏ ନେଇ ସ୍ପାନିଶ କ୍ଲବ ପକ୍ଷରୁ ଗୁରୁବାର କୁହାଯାଇଛି। ତେବେ ତାଙ୍କୁ ରିକଭର କରିବା ପାଇଁ କେତେ ସମୟ ଲାଗିବ, ତାହା ସ୍ପଷ୍ଟ କରାଯାଇ ନାହିଁ। ଫ୍ରେଞ୍ଚ ସ୍ପୋର୍ଟ୍ସ ଦୈନିକ ଖବରକାଗଜ ଏଲ' ଏକ୍ୟୁପି ପ୍ରକାଶ ପାଇଥିବା ରିପୋର୍ଟରେ ସୁପରଷ୍ଟାର ଫରୱାର୍ଡ ଅତିକମ୍‌ରେ ୩ ସପ୍ତାହ ଲାଗି ଉପଲବ୍ଧ ରହିବେ ନାହିଁ ବୋଲି କୁହାଯାଇଛି। ଏଥିରେ ଦାବି କରାଯାଇଛି ଯେ, ଏମ୍‌ବାପେ ଗତ କିଛି ସପ୍ତାହ ହେଲା ଆଣ୍ଠୁ ଲିଗାମେଣ୍ଟ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବୁଧବାର ସକାଳେ ଏମ୍‌ଆରଆଇ କରାଯିବା ପରେ ତାଙ୍କୁ ବିଶ୍ରାମ ଓ ଚିକିତ୍ସା ଦରକାର ଥିବା ଜଣାପଡ଼ିଥିଲା। ଏହି ଷ୍ଟ୍ରାଇକର ଗତ ୨୦୨୫ ବର୍ଷରେ ମାଡ୍ରିଡ୍ ପାଇଁ ୫୯ ଗୋଲ କରିବା ସହିତ ଗୋଟିଏ ବର୍ଷରେ ମାଡ୍ରିଡ୍ ପାଇଁ ସର୍ବାଧିକ ଗୋଲ କରିବାର ରେକର୍ଡର ସମକକ୍ଷ ହୋଇଥିଲେ। ସମାନ ସଂଖ୍ୟକ ଗୋଲ ଗୋଟିଏ ବର୍ଷରେ କ୍ରିଷ୍ଟିଆନୋ ରୋନାଲ୍ଡୋ କରିଥିଲେ। ପ୍ୟାରିସ ସେଣ୍ଟ-ଜର୍ମେନ କ୍ଲବ ଛାଡ଼ି ୨୦୨୪ରେ ମାଡ୍ରିଡ୍‌ରେ ଯୋଗ ଦେଇଥିବା ଏମ୍‌ବପେ ଚଳିତ ସିଜନରେ ୨୯ ଗୋଲ କରିଛନ୍ତି।

# ଭାଗ ନେବ ଓଡ଼ିଶା ପୁରୁଷ ଓ ମହିଳା ଦଳ

**ଭୁବନେଶ୍ୱର,୧୧(ଅନାଦି କର)**

ଆସନ୍ତା ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବରଣାସୀଠାରେ ୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପୂରା ଦେଶର ଶ୍ରେଷ୍ଠ ଦଳ ଭାଗ ନେବେ। ଏହି ପ୍ରତିଯୋଗିତାକୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ

**ଜାତୀୟ ସିନିୟର ଭଲିବଲ ୪ରୁ**

ନାଥଙ୍କ ସହ ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଏଥିଲାଗି ଓଡ଼ିଶା ଭଲିବଲ ଆସୋସିଏଶନ ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଦଳ ପାଇଁ କୋଚିଂ କ୍ୟାମ୍ପ ଆୟୋଜନ କରାଯାଇଥିଲା।

ଗତ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ମହିଳା ଦଳ ଗ୍ରୁପ-ଏ'ରେ ସ୍ଥାନ ପାଇଛି। ଓଡ଼ିଶା ମହିଳା ଦଳରେ ସ୍ଥିତ ପ୍ରଜ୍ଞା ଜେନା, ଭୀନା କେ, ଶୃତି ଲକ୍ଷ୍ମୀ କେ ଏସ୍, କମଳେଶ କୁମାରୀ, ସ୍ନେହମୟୀ କିଶାନ, ସୁଚିସ୍ମିତା ଡିଣ୍ଡା, ଆଶ୍ୱାଥୀ ପି ଆର (ଅଧିନାୟିକା), ସଞ୍ଚାରୀ ସୁନୀଲ ଭୋୱାଟେ, ମାମାଲି ନାଗ, ବି ଅନୀଶ, ଲିପିକା ଖେସ, ଶିବାନୀ ପ୍ରିୟଦର୍ଶନୀ, ଆରତି ହେପ୍ରିକା ଓ ପାୟଲ କାଣ୍ଡି। ଦଳ ସହିତ କୋଚ୍ ଭାବେ ସଂଗୀତା ଟୋପ୍ପୋ, ଆସିଷ୍ଟାଣ୍ଟ କୋଚ୍ ଭାବେ ମନୋରଞ୍ଜନ ଜିଉ ଓ କେ ନୀଳା ରାଜୁ ଏବଂ ମ୍ୟାନେଜର ଭାବେ ରତ୍ନାକର ପ୍ରଧାନ ଯାତ୍ରା କରିବେ। ସେହିଭଳି ରାହୁଲ ବାରିକଙ୍କ ନେତୃତ୍ୱରେ ଘୋଷିତ ଓଡ଼ିଶା ପୁରୁଷ ଦଳରେ ଦୀପ୍ତିରାଜ ମିଶ୍ର, ମହସିମ ଖାନ, ରାଖାଲ କିଶୋର ଏ କେ, ଅନୀଲ କୁମାର ସେନାପତି, ଆକାଶ ସିଂ, ଗୋବିନ୍ଦ ପ୍ରସାଦ ବାରିକ, ଶୁଭ୍ରାଂଶୁ ଶେଖର ଓଝା, ମହମଦ ରାଜା, ମାନସ ପ୍ରଧାନ, ମାନସ ପାଣି, ମୋହନ ବିଶ୍ୱାଳ, ଜ୍ଞାନରଞ୍ଜନ ମହାପାତ୍ର ଓ ପ୍ରଜ୍ଞା ସାରଥି ଜେନା। କୋଚ୍ ଭାବେ ସୁଧାଂଶୁ ଭୂଷଣ ମିଶ୍ର ଦଳର ମାର୍ଗଦର୍ଶନ କରିବାକୁ ଥିବା ବେଳେ ଲୋତକ ବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ଓଝା ଆସିଷ୍ଟାଣ୍ଟ କୋଚ୍ ଭାବେ ଓ ଏସ୍ ଡି ସୋଲେମାନ ମ୍ୟାନେଜର ଭାବେ ଦଳ ସହ ଯାତ୍ରା କରିବେ।



ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ମହିଳା ହକି ଇଣ୍ଡିଆ ଲିଗ୍‌ର ଗୁରୁବାର ଶ୍ରାଚି ବେଙ୍ଗଲ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।


# ପଙ୍କଜଲୋଚନ ସଭାପତି ନିର୍ବାଚିତ

**ଭୁବନେଶ୍ୱର, ୧୧ (ବିଜୟ ରଣା)**

ଆମେଚର ବେସ୍‌ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ପଙ୍କଜଲୋଚନ ମହାନ୍ତି ସର୍ବସମ୍ମତି କ୍ରମେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ହରିୟାଣାର ଅରବିନ୍ଦ କୁମାର ସାଧାରଣ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗୋଆର ଦିଲୀପ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। କୋଷାଧ୍ୟକ୍ଷ ପଦବୀ ପାଇଁ ହୋଇଥିବା ମୁକାବିଲାରେ ତାମିଲନାଡୁର ଏସ୍. ଭେଙ୍କଟେଶ ୩୩-୧୩ ଭୋଟ ବ୍ୟବଧାନରେ ତେଲଙ୍ଗାନାର ଶ୍ୱେତାଙ୍କୁ ହରାଇ ଦେଇଥିଲେ। ସେହିପରି ୪ ଯୁଗ୍ମ ସମ୍ପାଦକ ଓ ୪ କାର୍ଯ୍ୟନିର୍ବାହୀ ସଦସ୍ୟ ୪ ବର୍ଷ କାର୍ଯ୍ୟକାଳ ପାଇଁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ୨୩ଟି ରାଜ୍ୟର ୪୬ଜଣ ସଦସ୍ୟ ଭାଗ ନେଇଥିଲେ। ଜଷ୍ଟିସ ଦେବବ୍ରତ ଦାଶ (ଅବସରପ୍ରାପ୍ତ) ରିଟର୍ନିଂ ଅଫିସର ଭାବେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପଙ୍କଜଲୋଚନ ଏହା ପୂର୍ବରୁ ୨୦୧୬ରୁ

**ବେସ୍‌ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ କର୍ମକର୍ତ୍ତା ନିର୍ବାଚନ**

୨୦୧୯ ପର୍ଯ୍ୟନ୍ତ ୩ବର୍ଷ ଧରି ମହାସଂଘର ସଭାପତି ଭାବେ ସଫଳତା ସହିତ ଦାୟିତ୍ୱ ତୁଲାଇଥିଲେ। ଏଥର ନିର୍ବାଚିତ ହେବାପରେ ଓଡ଼ିଶା ବେସ୍‌ବଲ ଆସୋସିଏଶନ ସମ୍ପାଦକ ଶିବାନନ୍ଦ ପ୍ରଧାନ ଓ ସଭାପତି ପ୍ରବୋଧ ମହାନ୍ତି ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପଙ୍କଜଲୋଚନ ମହାନ୍ତି ସଭାପତି ଭାବେ ନିର୍ବାଚିତ ହେବା ପରେ ସାଧାରଣ ସମ୍ପାଦକ ଅରବିନ୍ଦ କୁମାର ତାଙ୍କୁ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ